

କକ୍‌ଟେଲ୍ ପାଇଁ ମନା କରିଥିଲେ ରଣବୀର

▶ପୃଷ୍ଠା ୧୧ ଦେଖନ୍ତୁ...


◆ RNI REGD NO: 42041/83

◆ www.sakalaepaper.com

◆ /sakalanews

◆ /sakalanews

◆ www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-356 ◆WEDNESDAY ◆24 JUNE 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୫୬ ◆ବୁଧବାର ◆୨୪ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

# ମନ୍ତ୍ରିମଣ୍ଡଳ ଅଦଳବଦଳ ଆସନ୍ନ !

**ଆଜି ଦିନ ୧୧ଟାରେ କ୍ୟାବିନେଟ ବୈଠକ**

**ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଜର୍ଜ କୁରିଆନ**

**ମନ୍ତ୍ରିମଣ୍ଡଳରେ ଅଧିକ ମହିଳା ନେତ୍ରୀଙ୍କୁ ସୁଯୋଗ**

**ପରିବର୍ତ୍ତନ ହୋଇପାରେ ଅର୍ଦ୍ଧାଧିକ ମନ୍ତ୍ରୀଙ୍କ ବିଭାଗ**

**କ୍ୟାବିନେଟରୁ ବାଦ ପଡ଼ିବେ ଡ଼ଜନେରୁ ଊର୍ଦ୍ଧ୍ୱ ମନ୍ତ୍ରୀ**

**ଫେରି ପାରନ୍ତି ରବିଶଙ୍କର ପ୍ରସାଦ, ଅନୁରାଗ ଠାକୁର**



■ ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ଚର୍ଚ୍ଚାକୁ ନେଇ ଜାତୀୟ ରାଜନୀତି ସରଗରମ ଥିବା ବେଳେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପଦ୍ମ ସମ୍ମାନ ପ୍ରଦାନ ଉତ୍ସବ ଅବ୍ୟବହିତ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଷ୍ଟ୍ରପତିଙ୍କୁ ଭେଟି ଦୀର୍ଘ ସମୟ ଧରି ଆଲୋଚନା କରିଛନ୍ତି। କେଉଁ ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି ତାହା ସ୍ପଷ୍ଟ ହୋଇ ନ ଥିଲେ ହେଁ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ପୁନର୍ଗଠନକୁ ନେଇ ଚର୍ଚ୍ଚା ହୋଇଥିବା କୁହାଯାଉଛି। ଆସନ୍ତାକାଲି ମଧ୍ୟାହ୍ନରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକ ଡ଼କାଯିବା ସଂକ୍ରାନ୍ତରେ ସୂଚନା ମିଳିବା ପରେ ଏହି ଚର୍ଚ୍ଚା ଅଧିକ ଉଷ୍ମ ହୋଇଛି। ଏହି ସମୟରେ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହୋଇଥିବାରୁ କେନ୍ଦ୍ରମନ୍ତ୍ରୀ ଜର୍ଜ କୁରିଆନ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଦୁଇ ଜଣ କେନ୍ଦ୍ର ମନ୍ତ୍ରୀ କୁରିଆନ୍ ଓ ଆରଏସ୍ ବିଟ୍ଟୁଙ୍କର ରାଜ୍ୟସଭା କାର୍ଯ୍ୟକାଳ ଶେଷ ହୋଇଛି। ସେମାନଙ୍କ ମଧ୍ୟରୁ କୁରିଆନ୍ ଆଜି ଇସ୍ତଫା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ତାଙ୍କର ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। ତାଙ୍କର ରାଜ୍ୟସଭା ସଦସ୍ୟ ପଦ ଜୁନ୍ ୨୧ରେ ଶେଷ ହୋଇଛି। ତାଙ୍କୁ ବିଜେପି ପୁର୍ନବାର ପ୍ରାର୍ଥୀ କରି ନ ଥିବାରୁ ସେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ମନ୍ତ୍ରିମଣ୍ଡଳରେ ଅଦଳବଦଳରେ ଆହୁରି ଅନ୍ୟୂନ ଅଧ ଡ଼ଜନେ ମନ୍ତ୍ରୀ ବାଦ ପଡ଼ିପାରନ୍ତି। ହର୍ଷ ମାଲହୋତ୍ରା ଓ ପଙ୍କଜ ଚୌଧୁରୀଙ୍କୁ ଯଥାକ୍ରମେ ଦିଲ୍ଲୀ ଓ ଉତ୍ତରପ୍ରଦେଶରେ ସାଂଗଠନିକ ଦାୟିତ୍ୱ ଦିଆଯାଇଥିବାରୁ 'ଜଣେ ବ୍ୟକ୍ତି, ଗୋଟିଏ ପଦବୀ' ପରମ୍ପରାକୁ ରକ୍ଷା କରି ସେମାନଙ୍କୁ ମନ୍ତ୍ରୀ ଦାୟିତ୍ୱରୁ ଅବ୍ୟାହତି ▶ପୃଷ୍ଠା-୭

# ଟିଏମ୍‌ସିରେ ଲଢ଼େଇ ତୀବ୍ର

## ନାମ ଓ ଚିହ୍ନ ପାଇଁ ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହେଲେ ମମତା ଓ ରତବ୍ରତ



■ କୋଲକାତା, ୨୩।୬ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ କ୍ଷମତାକୁ ନେଇ ଚାଲିଥିବା କନ୍ଦଳ ଏବେ ଚରମ ସୀମାରେ ପହଞ୍ଚିଛି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଶିବିର ଏବଂ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ଦଳର ନାମ ଏବଂ ଚିହ୍ନ ଉପରେ ନିୟନ୍ତ୍ରଣ ପାଇଁ ଲଢେଇ ଏବେ ନିର୍ବାଚନ କମିସନଙ୍କ ଦ୍ୱାରରେ ପହଞ୍ଚିଛି।

ଦଳ ହାତରୁ ଖସିଯିବା ଆଗରୁ ମମତା ନିଜ ଉଦ୍ୟମ ଆରମ୍ଭ କରିଛନ୍ତି। ସୋମବାର ରାତିରେ ମମତା ନିର୍ବାଚନ କମିସନଙ୍କ ନିକଟରେ ଦଳର ଏକ ପୁନର୍ଗଠିତ ଜାତୀୟ କାର୍ଯ୍ୟକାରିଣୀ କମିଟି ଏବଂ ସାଂଗଠନିକ ଢାଞ୍ଚାର ତାଲିକା ଦାଖଲ କରିଛନ୍ତି। ତାଲିକାରେ ମମତାଙ୍କୁ ଦଳର ଅଧ୍ୟକ୍ଷା ଏବଂ ଅଭିଷେକ ବାନାର୍ଜୀ ଜାତୀୟ ସାଧାରଣ ସମ୍ପାଦକ, ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟ ସଭାପତି, ଡେରେକ ଓ'ବ୍ରାଏନ ଓ ଦୋଲା ସେନଙ୍କୁ ଯୁଗ୍ମ ସମ୍ପାଦକ ଏବଂ ଶୁଭାଶିଷ ଚକ୍ରବର୍ତ୍ତୀଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ମମତା ନିଜେ ଏହି ତାଲିକାରେ ସ୍ୱାକ୍ଷର କରି ନିର୍ବାଚନ କମିସନଙ୍କ ପାଖକୁ ପଠାଇଥିବା ଜଣା ପଡ଼ିଛି। ନିର୍ବାଚନ କମିସନଙ୍କୁ ଦିଆଯାଇଥିବା ସଂଶୋଧିତ ତାଲିକାରୁ ଜୁନ୍ ୫ରେ ଘୋଷଣା କରାଯାଇଥିବା ଜାତୀୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଅରୂପ ବିଶ୍ୱାସଙ୍କୁ ବାଦ୍ ଦିଆଯାଇଛି। ଏହା ବ୍ୟତୀତ ଫିରହାଦ ହାକିମ, ଅରୂପ ରାୟ, ଜାଭେଦ ଖାନ, ରଥିନ ଘୋଷ ଏବଂ ସାବିନା ୟାସମିନଙ୍କ ଭଳି ବିଧାୟକ ତଥା ନେତାଙ୍କୁ ▶ପୃଷ୍ଠା-୭

## ତାମିଲନାଡୁ ଗ୍ୟାସ୍ ଦୁର୍ଘଟଣାରେ ୭ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

# ଓଡ଼ିଶା ଫେରିଲା ୫ ମରଶରୀର



ସହାୟତା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧିକଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର/ ତେଲକୋଇ, ୨୩।୬ (ସମିସ): ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ ଜଣ ଓଡ଼ିଆଙ୍କର ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି। ଅନ୍ୟ ଦୁଇ ମୃତକ ହେଲେ କେନ୍ଦୁଝର ଜିଲ୍ଲାର ସଜନୀ ଜୁଆଙ୍ଗ ଓ ଜାମୁନୀ ଜୁଆଙ୍ଗ। ସଜନୀଙ୍କ ଘର ବାଂଶପାଳ ବ୍ଲକ ଅନ୍ତର୍ଗତ କୁଡ଼ିପଶା ଗ୍ରାମରେ ହୋଇଥିବା ବେଳେ ଜାମୁନିଙ୍କ ଘର ତେଲକୋଇ ବ୍ଲକ ଅନ୍ତର୍ଗତ ରଙ୍ଗମାଟିଆରେ ବୋଲି ଜଣାପଡ଼ିଛି। ଅପରପକ୍ଷେ ସୋମବାର ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିବା ବେଳେ ଏହି ରାଶିକୁ ଆଜି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏପଟେ ମଙ୍ଗଳବାର ମୃତକ ୫ଜଣଙ୍କର ମରଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ▶ପୃଷ୍ଠା-୭

# ଜୁଲାଇ ୪ରେ ଆସିବେ ଶାହା



ବିଜେପି ରାଜନୀତି ସରଗରମ

■ ଭୁବନେଶ୍ୱର, ୨୩।୬ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପରେ ଆସନ୍ତା ଜୁଲାଇ ମାସ ପ୍ରଥମାର୍ଦ୍ଧରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓଡ଼ିଶା ଆସିବେ। ଜୁଲାଇ ୪ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସ୍ଥିରୀକୃତ ହୋଇଛି। ଏହି ଅବସରରେ ସେ କିଛି ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବେ ଓ ଦଳୀୟ କାର୍ଯ୍ୟରେ ମଧ୍ୟ ଅଂଶଗ୍ରହଣ କରିବେ। ଏହାକୁ ନେଇ ରାଜ୍ୟ ବିଜେପି ରାଜନୀତି ସରଗରମ ହୋଇଛି। ଏକ ପକ୍ଷରେ ବିଜେପିର ନୂତନ ଅଧ୍ୟକ୍ଷ ନିତିନ ନବୀନ ନିଜର ନୂଆ ଟିମ୍ ଗଠନ କରିବାକୁ ଯାଉଛନ୍ତି, ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମଧ୍ୟ କେନ୍ଦ୍ର ମନ୍ତ୍ରିମଣ୍ଡଳର ପୁନର୍ଗଠନ କରିବେ ବୋଲି ଚର୍ଚ୍ଚା ହେଉଛି। ବିଜେପିର ଜାତୀୟ ଟିମ୍ ଓ କେନ୍ଦ୍ର ମନ୍ତ୍ରିମଣ୍ଡଳ ପୁନର୍ଗଠନ ପରେ ରାଜ୍ୟରେ ମନ୍ତ୍ରୀ ପରିଷଦରେ ଅଦଳବଦଳ ହେବାର ଆକଳନ କରାଯାଉଛି। ଯାହାକୁ ନେଇ ବିଜେପିରେ ହଲଚଲ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଗତ ଗସ୍ତ ▶ପୃଷ୍ଠା-୭

# 'ଇଚ୍ଛାମୃତ୍ୟୁ' ମାଗିଲେ ଯୁବ ଚାଷୀ



■ ମେଲଛାମୁଣ୍ଡା, ୨୩।୬ (ସମିସ): ଯେଉଁ ହାତ ସାରା ଦେଶକୁ ଅନ୍ନ ଯୋଗାଏ, ଆଜି ସେହି ହାତ ନିଜ ପାଇଁ ମୃତ୍ୟୁ ଭିକ୍ଷା କରୁଛି। ଧାନ ବିକ୍ରି ସମସ୍ୟା ଓ ପ୍ରଶାସନିକ ଅବହେଳା ଯୋଗୁଁ ପୁଣି ଚର୍ଚ୍ଚାରେ ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲା। ବ୍ୟବସ୍ଥାର ଚକ୍ରବ୍ୟୂହରେ ଚାପି ହୋଇ ଶେଷରେ ରାଷ୍ଟ୍ରପତିଙ୍କ ନିକଟରେ 'ଇଚ୍ଛାମୃତ୍ୟୁ' ପାଇଁ ଆବେଦନ କରିଛନ୍ତି ଜଣେ ଯୁବଚାଷୀ। ଏଭଳି ଏକ ସମ୍ବେଦନଶୀଳ ତଥା ଦୁଃଖଦ ଘଟଣା ସାମ୍ନାକୁ ଆସିଛି ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ମେଲଛାମୁଣ୍ଡା ଗ୍ରାମରୁ। ମିଳିଥିବା ସୂଚନା ଅନୁଯାୟୀ, ମେଲଛାମୁଣ୍ଡା ଗ୍ରାମର ଭରତକୃଷ୍ଣ ସାହୁଙ୍କ ପୁଅ ଗୋପାଳ ସାହୁ ଚଳିତ ରବି ଋତୁରେ କଷ୍ଟେମଷ୍ଟେ ଧାନ ଚାଷ କରିଥିଲେ। ହେଲେ ଧାନ ବିକ୍ରି ସମୟରେ ତାଙ୍କୁ ସରକାରୀ ଟୋକନ ମିଳିନଥିଲା। ଘରେ ରୋଗୀଣା ମାଆଙ୍କ ଚିକିତ୍ସା ଏବଂ ଅନ୍ୟାନ୍ୟ ଜରୁରୀ ଖର୍ଚ୍ଚ ତୁଲାଇବା ପାଇଁ ସେ ବାଧ୍ୟ ହୋଇ ଅତି କମ୍ ମୂଲ୍ୟରେ ଶାଗମାଛ ଦରରେ କିଛି ଧାନ ଖୋଲା ବଜାରରେ ବିକ୍ରି କରିଦେଇଥିଲେ। ▶ପୃଷ୍ଠା-୭






# ଝାରପଡ଼ା ଜେଲ୍‌ରେ ୫ କଏଦୀ ଅସୁସ୍ଥ; ମେଡିକାଲ୍‌ରେ ଭର୍ତ୍ତି

■ ଭୁବନେଶ୍ୱର, ୨୩।୬ (ସମିସ): ଝାରପଡ଼ା ଜେଲରେ ୫ରୁ ଊର୍ଦ୍ଧ୍ୱ କଏଦୀ ଅସୁସ୍ଥ। ଏକ ସମୟରେ ଜଣଙ୍କ ପରେ ଜଣେ ବେହେସ ହୋଇଗଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କୁ କେହି ବିଷ ଦେଇଥିବା ନେଇ ଅନୁମାନ କରାଯାଉଛି। ତେବେ ଫୁଡ୍ ପଏଜନ୍ ଯୋଗୁଁ ସମସ୍ତଙ୍କ ଦେହ ଅସୁସ୍ଥ ହେବା ନେଇ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୁମାନ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଝାରପଡ଼ା ଜେଲରେ କଏଦୀ ମାନେ ସନ୍ଧ୍ୟା ସମୟରେ ଖାଦ୍ୟ ଗ୍ରହଣ କରିଥିଲେ। ଏହାର ୩ ଘଣ୍ଟା ପରେ ସମସ୍ତେ ନିଜ ନିଜ ସେଲ୍‌କୁ ଯାଇଥିଲେ। ଏକାଧିକ ୱାର୍ଡରୁ କଏଦୀଙ୍କ ଦେହ ଅସୁସ୍ଥ ହେବା ଆରମ୍ଭ ହୋହଇଥିଲା। କଏଦୀମାନଙ୍କ ଦେହରୁ ଝାଳ ବାହାରିବା ଆରମ୍ଭ କରିଥିଲା। ଧଇଁସଇଁ ହୋଇଯାଇ ବେହୋସ ହୋଇଯାଇଥିଲେ। ସମସ୍ତଙ୍କୁ ଏକ ସଙ୍ଗରେ ହସ୍ପିଟାଲ ନିଆଯାଇଥିଲା। କେଉଁ ▶ପୃଷ୍ଠା-୭

## ମଣ୍ଡିରେ ପଡ଼ିଛି ଧାନ

# କୀଟନାଶକ ପିଇ ଜୀବନ ହାରିଲେ ଚାଷୀ



■ କୋମନା, ୨୩।୬ (ସମିସ): ମଣ୍ଡିରେ ପଡ଼ିଛି ଧାନ, ଟୋକନ ଥାଇ ମଧ୍ୟ ମିଲର ଉଠାଉନାହିଁ। ଫଳରେ ସିଏସ୍‌ଓ ଅଫିସ ସମ୍ମୁଖରେ ଅନୁଷ୍ଠିତ ଆନ୍ଦୋଳନରେ ସାମିଲ ହୋଇ ନିରାଶରେ ଫେରିବା ପରେ କୀଟନାଶକ ପିଇ ଜୀବନ ହାରିଛନ୍ତି ଜଣେ ଚାଷୀ। ଏଭଳି ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ। ମୃତ ଚାଷୀ ହେଲେ କୋମନା ବ୍ଲକ ଜଡ଼ାମୁଣ୍ଡା ଗାଁର ନେପାଳ ମାଝୀ। ଧାନ ବିକି ନପାରି ଜୀବନ ହାରିଥିବା ଆଲୋଚନା ହେଉଛି। ପ୍ରକାଶ ଯେ, ଜଡ଼ାମୁଣ୍ଡା ରବି ଧାନ ମଣ୍ଡିରେ ମେ' ୩୦ରୁ ଜୁନ୍ ୨୮ ପର୍ଯ୍ୟନ୍ତ ୩୬ କ୍ୱିଣ୍ଟାଲ ୯୬ କିଲୋଗ୍ରାମ ଧାନ ବିକିବାକୁ ନେପାଳଙ୍କ ପାଖକୁ ଟୋକନ୍ ଆସିଥିଲା। ମଣ୍ଡିରୁ ଧାନ ଉଠୁନଥିବାରୁ ଗତକାଲି ▶ପୃଷ୍ଠା-୭








## ୟୁରୋପରେ ଗ୍ରୀଷ୍ମର କରାଳ ରୂପ, ବଢୁଛି ମୃତ୍ୟୁସଂଖ୍ୟା

ପ୍ୟାରିସ/ଲଣ୍ଡନ, ୨୩।୬(ଏଜେନ୍ସି): ସମଗ୍ର ୟୁରୋପରେ ବର୍ତ୍ତମାନ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ ଫ୍ରାନ୍ସରେ ମୃତ୍ୟୁ ସଂଖ୍ୟା ବଢ଼ିବା ସହ ବ୍ରିଟେନରେ ଜୁନ୍ ମାସର ସମସ୍ତ ରେକର୍ଡ ଭାଙ୍ଗିବାକୁ ଯାଉଛି। ଫ୍ରାନ୍ସର ୫୪ଟି ଅଞ୍ଚଳ।।ରେ ରେଡ୍ ଆଲର୍ଟ ଜାରି କରାଯାଇଛି। ସେଠାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସରୁ ଅଧିକ ରହିଛି। ସରକାରୀ ସୂଚନା ଅନୁଯାୟୀ, ଫ୍ରାନ୍ସରେ ପ୍ରବଳ ଗୁଳୁଗୁଳି ଯୋଗୁଁ ଅତିକମରେ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଏକ କାର୍ ଭିତରେ ରହିଯାଇଥିବା ୨ଟି ଶିଶୁ ମଧ୍ୟ ସାମିଲ ଅଛନ୍ତି। ୟୁରୋପର ଏହି ଅସ୍ୱାଭାବିକ ପରିସ୍ଥିତି ପାଇଁ ବୈଜ୍ଞାନିକମାନେ 'ଓମେଗା ବ୍ଲକ'କୁ ଦାୟୀ କରିଛନ୍ତି। ଓମେଗା ବ୍ଲକ ସାହାରା ମରୁଭୂମିରୁ ଉଷ୍ମ ବାୟୁକୁ ୟୁରୋପ ଆଡକୁ ଟାଣୁଛି। ଫ୍ରାନ୍ସର ବୋର୍ଡିକ୍ସ ସହରରେ ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ତାପମାତ୍ରା ୪୧.୯ ଡିଗ୍ରୀ ସେଲସିୟସରେ ପହଞ୍ଚିଛି। ସେହିଭଳି ବ୍ରିଟେନରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିବା ନେଇ ପୂର୍ବାନୁମାନ କରାଯାଇଛି। ଇଟାଲୀ ମଧ୍ୟ ଏହି ପ୍ରଭାବରୁ ବର୍ତ୍ତି ନାହିଁ, ସେଠାରେ ୧୨ଟି ସହର ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି। ଏହି ଗ୍ରୀଷ୍ମ ପ୍ରବାହ କେବଳ ୟୁରୋପରେ ସୀମିତ ରହିନାହିଁ। ନେଚର କ୍ଲାଇମେଟ ଚେଞ୍ଜ ପତ୍ରିକାରେ ପ୍ରକାଶିତ ଅନୁଧ୍ୟାନ ଅନୁଯାୟୀ, ମେକ୍ସିକୋ, କେନିଆ ଏବଂ ଇଟାଲୀ ଭଳି ଦେଶଗୁଡିକରେ ଗ୍ରୀଷ୍ମ ପ୍ରବାହର ସମୟସୀମା ଗତ କିଛି ଦଶନ୍ଧି ତୁଳନାରେ ଏକରୁ ଦୁଇ ମାସ ବୃଦ୍ଧି ପାଇଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ ବର୍ତ୍ତମାନ ବିଶ୍ୱରେ ପ୍ରାୟ ୧୦୦ କୋଟିରୁ ଅଧିକ ଲୋକ ଅତିକମରେ ଗୋଟିଏ ଦିନ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଜନିତ କଷ୍ଟର ସାମ୍ନା କରୁଛନ୍ତି। ଏହି ପରିସ୍ଥିତି ୧୯୭୦ ଦଶକ ତୁଳନାରେ ଯଥେଷ୍ଟ ଅଧିକ। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ କେବଳ ଉଚ୍ଚ ତାପମାତ୍ରା ନୁହେଁ, ବରଂ ବାୟୁମଣ୍ଡଳରେ ବଢୁଥିବା ଆର୍ଦ୍ରତା ମଧ୍ୟ ମଣିଷ ପାଇଁ ମାରାତ୍ମକ ସାବ୍ୟସ୍ତ ହେଉଛି।

## ବାୟୁସେନାର ସମସ୍ତ ୩୬ଟି ରାଫେଲ୍ ସୁରକ୍ଷିତ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଅପରେସନ ସିନ୍ଦୂର ସମୟରେ ଭାରତୀୟ ବାୟୁସେନାର ରାଫେଲ୍ ଯୁଦ୍ଧବିମାନକୁ ଖସାଇଥିବା ନେଇ ପାକିସ୍ତାନ ପକ୍ଷରୁ ବାରମ୍ବାର କରାଯାଉଥିବା ମିଥ୍ୟା ପ୍ରଚାର ପୁଣିଥରେ ବିଫଳ ହୋଇଛି। ବାୟୁସେନାର ସରକାରୀ ଦସ୍ତାବେଜରୁ ପ୍ରମାଣିତ ହୋଇଛି ଯେ, ଭାରତ ପାଖରେ ଥିବା ସମସ୍ତ ୩୬ଟି ଯାକ ରାଫେଲ୍ ଯୁଦ୍ଧବିମାନ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କାର୍ଯ୍ୟକ୍ଷମ ଅଛନ୍ତି। ବାୟୁସେନା ମୁଖ୍ୟାଳୟ ପକ୍ଷରୁ ଜୁନ୍‌ରେ ଏକ 'ରିକ୍ୱେଷ୍ଟ ଫର ପ୍ରପୋଜାଲ' ଦସ୍ତାବେଜ ଜାରି ହୋଇଥିଲା। ଏଥିରେ ବାୟୁସେନା ବର୍ତ୍ତମାନ ସେବାରେ ଥିବା ସମସ୍ତ ୩୬ଟି ରାଫେଲ୍ ବିମାନ ପାଇଁ ୫ ମାସର ରକ୍ଷଣାବେକ୍ଷଣ ସହାୟତା ପାଇଁ ଆବେଦନ କରିଛି। ୨୦୧୬ରେ ଫ୍ରାନ୍ସ ସହିତ ହୋଇଥିବା ସରକାରୀ ଚୁକ୍ତି ଅନୁସାରେ ଭାରତ ୩୬ଟି ରାଫେଲ୍ ବିମାନ କିଣିଥିଲା। ଏହି ଦସ୍ତାବେଜ ସ୍ପଷ୍ଟ କରିଛି ଯେ ସମସ୍ତ ବିମାନ ବର୍ତ୍ତମାନ ମଧ୍ୟ ବାୟୁସେନାର ଅଭିନ୍ନ ଅଙ୍ଗ ହୋଇ ରହିଛି। ଅପରେସନ୍ ସିନ୍ଦୂର ସମୟରେ ଭାରତର ଏକାଧିକ ରାଫେଲ୍ ବିମାନକୁ ନଷ୍ଟ କରିଦେଇଥିବା ନେଇ ପାକିସ୍ତାନ ସରକାର ଓ ସେଠାକାର ସୋସିଆଲ ମିଡିଆ ବାରମ୍ବାର ଦାବି କରିଆସୁଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ଏହି ସାମରିକ ଅଭିଯାନ ଆରମ୍ଭ କରିଥିଲା। ତେବେ ବାୟୁସେନାର ଏହି ନୂତନ ଟେଣ୍ଡର ପାକିସ୍ତାନର ଦାବିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛି। ଏହା ପୂର୍ବରୁ ମଧ୍ୟ ପାକିସ୍ତାନ ଯେଉଁ ଟେଲ୍ ନମ୍ବର ଥିବା ବିମାନଗୁଡ଼ିକୁ ନଷ୍ଟ ହୋଇଥିବା କହିଥିଲା, ସେଗୁଡ଼ିକୁ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷମ ଅବସ୍ଥାରେ ଉଡୁଥିବାର ଦେଖିବାକୁ ମିଳିଥିଲା।

## ଦିଲ୍ଲୀରେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା; ଟ୍ୟାକ୍ସି ଚାଳକ ଗିରଫ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀର ମେହରୌଲି ଅଞ୍ଚଳରେ ଜଣେ ୧୧ ବର୍ଷର ନାବାଳିକାକୁ ଅପହରଣ, ଦୁଷ୍କର୍ମ ଏବଂ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ଜଣେ ଟ୍ୟାକ୍ସି ଚାଳକକୁ ଗିରଫ କରିଛି। ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକା ଜଣକ ନିଜ ପରିବାର ସହ ସିଡିଆର ଛକ ନିକଟସ୍ଥ ଫୁଟପାଥରେ ଶୋଇଥିଲେ। ସୋମବାର ଭୋର ପ୍ରାୟ ୬ଟାରେ ପରିବାର ଲୋକେ ଝିଅ ନିଖୋଜ ଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ସିସିଟିଭି ଫୁଟେଜ୍ ଏବଂ ତଦନ୍ତ ଆଧାରରେ ପୁଲିସ ଅଭିଯୁକ୍ତ ଟ୍ୟାକ୍ସି ଚାଳକ ବବଲୁକୁ ଗିରଫ କରିବାରେ ସଫଳ ହୋଇଥିଲା। ପୁଲିସ ଜେରା ସମୟରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଛି। ଅଭିଯୁକ୍ତର ସୂଚନା ଆଧାରରେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୀଡ଼ିତାଙ୍କ ପରିବାର ମୂଳତଃ ବିହାରର ବାସିନ୍ଦା। ପରିବାରରେ ୪ଟି ସନ୍ତାନ ଥିବାବେଳେ ପିତାମାତା ଦିନମଜୁରିଆ ଭାବେ କାମ କରନ୍ତି ଏବଂ ୧୧ ବର୍ଷର ନାବାଳିକା ଜଣକ ରାସ୍ତାରେ ବେଲୁନ୍ ବିକ୍ରି କରି ପରିବାରକୁ ସାହାଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଆର୍ଥିକ ଅଭାବ ଯୋଗୁଁ ଘରଭଡ଼ା ଦେଇ ନପାରିବାରୁ ସେମାନେ ଫୁଟପାଥରେ ରହିବାକୁ ବାଧ୍ୟ ହୋଇଥିଲେ। ପୁଲିସ ଅନୁଯାୟୀ, ଅଭିଯୁକ୍ତ ନାମରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲା ରହିଛି।

# ନିଟ୍ ପରୀକ୍ଷା ଜାଲିଆତି ରାକେଟ୍‌ରେ ଲକ୍ଷ ଲକ୍ଷ ଟଙ୍କା କାରବାର



■ ପାଟନା ଏମ୍ସ ଡାକ୍ତରୀ ଛାତ୍ର ସଂପୃକ୍ତ
■ ପରୀକ୍ଷାର୍ଥୀଙ୍କ ଠାରୁ ନେଉଥିଲେ ୪୦ ଲକ୍ଷ

ପାଟନା, ୨୩।୬(ଏଜେନ୍ସି): ବିହାରର ଲକ୍ଷ୍ମୀସରାଇ ଜିଲ୍ଲାରେ ଅନୁଷ୍ଠିତ ପୁନଃ ନିଟ୍ ପରୀକ୍ଷାରେ ପୁଣି ଜାଲିଆତି ଚେଷ୍ଟା ହୋଇଥିବା ଖବର ସାମ୍ନାକୁ ଆସିଛି। ଏମ୍ସ ପାଟନା, ପାଟନା ମେଡିକାଲ କଲେଜ ଏବଂ ହସ୍ପିଟାଲ (ପିଏମ୍‌ସିଏଚ୍) ଏବଂ ଗୟାର ଅନୁଗ୍ରହ ନାରାୟଣ ମଗଧ ମେଡିକାଲ କଲେଜ (ଏଏନ୍‌ଏମ୍‌ଏମ୍‌ସିଏଚ୍) ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ଛାତ୍ରମାନେ ଅସଲି ପରୀକ୍ଷାର୍ଥୀଙ୍କ ବଦଳରେ ଛଦ୍ମବେଶୀ ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଉଥିବା ବେଳେ ଧରାପଡ଼ିଛନ୍ତି। ଏହି ଘଟଣାରେ ପୁଲିସ ବର୍ତ୍ତମାନ ସୁଦ୍ଧା ୨୪ ଜଣଙ୍କୁ ଗିରଫ କରିଛି। ତଦନ୍ତ ଅନୁଯାୟୀ, ଏହି ଗ୍ୟାଙ୍ଗ ମେଡିକାଲରେ ଆଡମିସନ କରାଇଦେବା ପାଇଁ ଜଣେ ଜଣେ ପରୀକ୍ଷାର୍ଥୀଙ୍କଠୁ ପ୍ରାୟ ୪୦ ଲକ୍ଷ ଟଙ୍କା ଆଦାୟ କରୁଥିଲେ। ଧନୀ ପରିବାରର ପିଲାମାନଙ୍କୁ ଟାର୍ଗେଟ୍ କରି ସେମାନଙ୍କ ବଦଳରେ ପରୀକ୍ଷା ଦେବା ପାଇଁ ମେଧାବୀ ମେଡିକାଲ ଛାତ୍ର ବା 'ସଲଭର' ମାନଙ୍କୁ ନିୟୋଜିତ କରାଯାଉଥିଲା। ଏହି କାର୍ଯ୍ୟ ପାଇଁ ଆର୍ଥିକ ଅସୁବିଧାରେ ଥିବା ମେଡିକାଲ ଛାତ୍ରମାନଙ୍କୁ ୧୫ ରୁ ୨୦ ଲକ୍ଷ ଟଙ୍କାର ପ୍ରଲୋଭନ ଦେଖାଯାଥିଲା। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ଭଳି ୬ଟି ରାଜ୍ୟରୁ ଛାତ୍ରମାନଙ୍କୁ ଅଣାଯାଇଥିଲା। ତେବେ ଏହି ଜାଲିଆତି ପ୍ରକ୍ରିୟାରେ ବାୟୋମେଟ୍ରିକ୍ ସୁରକ୍ଷା ବ୍ୟବସ୍ଥାକୁ ବାଇପାସ୍ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ବାୟୋମେଟ୍ରିକ୍ ଯାଞ୍ଚ ପାଇଁ ନିୟୋଜିତ ହୋଇଥିବା 'ଇନୋଭେଟିଭ୍ ଭ୍ୟୁ' ନାମକ ଏକ ଘରୋଇ ସଂସ୍ଥାର କର୍ମଚାରୀମାନେ ଏହି ଗ୍ୟାଙ୍ଗ ସହ ସାମିଲଥିବା କୁହାଯାଇଛି। ଏହି କମ୍ପାନୀ ପୂର୍ବରୁ ଅନେକ ରାଜ୍ୟରେ ବ୍ଲାକଲିଷ୍ଟେଡ୍ ହୋଇଥିଲା। ତଥାପି ଉକ୍ତ ସଂସ୍ଥାକୁ ଏହି ଗୁରୁଦାୟିତ୍ୱ ଦିଆଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବାୟୋମେଟ୍ରିକ୍ ତଥ୍ୟ ମେଳ ନଖାଇଲେ ମଧ୍ୟ କର୍ମଚାରୀମାନେ ଜାଲ୍ ପରୀକ୍ଷାର୍ଥୀଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଉଥିଲେ। ଏହି ସଂକ୍ରାନ୍ତରେ ୧୮ ଜଣ ବାୟୋମେଟ୍ରିକ୍ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ମୁଖ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପିଏମ୍‌ସିଏଚ୍‌ର ୨୦୨୨ ବ୍ୟାଚର ତୃତୀୟ ବର୍ଷର ଏମ୍‌ବିବିଏସ୍ ଛାତ୍ର ଅଶ୍ୱିନୀ କୁମାର ରହିଛନ୍ତି। ସେ ମୟଙ୍କ କାଶ୍ୟପ ନାମରେ ଏକ ଜାଲ୍ ପରିଚୟ ପତ୍ର ବ୍ୟବହାର କରୁଥିଲେ। ପରୀକ୍ଷା କେନ୍ଦ୍ରରେ ବାୟୋମେଟ୍ରିକ୍ ଯାଞ୍ଚ କର୍ମଚାରୀ ଭାବେ ରହି ସେ ପରୀକ୍ଷାର୍ଥୀଙ୍କୁ ସାହାଯ୍ୟ କରୁଥିଲେ। ଏପରିକି ପରୀକ୍ଷା ଦିନ ତାଙ୍କର କଲେଜରେ ଉପସ୍ଥାନ ଥିବା ଦେଖାଯାଇଛି। ଫଳରେ କଲେଜ ଭିତରେ ମଧ୍ୟ କେହି ତାଙ୍କୁ ସାହାଯ୍ୟ କରୁଥିବା ସନ୍ଦେହ ହୋଇଛି। ସେହିପରି ଅନ୍ୟଜଣେ ପଶ୍ଚିମବଙ୍ଗର ଜଳପାଇଗୁଡି ମେଡିକାଲ କଲେଜର ଛାତ୍ର ସଲଭର ମନ୍ତୋଷ କୁମାର ପରୀକ୍ଷା ଦେବାକୁ ଆସି ଧରାପଡ଼ିଥିଲେ। ଲକ୍ଷ୍ମୀସରାଇ ଏସପି ପ୍ରେରଣା କୁମାର କହିଛନ୍ତି ଯେ ଏହି ନେଟୱାର୍କ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀ ସମେତ ଅନେକ ରାଜ୍ୟକୁ ବ୍ୟାପିଛି। ବର୍ତ୍ତମାନ ଏହି ମାମଲାକୁ ଅଧିକ ତଦନ୍ତ ପାଇଁ ଅର୍ଥନୈତିକ ଅପରାଧ ଶାଖାକୁ ହସ୍ତାନ୍ତର କରାଯାଇଛି। ବିଭିନ୍ନ ମେଡିକାଲ କଲେଜର ଅଧ୍ୟକ୍ଷମାନେ ମଧ୍ୟ ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ଛାତ୍ରମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ସ୍କାମ୍ ସାମ୍ନାକୁ ଆସିବା ପରେ ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନିର୍ବାଚନ ଫଳାଫଳକୁ ଚାଲେଞ୍ଜ: କୋର୍ଟ ଗଲେ ମମତା

ସିସିଟିଭି ଫୁଟେଜ୍ ଏବଂ ଇଭିଏମ୍ ସଂରକ୍ଷିତ ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ



କୋଲକାତା, ୨୩।୬(ଏଜେନ୍ସି): ନିର୍ବାଚନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରାଜୟ ପରେ ନିର୍ବାଚନ ଫଳାଫଳ ନେଇ କଲିକତା ହାଇକୋର୍ଟରେ ମାମଲା ଦାୟର ହୋଇଛି। ଏନେଇ ଭବାନୀପୁର ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ପ୍ରକ୍ରିୟା ସହ ଜଡିତ ସମସ୍ତ ସିସିଟିଭି ଫୁଟେଜ୍, ଇଭିଏମ୍ ଏବଂ ଭିଭିପାଟ୍ ମେସିନଗୁଡ଼ିକୁ ସୁରକ୍ଷିତ ଭାବେ ସଂରକ୍ଷିତ ରଖିବା ପାଇଁ ହାଇକୋର୍ଟ ମଙ୍ଗଳବାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମମତା ନିଜର ପାରମ୍ପରିକ ଆସନ ଭବାନୀପୁରରୁ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ୧୫, ୧୦୫ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲେ। ଏହି ଫଳାଫଳକୁ ଚ୍ୟାଲେଞ୍ଜ କରି ମମତା ଏକ ନିର୍ବାଚନ ପିଟିସନ ଦାୟର କରିଥିଲେ। ସେଥିରେ ସେ ଭୋଟ୍ ଗଣତି ସମୟରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ମମତାଙ୍କ ଓକିଲ କଲ୍ୟାଣ ବାନାର୍ଜୀ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ୧୨ତମ ରାଉଣ୍ଡ ଗଣତି ପର୍ଯ୍ୟନ୍ତ ମମତା ଆଗୁଆ ଥିଲେ। କିନ୍ତୁ ପରେ ପରିଣାମ ହଠାତ୍ ବଦଳି ଯାଇଥିଲା। ଏପରିକି ଟିଏମ୍‌ସିର ଗଣତି ଏଜେଣ୍ଟମାନଙ୍କୁ ମାଡ଼ ମରାଯିବା ସହ ସେମାନଙ୍କୁ ଜୋର ଜବରଦସ୍ତ ଗଣତି କେନ୍ଦ୍ରରୁ ବାହାର କରି ଦିଆଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସମସ୍ତ ଘଟଣା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି ବୋଲି ଦାବି କରାଯାଇଛି। ଜଷ୍ଟିସ୍ ଗୌରାଙ୍ଗ କାନ୍ତ ଏହି ମାମଲାର ଶୁଣାଣି କରି ପ୍ରମାଣଗୁଡ଼ିକୁ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ତୁରନ୍ତ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଇ ୪ରେ ଗଣତି କେନ୍ଦ୍ର ଏବଂ ଗଣତି ହଲ୍ ଭିତରେ ଓ ବାହାରେ ରେକର୍ଡ ହୋଇଥିବା ସମସ୍ତ ସିସିଟିଭି ଫୁଟେଜ୍ ସଂରକ୍ଷିତ ରଖାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭବାନୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ହୋଇଥିବା ସମସ୍ତ ଇଭିଏମ୍ କଣ୍ଟ୍ରୋଲ୍ ୟୁନିଟ୍ ଏବଂ ବାଲଟ୍ ୟୁନିଟ୍ ସୁରକ୍ଷିତ ରଖାଯିବ, ନିର୍ବାଚନରେ ବ୍ୟବହୃତ ସମସ୍ତ ଭିଭିପାଟ୍ ମେସିନଗୁଡ଼ିକୁ ମଧ୍ୟ ହେପାଜତରେ ରଖାଯିବ ବୋଲି କୋର୍ଟ ରାୟ ଦେଇଛନ୍ତି। ଏହାସହ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, କୋର୍ଟଙ୍କ ବିନା ଅନୁମତିରେ ଏହି ସାମଗ୍ରୀଗୁଡ଼ିକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ, ପୁନର୍ବାର ବ୍ୟବହାର କରାଯାଇପାରିବ ନାହିଁ କିମ୍ବା ସେଥିରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ।

## ବାହାଘର ପୂର୍ବରୁ ଯୁବକଙ୍କୁ ହତ୍ୟା କଲା ପ୍ରେମିକା

ପୁଣେ, ୨୩।୬ (ଏଜେନ୍ସି): ମହାରାଷ୍ଟ୍ରର ପୁଣେସ୍ଥିତ ଐତିହାସିକ ଲୋହଗଡ଼ ଦୁର୍ଗରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ଚାଞ୍ଚଲ୍ୟକର ରହସ୍ୟ ସାମ୍ନାକୁ ଆସିଛି। ପ୍ରଥମେ ଏକ ଦୁର୍ଘଟଣା ବୋଲି କୁହାଯାଉଥିବା ଏହି ଘଟଣା ପ୍ରକୃତରେ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ୨୫ ବର୍ଷୀୟ କେତନ ବିଶାଳ ଅଗ୍ରୱାଲଙ୍କୁ ତାଙ୍କ ନିର୍ବନ୍ଧ ସରିଥିବା ଭାବି ପତ୍ନୀ ସିୟା ଗୋୟଲ ଏବଂ ତାଙ୍କ ପ୍ରେମୀ ଚେତନ ଚୌଧୁରୀ ମିଶି ଦୁର୍ଗରୁ ୩୫୦ ଫୁଟ୍ ଗଭୀର ଖାଇକୁ ଠେଲି ହତ୍ୟା କରିଥିବା ଅଭିଯୋଗରେ ପୁଲିସ ଉଭୟଙ୍କୁ ଗିରଫ କରିଛି।



ତଦନ୍ତ ଅନୁଯାୟୀ, ୨୦ ବର୍ଷୀୟା ସିୟା ନିଜ ପରିବାର ଦ୍ୱାରା ଠିକ୍ କରାଯାଇଥିବା କେତନଙ୍କୁ ବିବାହ କରିବାକୁ ଚାହୁଁନଥିଲେ। ତାଙ୍କର ୨୨ ବର୍ଷୀୟ ଚେତନ ଚୌଧୁରୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ତେଣୁ ଉଭୟ କେତନଙ୍କୁ ସେମାନଙ୍କ ସମ୍ପର୍କର ଏକ ବଡ଼ ପ୍ରତିବନ୍ଧକ ବୋଲି ଭାବୁଥିଲେ। ଶେଷରେ ସେ ଚେତନଙ୍କ ସହ ମିଶି କେତନଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଜୁନ୍ ୧୮ ରେ ଘଟିଥିବା ଏହି ଘଟଣା ପ୍ରକୃତରେ ହତ୍ୟା ପାଇଁ ସେମାନଙ୍କର ଦ୍ୱିତୀୟ ପ୍ରୟାସ ଥିଲା ବୋଲି ପୁଲିସ କହିଛି। ଏହା ପୂର୍ବରୁ ଜୁନ୍ ୧୪ରେ ମଧ୍ୟ ସେମାନେ ଲୋହଗଡ଼ ଦୁର୍ଗରେ କେତନଙ୍କୁ ସର୍ପାଘାତର ଭୟ ଦେଖାଇ ଖାଇକୁ ଠେଲିଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେହି ସମୟରେ କେତନ ବଞ୍ଚିଯାଇଥିଲେ। ସିୟା ଏହି ଘଟଣାକୁ ଏକ ଦୁର୍ଘଟଣାର ରୂପ ଦେବାକୁ ବହୁ ଚେଷ୍ଟା କରିଥିଲେ। ଏପରିକି ବିବାହ ପୂର୍ବରୁ ବାଲି ଯିବାର ଯୋଜନାକୁ ବାତିଲ କରିବାକୁସେ ନିଜ ପାସପୋର୍ଟକୁ ହୋଟେଲର ଶୌଚାଳୟରେ ଫୋପାଡ଼ି ଦେଇଥିଲେ। ଘଟଣା ଦିନ ସିୟାଙ୍କ ଜନ୍ମଦିନ ପାଳନ ପାଇଁ ସେମାନେ ଦୁର୍ଗକୁ ଯାଇଥିଲେ। କେତନ ଫଟୋ ଉଠାଉଥିବା ସମୟରେ ଭାରସାମ୍ୟ ହରାଇ ଖସିପଡ଼ିଥିବା ସିୟା ଦାବି କରିଥିଲେ। ମାତ୍ର ପଚରାଉଚରା ସମୟରେ ତାଙ୍କ ଉପରେ ସନ୍ଦେହ ଜାତ ହୋଇଥିଲା। ମୋବାଇଲ୍ ଫୋନ୍ ରେକର୍ଡ ତଥା ସୋସିଆଲ ମିଡିଆ ଯାଞ୍ଚ ପରେ ହତ୍ୟାକାଣ୍ଡର ରହସ୍ୟ ଖୋଲିଥିଲା। ସିୟା ଏବଂ ଚେତନଙ୍କ ମଧ୍ୟରେ ଥିବା ସମ୍ପର୍କ ଏବଂ ହତ୍ୟା ଯୋଜନାର ଡିଜିଟାଲ ପ୍ରମାଣ ପୁଲିସକୁ ମିଳିଛି। ବର୍ତ୍ତମାନ ପୁଲିସ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି।

# ବୁଝାମଣା ସତ୍ତ୍ୱେ ହର୍ମୁଜ ଅନିଶ୍ଚିତତା



■ ସମୁଦ୍ର ପଥ ଖୋଲା ରହିବ: ଟ୍ରମ୍ପ
■ ଅବରୋଧ ପାଇଁ ମଧ୍ୟ ପ୍ରସ୍ତୁତ

ୱାସିଂଟନ୍, ୨୩।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର କହିଛନ୍ତି ଯେ ହର୍ମୁଜ ପ୍ରଣାଳୀକୁ ବର୍ତ୍ତମାନ ପାଇଁ ଖୋଲା ରଖାଯିବ ଏବଂ କୌଣସି ନୌସେନା ଅବରୋଧ କରାଯିବ ନାହିଁ। ଇରାନ ସହ ଆଣବିକ ଆଲୋଚନା ସକାରାତ୍ମକ ଭାବେ ଆଗକୁ ବଢୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍‌ରେ ପ୍ରକାଶ କରିଛନ୍ତି ଯେ, ଇରାନ ଭବିଷ୍ୟତ ପାଇଁ ଉଚ୍ଚସ୍ତରୀୟ ଆଣବିକ ଯାଞ୍ଚ ପାଇଁ ସମ୍ପୂର୍ଣ୍ଣ ଭାବେ ରାଜି ହୋଇଛି। ଏହାଦ୍ୱାରା ଆଣବିକ ସ୍ୱଚ୍ଛତା ବଜାୟ ରହିବ। ଇରାନ ଏହି ସର୍ତ୍ତରେ ସମ୍ମତି ପ୍ରକାଶ କରିନଥିଲେ ଆଗକୁ କୌଣସି ଆଲୋଚନା ହୋଇନଥାନ୍ତା ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଇରାନ ସହ ହୋଇଥିବା ବୁଝାମଣାକୁ ସେ ଏକ ବଡ଼ କୂଟନୈତିକ ବିଜୟ ବୋଲି ଅଭିହିତ କରିଛନ୍ତି। ଇରାନରେ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟକୁ ଦୃଷ୍ଟିରେ ରଖି ଟ୍ରମ୍ପ ଏକ ସହାୟତା ବ୍ୟବସ୍ଥା ବିଷୟରେ ଜଣାଇଛନ୍ତି। ଆମେରିକା ଟ୍ରେଜେରି ଦ୍ୱାରା ମୁକ୍ତ କରାଯାଇଥିବା ଅର୍ଥ ସିଧାସଳଖ ଇରାନକୁ ନଯାଇ ଆମେରିକା ପ୍ରଶାସନର ନିୟନ୍ତ୍ରଣରେ ଥିବା ଏକ ଏସ୍କ୍ରୋ ଆକାଉଣ୍ଟରେ ରହିବ। ଏହି ଅର୍ଥ କେବଳ ଆମେରିକୀୟ ଚାଷୀଙ୍କଠାରୁ ଖାଦ୍ୟଶସ୍ୟ ଏବଂ ଔଷଧ କିଣିବା ପାଇଁ ବ୍ୟବହୃତ ହେବ। ଇତିମଧ୍ୟରେ ହର୍ମୁଜ ଦେଇ ଗତ ସୋମବାର ରେକର୍ଡସ୍ତରୀୟ ୧୯ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ପରିବହନ ହୋଇଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଉଥିବା ବେଳେ ବିଶ୍ୱ ବଜାରରେ ସୁରକ୍ଷା ଭାବନା ବୃଦ୍ଧି ପାଇଛି ବୋଲି ଟ୍ରମ୍ପ କହିଛନ୍ତି। ତଥାପି ଆବଶ୍ୟକ ପଡ଼ିଲେ ନୌସେନା ପୁଣି ଥରେ ଅବରୋଧ କରିବା ପାଇଁ ସଜାଗ ରହିଛି। ଅନ୍ୟପଟେ, ଓମାନ ଏବଂ ଇରାନ ଏକ ମିଳିତ ବିବୃତି ଜାରି କରି ହର୍ମୁଜ ପ୍ରଣାଳୀକୁ ଅନ୍ତର୍ଜାତୀୟ ଜଳପଥ ଭାବେ ସୁରକ୍ଷିତ ଏବଂ ଖୋଲା ରଖିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉଭୟ ଦେଶ ଏହି ଜଳପଥ ଉପରେ ନିଜର ସାର୍ବଭୌମତ୍ୱ ଦାବି କରିବା ସହ ଭବିଷ୍ୟତରେ ଏହାର ପରିଚାଳନା ପାଇଁ ଏକ ନୂତନ ଢାଞ୍ଚା ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି।

## ଇସ୍ରାଏଲ୍ ସହ ସମ୍ପର୍କ: ଇରାନରେ ୩୨୦୦ରୁ ଅଧିକ ଗିରଫ, ସମ୍ପତ୍ତି ବ୍ୟାଜାପ୍ତ

ତେହେରାନ, ୨୩।୬(ଏଜେନ୍ସି): ଇସ୍ରାଏଲକୁ ସାହାଯ୍ୟ କରିବା ଅଭିଯୋଗରେ ଇରାନ ସରକାର ନିଜ ଦେଶର ନାଗରିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶତ୍ରୁ ଦେଶ ପାଇଁ କାମ କରୁଥିବା ଏବଂ ସରକାର ବିରୋଧୀ ଅପପ୍ରଚାର ଚଳାଇଥିବା ଅଭିଯୋଗରେ ୩, ୨୯୨ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଇରାନର ନ୍ୟାୟିକ ବିଭାଗ ସୂଚନା ଦେଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ୬୮୪ ଜଣଙ୍କ ବିରୋଧରେ ଇସ୍ରାଏଲ୍ ପାଇଁ ସାମରିକ ଗତିବିଧିରେ ସହଯୋଗ କରିଥିବାର ଗୁରୁତର ଅଭିଯୋଗ ରହିଛି। ଏଥିସହିତ ୧, ୨୫୮ ଜଣଙ୍କ ଉପରେ ରାଷ୍ଟ୍ର ବିରୋଧୀ ରାଜନୈତିକ ପ୍ରୋପାଗାଣ୍ଡା ବା ଅପପ୍ରଚାର କରିଥିବା ଅଭିଯୋଗ ହୋଇଛି। ଏପର୍ଯ୍ୟନ୍ତ ୧, ୦୬୧ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଛି। ସରକାର ଶତାଧିକ ସନ୍ଦିଗ୍ଧଙ୍କ ସମ୍ପତ୍ତିକୁ ମଧ୍ୟ ବ୍ୟାଜାପ୍ତ କରିଛନ୍ତି। ଗତ ସପ୍ତାହରେ ଇସଫାହାନ ପ୍ରଦେଶରେ ପ୍ରାୟ ୧୦୦ ଜଣ ବ୍ୟକ୍ତିଙ୍କ ସମ୍ପତ୍ତି ସରକାର ନିଜ ଅକ୍ତିଆରକୁ ନେଇଛନ୍ତି। ଚଳିତ ବର୍ଷ ଜାନୁଆରୀରେ ଇରାନରେ ବ୍ୟାପକ ସରକାର ବିରୋଧୀ ଆନ୍ଦୋଳନ ହୋଇଥିଲା। ଏହାପରେ ଦମନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ହୋଇଥିବା ଗିରଫଦାରି ତାହାର ଅଂଶବିଶେଷ ବୋଲି କୁହାଯାଇଛି। ସେତେବେଳେ ପ୍ରାୟ ୫୦, ୦୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିଲା। ଇରାନର ବିପ୍ଳବୀ ଗାର୍ଡ ଦାବି କରିଛି ଯେ, ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ବିମାନ ଆକ୍ରମଣ ସମୟରେ ଏହି ବ୍ୟକ୍ତିମାନେ ସେମାନଙ୍କୁ ଗୁପ୍ତ ତଥ୍ୟ ଯୋଗାଇ ସହାୟତା କରୁଥିଲେ। ଅନ୍ୟପଟେ, ଅନ୍ତର୍ଜାତୀୟ ମାନବାଧିକାର ସଂଗଠନଗୁଡ଼ିକ ଇରାନର ଏହି ପଦକ୍ଷେପକୁ କଠୋର ସମାଲୋଚନା କରିଛି। ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ୍ କହିଛି ଯେ, ଇରାନ ଯୁଦ୍ଧର ଆଳ ଦେଖାଇ ନିଜ ଦେଶର ବିରୋଧୀ ସ୍ୱରକୁ ଚାପିବା ପାଇଁ ବେଆଇନ ଗିରଫଦାରି ଏବଂ କଠୋର ଦଣ୍ଡାଦେଶ ପ୍ରଦାନ କରୁଛି। ନରୱେ ସ୍ଥିତ 'ଇରାନ ହ୍ୟୁମାନ ରାଇଟ୍ସ ଗ୍ରୁପ୍'ର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜୁନ୍ ୮ ସୁଦ୍ଧା ଅତିକମରେ ୪୦ ଜଣ ବନ୍ଦୀଙ୍କୁ ରାଜନୈତିକ ଅଭିଯୋଗରେ ଫାଶୀ ଦିଆଯାଇଛି।



# ଦୁଇ ମିନିଟ୍ ବିଳମ୍ବ ପାଇଁ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଧୂଳିସାତ୍

ପୁନଃ ନିଟ୍ ପରୀକ୍ଷା

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଭାରତର ସବୁଠାରୁ କଠିନ ପ୍ରବେଶିକା ପରୀକ୍ଷା ମଧ୍ୟରୁ ଅନ୍ୟତମ ନିଟ୍। ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବିଭ୍ରାଟର ମାସେ ପରେ ପୁନଃ ନିଟ୍ ପରୀକ୍ଷାକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା। ପେପର ଲିକ୍ ବିବାଦ ପରେ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)କୁ ପରୀକ୍ଷା ପରିଚାଳନା ପାଇଁ ଦ୍ୱିତୀୟ ସୁଯୋଗ ମିଳିଥିବା ବେଳେ, ମାତ୍ର କିଛି ମିନିଟ୍ ବିଳମ୍ବରେ ପହଞ୍ଚିଥିବା ଅନେକ ଛାତ୍ରଛାତ୍ରୀଙ୍କୁ କିନ୍ତୁ କୌଣସି ସୁଯୋଗ ଦିଆଯାଇ ନାହିଁ। ଶନିବାର ଏନ୍‌ଟିଏ ପକ୍ଷରୁ ଭାରତ ଓ ବିଦେଶର ୫, ୪୦୦ ରୁ ଅଧିକ କେନ୍ଦ୍ରରେ ପ୍ରାୟ ୨୨.୭ ଲକ୍ଷ ପ୍ରାର୍ଥୀଙ୍କ ପାଇଁ ଏହି ପୁନଃ ପରୀକ୍ଷା ଆୟୋଜିତ ହୋଇଥିଲା। ପେପର ଲିକ୍ ପରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଏଥର ଏଆଇ ମନିଟରିଂ, ବାୟୋମେଟ୍ରିକ ଯାଞ୍ଚ ଏବଂ ପ୍ରାୟ ୫୦, ୦୦୦ ଜାମର ବ୍ୟବହାର ସହ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା ନିୟମ ଅନୁସାରେ ଦିନ ୧.୩୦ ସୁଦ୍ଧା ଗେଟ୍ ବନ୍ଦ ହେବାର ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ ବର୍ଷା, ଟ୍ରାଫିକ୍ ଜାମ୍ କିମ୍ବା ଗାଡି ପଙ୍କଚର ଭଳି ଅପ୍ରତ୍ୟାଶିତ କାରଣ ଯୋଗୁଁ ମାତ୍ର ୨ ରୁ ୫ ମିନିଟ୍ ବିଳମ୍ବରେ ପହଞ୍ଚିଥିବା ଛାତ୍ରଛାତ୍ରୀଙ୍କୁ ଭିତରକୁ ପ୍ରବେଶ ଅନୁମତି ମିଳିନଥିଲା। ମଧ୍ୟପ୍ରଦେଶର ବିଦିଶାରେ ଜଣେ ଛାତ୍ରୀ ବର୍ଷା ଓ ମୋଟରସାଇକେଲ ପଙ୍କଚର ଯୋଗୁଁ ମାତ୍ର ୨ ମିନିଟ୍ ବିଳମ୍ବରେ ପହଞ୍ଚିଥିଲେ। ତାଙ୍କ ପିତା ପରୀକ୍ଷା କେନ୍ଦ୍ର ବାହାରେ କାନ୍ଦି କାନ୍ଦି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଶେଷରେ ବାୟୋମେଟ୍ରିକ ଲକ୍ ହୋଇଯିବା କାରଣରୁ ଛାତ୍ରୀଜଣକ ପରୀକ୍ଷା ଦେଇପାରିନଥିଲେ। ସେହିପରି ତେଲେଙ୍ଗାନା ଜଗିତିଆଲ ଜିଲ୍ଲାରୁ ଆସିଥିବା ଏକ ଭିଡିଓରେ ଜଣେ ମା' ନିଜ ଝିଅ ପାଇଁ ସୁରକ୍ଷା କର୍ମୀଙ୍କ ପାଦ ତଳେ ପଡ଼ି ନେହୁରା ହେଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବେଙ୍ଗାଲୁରୁରେ ଟ୍ରାଫିକ୍ ଯୋଗୁଁ ବିଳମ୍ବ ହେବାରୁ କିଛି ଛାତ୍ରୀ ଗେଟ୍ ଡେଇଁ ପ୍ରବେଶ କରିବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି। ସେହିପରି ମୋରାଦାବାଦରେ ଗୁଗଲ୍ ମ୍ୟାପ୍‌ର ଭୁଲ୍ ନିର୍ଦ୍ଦେଶ ଯୋଗୁଁ ଅନେକ ପରୀକ୍ଷାର୍ଥୀ ଠିକ୍ ସମୟରେ କେନ୍ଦ୍ରରେ ପହଞ୍ଚିପାରି ନଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଅଭିଭାବକ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପରୀକ୍ଷା ପ୍ରଣାଳୀର ତ୍ରୁଟି ଯୋଗୁଁ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମାସେରୁ ଅଧିକ ସମୟ ଅପେକ୍ଷା କରାଯାଇ ପାରିଲା। କିନ୍ତୁ ପରୀକ୍ଷାର୍ଥୀଙ୍କ ପାଇଁ ମାତ୍ର ୨ ମିନିଟ୍ ସମୟ ସହ କୋହଳ କରାଗଲା ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି।

## ଛତିଶଗଡ଼ରୁ ଆସୁନି ଟୋପେ ବି ପାଣି

# ମୃତ୍ୟୁଶଯ୍ୟାରେ ମହାନଦୀ



ଅମ୍ବାଭୋନା, ୨୩।୬ (ସମିସ): ଓଡ଼ିଶାର ଜୀବନରେଖା ମହାନଦୀ ଏବେ ଗୁରୁତର ଜଳ ସଂକଟ ଦେଇ ଗତି କରୁଛି। ବର୍ଷା ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ଛତିଶଗଡ଼ରୁ ଆବଶ୍ୟକ ପରିମାଣର ଜଳ ପ୍ରବାହ ହେଉନଥିବାରୁ ଓଡ଼ିଶା ସୀମାରେ ନଦୀର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଯେଉଁ ମହାନଦୀ ଦିନେ ଲୋକଙ୍କ ଜୀବିକା, କୃଷି, ମତ୍ସ୍ୟଚାଷ ଓ ପାନୀୟ ଜଳର ପ୍ରମୁଖ ଉତ୍ସ ଥିଲା, ସେହି ନଦୀ ଆଜି ଅନେକ ସ୍ଥାନରେ ଶୁଖିଲା ବାଲୁକା ଶଯ୍ୟାରେ ପରିଣତ ହୋଇଛି।

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଭୈନାତୋରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିଖିଲି ନିକଟରେ ମହାନଦୀ ଓଡ଼ିଶାକୁ ପ୍ରବେଶ କରିଥାଏ। ଏହି ସ୍ଥାନରେ ବର୍ତ୍ତମାନ ନଦୀର ଜଳସ୍ତର ଅସ୍ୱାଭାବିକ ଭାବରେ ହ୍ରାସ ପାଇଥିବା ଦେଖି ସ୍ଥାନୀୟ ଲୋକେ ଚିନ୍ତିତ

### ଭୂତଳ ଜଳସ୍ତର ହ୍ରାସକୁ ନେଇ ବଢ଼ୁଛି ଚିନ୍ତା

ହୋଇପଡ଼ିଛନ୍ତି। ଗ୍ରୀଷ୍ମ ଋତୁରେ ମଧ୍ୟ ଯେଉଁଠାରେ ୨୦ରୁ ୨୫ ଫୁଟ ପର୍ଯ୍ୟନ୍ତ ପାଣି ରହୁଥିଲା, ସେଠାରେ ଏବେ ବାଲିଚର ଓ ଶୁଖିଲା ନଦୀପଠା ଦେଖିବାକୁ ମିଳୁଛି। ଉପରମୁଣ୍ଡରେ କଲମା, ସାରାଡିହି, ମରୋନି ଓ ବସନ୍ତପୁର ଅଞ୍ଚଳରେ ଏକାଧିକ ବ୍ୟାରେଜ, ଆନିକଟ ଓ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରି ମହାନଦୀର ସ୍ୱାଭାବିକ ଜଳ ପ୍ରବାହକୁ ଅଟକାଇ ରଖିଛି ଛତିଶଗଡ଼। ଏହି ପ୍ରକଳ୍ପଗୁଡ଼ିକରୁ ଶିଳ୍ପ ପ୍ରତିଷ୍ଠାନକୁ ବ୍ୟାପକ ପରିମାଣରେ ଜଳ ଯୋଗାଣ କରାଯାଉଥିବାରୁ ତଳମୁଣ୍ଡରେ ଥିବା ଓଡ଼ିଶା ଅଞ୍ଚଳ ଜଳ ସଙ୍କଟର ସମ୍ମୁଖୀନ ହେଉଛି। ଏହି ପ୍ରସଙ୍ଗରେ ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଚାଲିଥିବା ବେଳେ ମାମଲା ସୁପ୍ରିମକୋର୍ଟ ଏବଂ ମହାନଦୀ ଟ୍ରିବ୍ୟୁନାଲର ବିଚାରାଧୀନ ରହିଛି।

ମହାନଦୀର ଜଳସ୍ତର ହ୍ରାସ ପାଇବା ଯୋଗୁଁ ଚିଖିଲି, ମହୁଲପାଲି, ପଥରାସେନୀ, ଲାଉନସରା, ତାମଦେଇ, ଜରିମୁଲି, ଗୋବିନ୍ଦପୁର ଏବଂ କୁରୁମକେଲ ଭଳି ନଦୀକୂଳିଆ ଗ୍ରାମଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ପାନୀୟ ଜଳ ଅଭାବ ସହ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ପାଣି ଯୋଗାଡ଼ କଷ୍ଟସାଧ୍ୟ ହୋଇପଡ଼ିଛି। ନଦୀ ଉପରେ ନିର୍ଭର କରୁଥିବା ଶତାଧିକ ମତ୍ସ୍ୟଜୀବୀ ପରିବାରଙ୍କ ଜୀବିକା ଏବେ ବିପଦରେ। ନଦୀରେ ପାଣି କମିଯିବାରୁ ମାଛ ସଂଖ୍ୟା ହ୍ରାସ ପାଉଥିବା ବେଳେ ମତ୍ସ୍ୟଜୀବୀ ରୋଜଗାର ହରାଇବାକୁ ବସିଛନ୍ତି। ସେହିପରି ନଦୀ ପଠାରେ ତରଭୁଜ, କାକୁଡ଼ି, ବଙ୍ଗଳା ଓ ବିଭିନ୍ନ ପନିପରିବା ଚାଷ କରୁଥିବା ଚାଷୀମାନେ ମଧ୍ୟ ଜଳ ଅଭାବ ଯୋଗୁଁ ଚାଷ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରଭାବ କେବଳ ନଦୀ ମଧ୍ୟରେ ସୀମିତ ରହିନାହିଁ। ଅମ୍ବାଭୋନା ବ୍ଲକର ଭୂତଳ ଜଳସ୍ତର ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ଅନେକ ଗଭୀର ନଳକୂପରେ ଜଳସ୍ତର କମିବା ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପାନୀୟ ଜଳ ସଂକଟ ଆହୁରି ଉତ୍କଟ ହେବ।

ଅନ୍ୟପଟେ ମହାନଦୀର ଜଳ ଉପରେ ନିର୍ଭର କରୁଥିବା ଚିଖିଲି, ଜାମପାଲି ଓ ତାମଦେଇ ପାର୍ବତୀ ମେଗା ଉଠା ଜଳସେଚନ ପ୍ରକଳ୍ପ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ବଢ଼ିଛି। ସେହିପରି ଅମ୍ବାଭୋନା, ଭଟଲି ଓ ସୋହେଲା ବ୍ଲକରେ କାର୍ଯ୍ୟକାରୀ ହେଉଥିବା "ହର ଘର ଜଳ' ଯୋଜନାର ଭବିଷ୍ୟତ ଜଳ ଯୋଗାଣ ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

## ପଦ୍ମଶ୍ରୀ ଗ୍ରହଣ କଲେ ୩ ଓଡ଼ିଆ





ଭୁବନେଶ୍ୱର,୨୩।୬ (ସମିସ): ସାହିତ୍ୟ, ଶିକ୍ଷା ଓ କଳା କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ୩ଜଣ ଓଡ଼ିଆଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଭବନରେ ଆୟୋଜିତ ପଦ୍ମ ପୁରସ୍କାର ସମାରୋହରେ ଓଡ଼ିଶାରୁ ଚରଣ ହେମ୍ବ୍ରମ୍, ସୀମାଞ୍ଚଳ ପାତ୍ର ଏବଂ ଶରତ କୁମାର ପାତ୍ରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଚରଣ ହେମ୍ବ୍ରମ ହେଉଛନ୍ତି ସାନ୍ତାଳୀ ଗବେଷକ ଓ ଶିକ୍ଷାବିତ୍। ସାନ୍ତାଳୀ 'ଅଲଚିକି' ଲିପିର ପ୍ରସାର କ୍ଷେତ୍ରରେ ଅବଦାନ ସହ ଆଦିବାସୀ ଶିକ୍ଷା ଓ ସଂସ୍କୃତିର ସୁରକ୍ଷା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଗଞ୍ଜାମର ପ୍ରସିଦ୍ଧ ପ୍ରହଲ୍ଲାଦ ନାଟକର ପ୍ରବୀଣ କଳାକାର ସୀମାଞ୍ଚଳ ପାତ୍ର ପାରମ୍ପରିକ ଲୋକକଳାକୁ ଉଜ୍ଜୀବିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। କଟକ ନୂଆପାଟଣାର ବୁଣାକାର ଓ ବାନ୍ଧକଳାର ମାଷ୍ଟର କାରିଗର ଶରତ କୁମାର ପାତ୍ର ୬ଦଶନ୍ଧି ଧରି ଓଡ଼ିଶାର ପାରମ୍ପରିକ ବୁଣାକଳାକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଏହି ସମ୍ମାନ ଲାଭ କରିଛନ୍ତି। ସାହିତ୍ୟ ଓ ଶିକ୍ଷା କ୍ଷେତ୍ର ପାଇଁ ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ୨ ଜଣଙ୍କୁ ପଦ୍ମବିଭୂଷଣ, ୭ ଜଣଙ୍କୁ ପଦ୍ମଭୂଷଣ, ୫୬ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି।

### ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

## ପୁରୀ ଜଗିବେ ୨୨୦ ପ୍ଲାଟୁନ୍ ପୁଲିସ




ପୁରୀ,୨୩।୬(ସମିସ): ଆଉ ୨୨ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥର ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରାକୁ ଅଘଟଣ ଓ ଦୁର୍ଘଟଣାବିହୀନ କରିବା ପାଇଁ ସବୁ ପ୍ରକାର ଯୋଜନା କରାଯାଉଛି। ଗତବର୍ଷ ହୋଇଥିବା ତ୍ରୁଟି ବିଚ୍ୟୁତି ଓ ଭୁଲ୍‌ରୁ ଅନେକ କିଛି ଶିଖି ଏଥର ଜାନୁଆରୀ ମାସରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ କମିଟି ବୈଠକ। ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ବୈଠକରେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପବିତ୍ର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ସେହିପରି ରେଳ ବିଭାଗ ପକ୍ଷରୁ ପୁରୀକୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ନିଷ୍ପତ୍ତି ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ୨୨୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ ବୋଲି ଜଣାପଡ଼ିଛି।

ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଏବର୍ଷ ଗୋଟିଏ ସେଟ୍ ଅଧିକ ଚାରମାଳ ସେଟ୍ ପାଇଁ ତାଳ କାଠ ପହଞ୍ଚିସାରିଛି। ରଥ ନିର୍ମାଣ ବେଶ୍ ଆଗୁଆ ଚାଲିଛି। ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ, ଶୃଙ୍ଖଳିତ ନୀତିକାନ୍ତି ସେବକଙ୍କ ସହିତ ଆଲୋଚନା ଏବଂ ଗୁଣ୍ଡିଚା ମନ୍ଦିର ନବୀକରଣ କାମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ରଥଯାତ୍ରା ସମୟର ଆମ୍ବୁଲାନ୍ସ କରିଡର ହେବ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସଦର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା କରାଯିବ। ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିରିକ୍ତ ଶଯ୍ୟା, ଆମ୍ବୁଲାନ୍ସ, ୩୧ ଫାଷ୍ଟଏଡ୍ ସେଣ୍ଟର ହେବ। ଅଂଶୁଘାତର ମୁକାବିଲା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ସହ ସ୍ୱତନ୍ତ୍ର ବେଡ୍ କରାଯିବ। ୧୦ ଆଇସିୟୁ ବେଡ୍, ଅସ୍ଥାୟୀ ବର୍ଣ୍ଣ ୱାର୍ଡର ୧୦ଟି ବେଡ୍, ଟ୍ରମାକେୟାରର ୧୦ ବେଡ୍, ୪୬ଟି ଆମ୍ବୁଲାନ୍ସ, ପ୍ରାୟ ୩୦୦ ୟୁନିଟ୍ ରକ୍ତ ମହଜୁଦ୍ ରଖାଯିବ। ରଥଯାତ୍ରା ପାଇଁ ୧୬୦୦ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ହେବ। କେବଳ ସ୍ନାନଯାତ୍ରା ପାଇଁ ୩୦୦ ଅସ୍ଥାୟୀ ଶୌଚାଳୟ କାର୍ଯ୍ୟକ୍ଷମ କରିବ ବୋଲି କହିଥିଲେ।

**ଚାଲିବ ୩୭୦ ସ୍ୱତନ୍ତ୍ର ଟ୍ରେନ୍**


**୧,୬୦୦ ଅସ୍ଥାୟୀ ଶୌଚାଳୟ**

**୨୩ଟି ସ୍ଥାନରେ ଅସ୍ଥାୟୀ ପାର୍କିଂ**

ସେହିପରି ପରିବହନ ଅଧିକାରୀ କହିଥିଲେ ଯେ ରଥଯାତ୍ରା ପାଇଁ ପ୍ରାୟ ୨୫୦ ସ୍ୱତନ୍ତ୍ର ବସ୍ ଚଳାଚଳ କରିବ। ଯାତ୍ରୀମାନଙ୍କଠାରୁ ଯେପରି ଅଧିକ ଭଡ଼ା ଆଦାୟ ନ ହେବ ତାକୁ ଗୁରୁତ୍ୱ ଦିଆଯାଇଛି। ସବୁ ବସ୍, ଅଟୋରେ ରେଟ୍‌ଚାର୍ଟ ଲାଗିବ। ଜାତୀୟ ରାଜପଥରେ ସ୍ପିଡ୍ ଚେକିଂ ହେବ। ତାଳବଣିଆକୁ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଉଠିବ ବୋଲି ସୂଚନା ଦେଇଥିଲେ।

ସେହିପରି ରେଳ ବିଭାଗ ପକ୍ଷରୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ରେଗୁଲାର ଓ ସ୍ୱତନ୍ତ୍ର ଟ୍ରେନ୍‌କୁ ମିଶାଇ ପ୍ରାୟ ୧୨୦୦ ଟ୍ରେନ୍ ରଥଯାତ୍ରା ସମୟରେ ପୁରୀକୁ ଚଳାଚଳ ହେବ। ୨୫ ହଜାର ଯାତ୍ରୀଙ୍କ ପାଇଁ ରେଳଷ୍ଟେସନ ପାଖରେ ହୋଲ୍ଡିଂ ଏରିଆ, ୧.୫ ଲକ୍ଷ ଯାତ୍ରୀଙ୍କ ଲାଗି ମାଗଣା ଖାଦ୍ୟ ବ୍ୟବସ୍ଥା କରାଯାଉଛି। ୩୫ଟି ଅତିରିକ୍ତ ଟିକଟ କାଉଣ୍ଟର, ୩୦ଟି ମୋବାଇଲ୍ ଟିକଟ କାଉଣ୍ଟର ଓ ୧୨ଟି ଏଟିଭିଏମ୍ କାର୍ଯ୍ୟ କରିବ। ୮୦୦ ଆର୍‌ପିଏଫ୍, ୧୫୦୦ ଜିଆର୍‌ପି ମୁତୟନ ହେବେ। ସେହିପରି ୨୫୬ଟି କ୍ୟାମେରା, ୧୦ ସ୍ନାଇପର ଡଗ୍, ଫାୟାର ବ୍ରିଗେଡ୍ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ସାମିଲ୍ ହେବେ।

## ୧୦ରେ ଆସିବେ ଉପରାଷ୍ଟ୍ରପତି



ଭୁବନେଶ୍ୱର,୨୩।୬(ସମିସ): ଆସନ୍ତା ୯ ତାରିଖରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ। ଏହାକୁ ନେଇ ମଙ୍ଗଳବାର ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସରରେ ଆୟୋଜିତ ହେବାକୁ ଥିବା 'ଲେଟର ଅଫ ଅଥରାଇଜେସନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ସଂକ୍ରାନ୍ତରେ ଏହି ଜାତୀୟ କାର୍ଯ୍ୟକ୍ରମରେ ପ୍ରାୟ ୧ହଜାରରୁ ଅଧିକ ମତ୍ସ୍ୟଜୀବୀ ଓ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଯୋଗ ଦେବେ ବୋଲି ଜଣାପଡ଼ିଛି। ଆଜି ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉପରାଷ୍ଟ୍ରପତିଙ୍କ ସୁରକ୍ଷା, ପ୍ରୋଟୋକଲ, ଟ୍ରାଫିକ ପରିଚାଳନା, ସ୍ୱାସ୍ଥ୍ୟସେବା ଓ ବିଦ୍ୟୁତ ଯୋଗାଣ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଛି।

## ରେଳଧାରଣାରୁ ଆଇନଜୀବୀଙ୍କ ମୃତଦେହ ଉଦ୍ଧାର



ଝାରସୁଗୁଡ଼ା,୨୩।୬(ସମିସ): ଝାରସୁଗୁଡ଼ାର ପରିଚିତ ବିଜେଡି ନେତା ତଥା ଆଇନଜୀବୀ ତ୍ରିନାଥ ଗୁଆଲଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଦକ୍ଷିଣ ପୂର୍ବ ବମ୍ବେ ହାୱଡା ମୁଖ୍ୟ ରେଳପଥ ତଥା ଝାରସୁଗୁଡ଼ା-ଧୁତ୍ରା ରେଳ ଷ୍ଟେସନ ମଝି ବାଲିଯୋରୀ ରେଳ ଫାଟକ ନିକଟସ୍ଥ ଡାଉନ୍ ରେଳ ଧାରଣାରୁ ତ୍ରିନାଥଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ ହୋଇଛି। ରେଳଧାରଣାରେ ତ୍ରିନାଥଙ୍କ ଖଣ୍ଡବିଖଣ୍ଡିତ ହୋଇ ଶବ ପଡିଥିବା ଦେଖି କେହି ଜଣେ ଖବର ଦେଇଥିଲେ। ଏହାପରେ ରେଳବାର ପୁଲିସ ଅଧିକାରୀ, ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ସମେତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ପହଞ୍ଚିଥିଲେ। ତେବେ ଭୋର୍ ସାଢେ ୫ଟାରେ କୋରାପୁଟ-ରାଉରକେଲା ଏକ୍ସପ୍ରେସ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଲୋକୋ ପାଇଲଟ ଷ୍ଟେସନରେ ଅବଗତ କରିଥିବା ଜଣାପଡିଛି। ଘଟଣାସ୍ଥଳରୁ ତାଙ୍କ ଚପଲ, ଧଳା ସାର୍ଟ, ମୋବାଇଲ୍, ସୁଇସାଇଡାଲ ନୋଟ୍ ଜବତ ହୋଇଛି।

ସେ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ଦୁଇ ଥର ସଭାପତି ଥିଲେ। କାଉନସିଲର ମଧ୍ୟ ଥିଲେ। ବିଜେପି ତରଫରୁ ମଧ୍ୟ ବିଧାୟକ ଭାବେ ନିର୍ବାଚନ ଲଢିଥିଲେ। ତେବେ ଅବିବାହିତ ତ୍ରିନାଥଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପୁତୁରା ଯଦୁମଣି ଗୁଆଲ ଅଭିଯୋଗ କହିଛନ୍ତି। ମାନସିକ ସ୍ତରରେ ସେ ଅତ୍ୟନ୍ତ ଦୃଢ଼ ଥିଲେ। ସେ କେବେ ବି ଆତ୍ମହତ୍ୟା କର ନ ଥିବେ। ଦୁଇ ତିନି ଦିନ ପୂର୍ବରୁ ଏକ ଜମିବାଡ଼ି ମାମଲାକୁ ନେଇ କଥାବାର୍ତ୍ତା ହୋଇଥିଲା; ଯେଉଁଥିରେ ଅନ୍ୟ ପକ୍ଷକୁ ନୋଟିସ୍ ଯାଇଥିଲା। ସେହି ଜମି ବିବାଦ କାରଣରୁ ହିଁ କେହି ଜବରଦସ୍ତ ତାଙ୍କୁ ଏଠାକୁ ଆଣି ହତ୍ୟା କରିଛନ୍ତି କିମ୍ବା ଆତ୍ମହତ୍ୟା କରିବାକୁ ବାଧ୍ୟ କରିଛନ୍ତି। ସେ ପ୍ରତିଦିନ ସକାଳେ କେବଳ ଇକୋ ପାର୍କକୁ ପ୍ରାତଃ ଭ୍ରମଣ ପାଇଁ ଯାଆନ୍ତି। ଏହି ରେଳ ଲାଇନ୍ ଆଡ଼କୁ ସେ କେବେ ଆସନ୍ତି ନାହିଁ। ଏହାର ନିରପେକ୍ଷ ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ସଭାପତି ରଘୁମଣି ପଟେଲ କହିଛନ୍ତି ଯେ, ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ରହିଛି। ଘରଠାରୁ ପ୍ରାୟ ୭/୮ କିଲୋମିଟର ଦୂର ଏହି ରେଳ ଟ୍ରାକକୁ ସେ କେମିତି ଓ କାହିଁକି ଆସିଲେ ତାହା ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ଇତିମଧ୍ୟରେ ବିଧାୟକ ଟଙ୍କଧର ତ୍ରିପାଠି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ସମେତ ବିଭିନ୍ନ ବ୍ୟକ୍ତି ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

## ସାରା ଓଡ଼ିଶା ଛୁଇଁଲା ମୌସୁମୀ; ୨୭ ଯାଏଁ ବର୍ଷା

ଭୁବନେଶ୍ୱର, ୨୩।୬ (ସମିସ): ଗତ ୧୨ ତାରିଖରେ ରାଜ୍ୟରେ ମୌସୁମୀ ବାୟୁ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଜି ଏହା ରାଜ୍ୟର ସମସ୍ତ ଅଞ୍ଚଳକୁ ଛୁଇଁ ଆଗକୁ ବଢ଼ିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମୌସୁମୀ ବାୟୁ ଓଡ଼ିଶା ପ୍ରବେଶ କରିଥିଲେ ହେଁ ବର୍ଷା ହୋଇପାରି ନାହିଁ। ତେବେ ମୌସୁମୀ ନିମ୍ନ ଚାପରେଖା ସ୍ୱାଭାବିକ ଅବସ୍ଥାକୁ ଫେରିଥିବାରୁ ମୌସୁମୀ ଅଧିକ ସକ୍ରିୟ ରହିବା ସହ ଭଲ ବର୍ଷା ହେବା ନେଇ ଆଶା କରାଯାଉଛି। ୨୩ ତାରିଖରୁ ଆସନ୍ତା ୨୬ ତାରିଖ ଯାଏଁ ମୌସୁମୀ ଅଧିକ ଶକ୍ତିଶାଳୀ ରହିବାକୁ ଥିବାବେଳେ ଉପକୂଳ, ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିଣାମ ବଢ଼ିବା ନେଇ ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ବୁଧବାର କଟକ, ରାୟଗଡା, କୋରାପୁଟ, ଗଞ୍ଜାମ ଓ ନୟାଗଡରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଝାରସୁଗୁଡ଼ା, କଟକ, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାବ୍ୟତୀତ ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ ଓ ମାଲକାନଗିରିରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଜୁଲାଇ ୫ ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

## ଜୁଲାଇ ୫ରୁ ଅଗଷ୍ଟ ୪ ମଧ୍ୟରେ ଆପତ୍ତି ଅଭିଯୋଗ

ଭୁବନେଶ୍ୱର,୨୩।୬(ସମିସ): ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଜାରି ରହିଥିବା ବେଳେ ଆସନ୍ତା ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର. ଏସ. ଗୋପାଳନ।

ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। କେହି ଜଣେ ବି ଯୋଗ୍ୟ ଭୋଟର ଯେମିତି ତାଲିକାରୁ ବାଦ୍ ନ ପଡିବେ ସେ ଲାଗି ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟ ମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଆସନ୍ତା ଜୁନ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକାକୁ ନେଇ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଆସନ୍ତା ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ମଧ୍ୟରେ କରାଯାଇପାରିବ। ଜୁଲାଇ ୫ ତାରିଖ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ। ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ ବୋଲି ସୂଚନା ମିଳିଛି। ରାଜ୍ୟରେ ଆଜି ସୁଦ୍ଧା ୯୯.୯୧ ପ୍ରତିଶତ ଅର୍ଥାତ ୩କୋଟି ୩୩ଲକ୍ଷ ୬୯ହଜାର ୬୨୭ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ହୋଇଥିବା ବେଳେ , ସେଥି ମଧ୍ୟରୁ ୯୦.୮୬ ପ୍ରତିଶତ ଅର୍ଥାତ ୩କୋଟି ୩୪ଲକ୍ଷ ୬ହଜାର ୭୨୯ ଜଣ ଭୋଟରଙ୍କର ଡିଜିଟାଇଜେସନ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ବୈଠକରେ ସୂଚନା ଦେଇଥିଲେ। ସିଇଓ ସୁଶାନ୍ତ କୁମାର ମିଶ୍ର , ଯୁଗ୍ମ ସିଇଓ ଗୋପୀନାଥ କୁଅଁର , ଡେପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ଓ ଅନାମିକା ସିଂଙ୍କ ସମେତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ

ସମ୍ବଲପୁର, ୨୩।୬ (ସମିସ): ସମ୍ବଲପୁର କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି (ସିଏଡିଏ) ସେଚାଞ୍ଚଳ ଉନ୍ନୟନ ବିଭାଜନ-୪ର ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପଦ୍ମଲୋଚନ ନାୟକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଛନ୍ତି। ସମ୍ବଲପୁର ଧନୁପାଲିସ୍ଥିତ କାର୍ଯ୍ୟାଳୟ ଯାଞ୍ଚ ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ସମ୍ବଲପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଯାଇଥିଲା। ସମ୍ବଲପୁର ଧନୁପାଲିସ୍ଥିତ ତାଙ୍କ ଭଡ଼ା ଘର, ସେହି ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟ, କଟକ ବିଦ୍ୟାଧରପୁରରେ ୩ ମହଲା ବାସଗୃହ, ବାଲେଶ୍ୱର ବସ୍ତା ଥାନା ଅଧୀନ ମୁଖାଲିସଠାରେ ୨ ମହଲା କୋଠା, କଟକ ସହରରେ ଦୁଇ ସହଯୋଗୀଙ୍କ ବାସଗୃହ ଏବଂ ମାଲକାନଗିରି କାଲିମେଳାରେ ତାଙ୍କ ସହଯୋଗୀଙ୍କ ଘର ଯାଞ୍ଚ କରାଯାଇଛି। ଇଂ. ନାୟକ ଓ ତାଙ୍କ ପରିବାରବର୍ଗଙ୍କ ନାମରେ କଟକ ବିଦ୍ୟାଧରପୁରରେ ୭ ହଜାର ବର୍ଗଫୁଟ୍‌ର ୩ ମହଲା ଆବାସିକ ଘର, ବାଲେଶ୍ୱର ମୁଖାଲିସଠାରେ ୧୪୬୫ ବର୍ଗଫୁଟର ଏକ ଦୁଇ ମହଲା କୋଠା ଏବଂ ଭୁବନେଶ୍ୱର, କଟକ, କୋରେଇ (ଯାଜପୁର), ବସ୍ତା (ବାଲେଶ୍ୱର) ଓ ଡେଲାଙ୍ଗ (ପୁରୀ) ଭଳି ପ୍ରମୁଖ ସହର ଉପକଣ୍ଠରେ ୧୫ଟି ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। କଟକ ବିଦ୍ୟାଧରପୁରର ଏକାଧିକ ମୂଲ୍ୟବାନ ପ୍ଲଟ୍, ଭୁବନେଶ୍ୱରର ନୂଆଗାଁ ଓ କୋଟିଲାପୁଟର ଦୁଇଟି ମୂଲ୍ୟବାନ ପ୍ଲଟ୍, ପୁରୀର ଜମୁନା ଝାରପଡ଼ା, ବାଲେଶ୍ୱର ବସ୍ତାର ଡୁଣ୍ଡା ଏବଂ ଯାଜପୁର ସୁକିନ୍ଦା ଓ କୋରେଇରେ ମଧ୍ୟ ଅନେକ ମୂଲ୍ୟବାନ ଜମି ରହିଛି। ଭିଜିଲାନ୍ସ ବୈଷୟିକ ଟିମ୍ ଦ୍ୱାରା ସମସ୍ତ କୋଠାବାଡ଼ି ଓ ଜମିର ମାପଚୁପ ଏବଂ ମୂଲ୍ୟ ନିରୂପଣ କାର୍ଯ୍ୟ ଚାଲିଛି। ଇଂ. ନାୟକଙ୍କଠାରୁ ନଗଦ ୩ ଲକ୍ଷ ୪୫ ହଜାର ନଗଦ ଟଙ୍କା ସମେତ ଶ୍ରୀଲଙ୍କା, ନେପାଳ, ବାହରିନ୍ ଏବଂ ଆମେରିକାର ବିଦେଶୀ ମୁଦ୍ରା ମଧ୍ୟ ମିଳିଛି। ତାଙ୍କର ବିଭିନ୍ନ ବ୍ୟାଙ୍କ ଓ ଡାକଘର ଜମା ସହିତ ଅନ୍ୟ ଆର୍ଥିକ ପ୍ରତିଷ୍ଠାନରେ ହୋଇଥିବା ପୁଞ୍ଜିନିବେଶର ଯାଞ୍ଚ ଚାଲିଛି। ସେହିପରି ଗୋଟିଏ ଜେସିବି ସହିତ ଟୟୋଟା ଇନୋଭା, ଟାଟା ଇଣ୍ଡିଗୋ ଓ ୱାଗନଆର ଏବଂ ଗୋଟିଏ ଦୁଇଚକିଆ ଯାନ ଠାବ କରାଯାଇଛି। ୪ ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର ଏବଂ ୭ ଜଣ ଏଏସଆଇଙ୍କ ସମେତ ଭିଜିଲାନ୍ସ କର୍ମଚାରୀ ଚଢଉରେ ସାମିଲ ହୋଇଛନ୍ତି।



## ଜାମିନରେ ଆସି ଦୁଷ୍କର୍ମ ଅଭିଯୁକ୍ତ ବିଜେପି ନେତା ଫେରାର

ବ୍ରହ୍ମପୁର,୨୩।୬(ସମିସ): ହାଇକୋର୍ଟରୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନରେ ଆସି ଫେରାର ହୋଇଗଲେ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ନକଲି ଡାକ୍ତର ତଥା ବିଜେପି ନେତା ଭବାନୀ ଶଙ୍କର ଦାଶ। ଫେରାର ଅଭିଯୁକ୍ତ ଭବାନୀ ନିଜକୁ ଭାରତୀୟ ମଜଦୁର ସଂଘର ପୂର୍ବତନ ଜିଲ୍ଲା ସଭାପତି ବୋଲି ପରିଚୟ ଦେଉଥିଲେ। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗର ତଦନ୍ତ ବେଳେ ଭବାନୀଙ୍କ ହୋମିଓପାଥିକ ଡାକ୍ତରୀ ସାର୍ଟିଫିକେଟ ମଧ୍ୟ ନକଲି ବୋଲି ଜଣାପଡ଼ିବା ପରେ ପୁଲିସ ତଦନ୍ତ ଜାରି ରଖିଛି। ଜଣେ ନାବାଳିକା(୧୭ଙ୍କୁ ମାଗଣାରେ ରହିବା ସହ ଅଧ୍ୟୟନର ସୁବିଧା ଦେବାର ପ୍ରତିଶ୍ରୁତି ଦେଇଥିଲେ ଭବାନୀ। ଭବାନୀ ତାଙ୍କ କମାପଲ୍ଲୀସ୍ଥିତ ବାଜପେୟୀ ଆରୋଗ୍ୟମ କ୍ଲିନିକରେ ନାବାଳିକାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତା ନାବାଳିକା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୁଲିସ ବିଜେପି ନେତା ଭବାନୀ ଦାଶଙ୍କ ସମେତ ଜନୈକା ଅଙ୍ଗନୱାଡି କର୍ମୀ ଓ କ୍ଲିନିକର ସହାୟିକାଙ୍କ ସମେତ ମୋଟ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।



ଭବାନୀ ନିଜକୁ ବିଶ୍ୱହିନ୍ଦୁ ପରିଷଦର ନେତା ଓ ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ଭାବେ ପରିଚୟ ଦେଉଥିଲେ। ଗିରଫ ପରେ ଭବାନୀ ବ୍ରହ୍ମପୁର ଜେଲରେ ଥିବା ସମୟରେ ତାଙ୍କ ବିରୁଦ୍ଧରେ ମାମଲାକୁ ନେଇ ଚାର୍ଜସିଟ୍ ହୋଇଥିଲା। ପରେ ଭବାନୀଙ୍କ ଏକମାତ୍ର ପୁଅର ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଥିଲା। ମେ ୮ତାରିଖରେ ପୁଅର ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେବା ପାଇଁ ଆବେଦନ କରି ହାଇକୋର୍ଟରୁ ୧୦ଦିନ ପାଇଁ , ଗତ ମେ ୭ତାରିଖରେ ତାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ଭବାନୀଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ଭବାନୀ ଜେଲରୁ ମୁକୁଳିବା ପରେ ଆଜି ପର୍ଯ୍ୟନ୍ତ ଆତ୍ମସମର୍ପଣ ନକରି ଫେରାର ଥିବା ଜଣାପଡିଛି। ଏହାକୁ ନେଇ କୋର୍ଟ ପକ୍ଷରୁ ଭବାନୀଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି। କେବଳ ଫେରାର ଭବାନୀଙ୍କୁ ନୁହେଁ ବରଂ ତାଙ୍କୁ ଜାମିନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ୟାସୀ ମହାନ୍ତିଙ୍କ ସମେତ ବୈଦ୍ୟନାଥପୁର ଥାନା ପୁଲିସକୁ ଆସନ୍ତା ୨୫ତାରିଖରେ ଫେରାର ଭବନୀଙ୍କୁ କୋର୍ଟରେ ହାଜର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

**ପୁଅର ଶ୍ରାଦ୍ଧରେ ଯୋଗ ଦେବାକୁ ହାଇକୋର୍ଟରୁ ମିଳିଥିଲା ଜାମିନ**

# ବ୍ଲକସ୍ତରୀୟ ଜନଜାତି ସମ୍ବାଦ କାର୍ଯ୍ୟକ୍ରମ



**କିଶୋରନଗର,୨୩।୬(ସମିସ):** କିଶୋରନଗର ବ୍ଲକ ଫୁଲାମ୍ବା ପିଏମ୍ଶ୍ରୀ ହାଇସ୍କୁଲ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅଧୀନ ଜନଜାତି ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ ମଙ୍ଗଳ ଅଧିକାରୀ ତ୍ରିଦିବ ସୁନ୍ଦର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଏସଡିଏସ ଅଧ୍ୟକ୍ଷ ବଶିଷ୍ଠ ନାୟକ, ସମ୍ମାନିତ ଅତିଥି ଭାବେ ଏଡିଡବ୍ଲ୍ୟୁଓ ଆଶୁତୋଷ ଲୋକନାଥ ଘଡ଼େଇ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜନା ସାହୁ, ଏଫଇଏସର ମୁଖ୍ୟ ଶୈଳେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ସରକାରଙ୍କ ଦ୍ୱାରା ଜନଜାତିଙ୍କ କଲ୍ୟାଣ ପାଇଁ ହେଉଥିବା ବିଭିନ୍ନ ଉନ୍ନୟନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୩ ଗାଁକୁ ଜଙ୍ଗଲ ଅଧିକାର ପଟ୍ଟା ପ୍ରଦାନ କରାଯାଇଥିଲା।

# ସରକାରଙ୍କ ୨ ବର୍ଷର ସଫଳତା ବଖାଣିଲେ ବିଧାୟକ



**ଛେଣ୍ଡିପଦା,୨୩।୬(ସମିସ):** ରାଜ୍ୟରେ ବିଜେପି ସରକାର ଗଠନର ଦୁଇବର୍ଷ ପୂର୍ତ୍ତି ଅବସରରେ ସ୍ଥାନୀୟ ବିଧାୟକ ଅଗସ୍ତି ବେହେରା ସରକାରଙ୍କ ସଫଳତା ବଖାଣିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଛେଣ୍ଡିପଦା ଓ କୋଶଳା ସିଏଚ୍ସି ଚଳିତ ବର୍ଷ ପୁରସ୍କୃତ ହୋଇଛନ୍ତି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ୧୨୦୯ ହିତାଧିକାରୀ ଘର ପାଇଛନ୍ତି। ସୁଭଦ୍ରା ଯୋଜନାରେ ନିର୍ବାଚନ ମଣ୍ଡଳୀରୁ ୭୨୩୪୮ ମହିଳା ସହାୟତା ପାଉଛନ୍ତି। ଶ୍ରମିକ କଲ୍ୟାଣ ପାଇଁ ୭ କୋଟିରୁ ଅଧିକ ଟଙ୍କା ସହାୟତା ବଣ୍ଟନ କରାଯାଇଛି। ବାଲିପଟ୍ଟା ପିଏଚ୍ସିରେ ନୂତନ ଓପିଡି ବିଲ୍ଡିଂ କାମ ସରି କାର୍ଯ୍ୟକ୍ଷମ ହୋଇଛି। ଛେଣ୍ଡିପଦା ସିଏଚ୍ସିରେ ନୂତନ ଓପିଡି ଓ ଆଇପିଡି ବିଲ୍ଡିଂ କାର୍ଯ୍ୟକ୍ଷମ ହୋଇଛି। ବିଭିନ୍ନ ପଞ୍ଚାୟତରେ ୨୧୧ ନଳକୂପ ଓ ୩୪ ସୌରଚାଳିତ ପମ୍ପ ସ୍ଥାପନ କରାଯାଇଛି। ଶ୍ରୀ ଅନ୍ନ ଅଭିଯାନରେ ୩୬୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯିବା ସହ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ୩ଟି ମିଲେଟ୍ ଟିଫିନ୍ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ବ୍ରାହ୍ମଣୀବିଲ୍, ସନ୍ତରାବନ୍ଧ ଚାଙ୍ଗୁଡ଼ିଆ ଦେଇ ଯାଇଥିବା ମୁଖ୍ୟ ରାସ୍ତାର ଉନ୍ନତିକରଣ କରାଯାଇଛି। ୩୧୨୭ ଜଣଙ୍କୁ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବା ସହ ଦିବ୍ୟାଙ୍ଗମାନଙ୍କୁ ୧୦ଟି ମୋଟର ଚାଳିତ ଟ୍ରାଇସାଇକଲ ଓ ଗୋଟିଏ ଇ-ସ୍କୁଟି ପ୍ରଦାନ କରାଯାଇଛି। ୨ଟି ସ୍କୁଲକୁ ପିଏମ୍ଶ୍ରୀ ଓ ଗୋଟିଏ ସ୍କୁଲକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଅଧୀନରେ ସାମିଲ୍ କରାଯାଇଛି। ଏକ ବୃହତ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ବୋଲି ବିଧାୟକ ବେହେରା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଛେଣ୍ଡିପଦା ବିଡିଓ ଅରବିନ୍ଦ ବେହେରା, ବଣ୍ଡରପାଳ ବିଡିଓଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ।

**ପବିତ୍ର ମୋହନ ମେଡିକାଲ କଲେଜରେ ଜାଲ ସାର୍ଟିଫିକେଟ ଦେଇ ନିଯୁକ୍ତି ଘଟଣା**

# ଖୁବଶୀଘ୍ର ହେବ କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ



**ତାଳଚେର,୨୩।୬(ସମିସ):** ତାଳଚେର ପବିତ୍ର ମୋହନ ସରକାରୀ ଚିକିତ୍ସାଳୟରେ ଜାଲ ସାର୍ଟିଫିକେଟ ଦେଇ ୨୦୦ରୁ ଊର୍ଦ୍ଧ୍ୱ ଷ୍ଟାଫନର୍ସ ନିଯୁକ୍ତି ଘଟଣା ସାମ୍ନାକୁ ଆସିଥିଲା। ପରେ ସମ୍ପୃକ୍ତ ଠିକା ସଂସ୍ଥା କମାଣ୍ଡୋ ଏଜେନ୍ସିକୁ କଳା ତାଲିକାଭୁକ୍ତ କରାଯାଇଥିଲା। ଜିଲ୍ଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଜିପର୍ଯ୍ୟନ୍ତ ସମ୍ପୃକ୍ତ ଏଜେନ୍ସିର ମୁଖ୍ୟ କିମ୍ବା ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇନାହିଁ କିମ୍ବା ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଏଥିରେ ସମ୍ପୃକ୍ତ ଥିବା ଦଲାଲମାନଙ୍କ ଫଟୋ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହି କେଳେଙ୍କାରୀରେ କିଛି ଶାସକ ଦଳର ନେତାଙ୍କ ନାମ ଥିବା କୁହାଯାଉଛି। ଲୋକଦେଖାଣିଆ ତଦନ୍ତ ନ କରି ନିରପେକ୍ଷ ତଥା ସ୍ୱଚ୍ଛ ତଦନ୍ତ କରାଯାଇ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୁବନେତା ରାଜେଶ ଦାସ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦାବି ଜଣାଇଥିଲେ। ଖୁବଶୀଘ୍ର ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**ବଣ୍ଡରପାଳ,୨୩।୬(ସମିସ):** ବଣ୍ଡରପାଳ ଥାନା କୁଶୁପଙ୍ଗି ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁକୁ ଶଶୁର ଘର ଲୋକେ ଆତ୍ମହତ୍ୟା କହୁଥିବା ବେଳେ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଝିଅକୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ, ହିନ୍ଦୋଳ ଥାନା ପାଲୁସିଂ ଗ୍ରାମର ନନ୍ଦକିଶୋର ନାଏକଙ୍କ ଝିଅ ଦମୟନ୍ତୀ ନାଏକ (୨୩) ୨୪ ମାର୍ଚ୍ଚ ୨୭ରେ କୁଶୁପଙ୍ଗି ଗ୍ରାମର ଅର୍ଜୁନ ନାଏକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ସବୁ ଠିକଠାକ ଚାଲିଥିବା ବେଳେ ଗତ ଶନିବାର ରାତିରେ ଦମୟନ୍ତୀ ବାପଘରକୁ ଫୋନ କରି ତାଙ୍କ ଯାଆ ତାଙ୍କୁ ବଦନାମ କରିବା ସହ ମାନସିକ ଯନ୍ତ୍ରଣା ଦେଉଛନ୍ତି ବୋଲି କହିଥିଲେ। ଅନ୍ୟପଟେ ଦମୟନ୍ତୀ କାହା କଥା ମାନୁନାହାନ୍ତି ଓ ଗଣ୍ଡଗୋଳ କରୁଛନ୍ତି ବୋଲି ଅର୍ଜୁନ ଶଶୁରଙ୍କୁ ଫୋନ କରି କହିଥିଲେ। ତାକୁ ଆସି ନେଇଯାଅ ନହେଲେ ମୁଁ ଛାଡ଼ିନେବି ବୋଲି କହିଥିଲେ। ତେବେ ପରଦିନ ସକାଳେ ଫୋନ କରି ତମ ଝିଅ ଫାଶୀ ଲଗାଇ ଆତ୍ମହତ୍ୟା କରିଛି ବୋଲି କହିଥିଲେ। ତେବେ ବାପଘର ଲୋକେ ପହଞ୍ଚି ଆତ୍ମହତ୍ୟାର କୌଣସି ଲକ୍ଷଣ ଦେଖିବାକୁ ପାଇ ନ ଥିଲେ। ତଦନ୍ତ କରି ମୃତ୍ୟୁର ପ୍ରକୃତ କାରଣ ଖୋଜିବା ସହ ଦୋଷୀକୁ ଦଣ୍ଡ ଦେବା ପାଇଁ ବାପଘର ଲୋକେ ନିବେଦନ କରିଛନ୍ତି।

**ସରକାରୀ ଡାକ୍ତରଖାନାକୁ ଘରୋଇକରଣର ପ୍ରତିବାଦ; ୨୨ ଦିନରେ ଆନ୍ଦୋଳନ**

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଶତାଧିକ ଲୋକ

**ପାଲଲହଡ଼ା,୨୩।୬(ସମିସ):**




ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା ଦାୟିତ୍ୱ ସରକାର ଏକ ଘରୋଇ ସଂସ୍ଥା (ଏନଜିଓ)କୁ ପ୍ରଦାନ କରିବାକୁ ବିରୋଧ କରି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଦୀର୍ଘ ୨୨ ଦିନ ଧାରଣାରେ ବସିବା ପରେ କୌଣସି ସୁଫଳ ନ ମିଳିବାରୁ ସୋମବାର ଶହ ଶହ ଆଦିବାସୀ ପୁରୁଷ ଏବଂ ମହିଳା ବିଶାଳ ରାଲିରେ ଆସି ପାଲଲହଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାସହ ଧାରଣାରେ ବସିଥିଲେ। ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡର ଉପାନ୍ତ ଅଞ୍ଚଳରେ ଥିବା ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ ଅଦବାସୀ ଆବାସିକ ସ୍କୁଲର ୧୫୦୦ ଛାତ୍ରଛାତ୍ରୀ ଏବଂ ୫ ପଞ୍ଚାୟତର ପ୍ରାୟ ୭ ହଜାରରୁ ଅଧିକ ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଛନ୍ତି। ତେବେ ଗତ ୧ ତାରିଖରୁ ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ପରିଚାଳନା ଦାୟିତ୍ୱ ଏକ ଏନଜିଓକୁ ହସ୍ତାନ୍ତର କରିଛନ୍ତି। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବରୁ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ପ୍ରତ୍ୟାହାର କରି ଅନ୍ୟତ୍ର ବଦଳି କରାଯଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏନଜିଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଦାୟିତ୍ୱ ନେବା ଦିନଠାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ ଭାବେ ଡାକ୍ତର ରହୁ ନ ଥିବାବେଳେ ଏନଜିଓ କିଛି ଅନଭିଜ୍ଞ କର୍ମଚାରୀଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଚଳାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ସ୍ଥାନୀୟ ବିଧାୟକ, ଉପଖଣ୍ଡ ଏବଂ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଜଣାଇଲା ପରେ ମଧ୍ୟ ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ସୋମବାର ଆଦିବାସୀ ସଂଗଠନ ଡାକରାରେ ଶହ ଶହ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ସରକାର ବିରୋଧୀ ନାରାବାଜି କରି ସହର ପରିକ୍ରମା କରିଥିଲେ। ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପୂର୍ବତନ ସାଂସଦ ମହେଶ ସାହୁ ଏବଂ ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ବିଜେଡି ମଧ୍ୟ ଏହି ବିକ୍ଷୋଭରେ ସାମିଲ ହୋଇ ବିଜେପି ସରକାର ଉପରେ ବର୍ଷିଥିଲେ। ମିଛ ପ୍ରତିଶ୍ରୁତି ଏବଂ ଲୋକଙ୍କ ସରକାରର ଦ୍ୱାହି ଦେଉଥିବା ଏହି ସରକାର ଏବେ ଆଦିବାସୀଙ୍କୁ ପ୍ରତାରଣା କରିବା ଆରମ୍ଭ କରିଛନ୍ତି। ଆଦିବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଏହି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାବେଳେ ଏନଜିଓ ହାତକୁ ସ୍ୱାସ୍ଥ୍ୟସେବା ପରି ଗୁରୁତ୍ୱପୂର୍ଣ୍ଣ ସେବାକୁ ଟେକିଦେଇଛନ୍ତି। ଯାହାକୁ ବିଜେଡି କଦାପି ବରଦାସ୍ତ କରିବ ନାହିଁ। ଯେପର୍ଯ୍ୟନ୍ତ ସରକାର ଏହି ନିଷ୍ପତ୍ତିରୁ ଓହରିନାହାନ୍ତି ସେପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ପୂର୍ବତନ ସାଂସଦ ସାହୁ କହିଛନ୍ତି। ସେହିପରି ସରକାର ଏବଂ ସ୍ଥାନୀୟ ବିଧାୟକ ଆଦିବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଏକ ଅନଭିଜ୍ଞ ଏନଜିଓ ହାତରେ ସ୍ୱାସ୍ଥ୍ୟସେବାକୁ ଟେକି ଦେଇଛନ୍ତି ଏବଂ ୨୨ ଦିନ ହେବ ଆଦିବାସୀମାନେ ଧାରଣାରେ ବସିଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଯାହାକୁ ବିଜେଡି ନିନ୍ଦା କରୁଛି ଏବଂ ଆଗାମୀ ଦିନରେ ସରକାର ନିଷ୍ପତ୍ତିରୁ ନ ଓହରିଲେ ବିଜେଡି ଏହାର ଉଚିତ ଜବାବ ଦେବବୋଲି ପୂର୍ବତନ ବିଧାୟକ ମୁକେଶ କୁମାର ପାଲ କହିଥିଲେ। ଦୀର୍ଘ ସମୟ ପରେ ଉପଜିଲ୍ଲାପାଳ ରବୀନ୍ଦ୍ର ପଟେଲ ଏବଂ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶଶିକାନ୍ତ ବେହେରା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଜିଲ୍ଲାପାଳ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହିତ ଆଲୋଚନା କରି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପାଲଲହଡ଼ା ଅଞ୍ଚଳରେ ଅଖଚକ ବନ୍ଦ କରାଯିବ ବୋଲି ପୂର୍ବତନ ବିଧାୟକ ପାଲ କହିଛନ୍ତି।

# +୩ ନାମଲେଖା ନିମନ୍ତେ ବିଜେଡିର ସହାୟତା କେନ୍ଦ୍ର



**ଅନୁଗୋଳ,୨୩।୬(ସମିସ):** ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଚଳିତ ବର୍ଷ +୩ ନାମଲେଖା ନିମନ୍ତେ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ବିଜୁ ଯୁବ ଜନତା ଦଳ ସଭାପତି ଅରୁଣାଭ ସିଂହଙ୍କ ନେତୃତ୍ୱରେ ଏକ ସହାୟତା କେନ୍ଦ୍ର ସ୍ଥାପନ କରାଯାଇଛି। ଚଳିତ ବର୍ଷ ନାମଲେଖା ସଂକ୍ରାନ୍ତ ଆବଶ୍ୟକ ଥିବା ସମସ୍ତ ପ୍ରିଣ୍ଟଆଉଟ୍ ଏବଂ ଜେରକ୍ସ କପି ସମ୍ପୂର୍ଣ୍ଣ ମାଗଣା ଯୋଗାଇ ଦିଆଯାଉଛି। ଏଥିସହ ନାମଲେଖା ପ୍ରକ୍ରିୟାର କିଛି ଅସୁବିଧା ଯେମିତି ଏସ୍ଏଏମ୍ଏସ୍ ପୋର୍ଟାଲ, ସିଏଏଫ୍ ଦାଖଲ କରିବା ଇତ୍ୟାଦି ପାଇଁ ସହାୟତା ଯୋଗାଇ ଦିଆଯାଉଛି। ପାନୀୟ ଜଳ ଏବଂ ଆଶ୍ରୟ ସ୍ଥଳ ମଧ୍ୟ ଉପଲବ୍ଧ ଅଛି। ଜୁନ ୨୩, ୨୪ ଓ ୨୫ ତାରିଖ ପର୍ଯ୍ୟନ୍ତ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ରହିବ। ଉଦଘାଟକ ଭାବେ ପୂର୍ବତନ ବିଧାୟକ ତଥା ପୂର୍ବତନ ଉପ ବାଚସ୍ପତି ରଜନୀକାନ୍ତ ସିଂହ ଯୋଗଦେଇଥିଲେ। ବିଜେଡି ରାଜ୍ୟ ପରିଷଦ ସଭ୍ୟ ମହେନ୍ଦ୍ର ବସ୍ତିଆ, କାଉନସିଲର ସଦାନନ୍ଦ ପଣ୍ଡା, ରଞ୍ଜିତ୍ ମାଣ୍ଡୋଠିଆ, ଅନୁଗୋଳ ବାର ଆସୋସିଏସନ ସଭାପତି ଦିଲୀପ ସାହୁ, ରାଜ୍ୟ ଯୁବ ବିଜେଡି ଉପ ସଭାପତି ସୁଜିତ ଦ୍ୱିବେଦୀ, ଶିବାନୀ ଶଙ୍କର ଗୌଡ଼, ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ପୂର୍ବତନ ଛାତ୍ର ବିଜେଡି ସଭାପତି ରାଜୀବ ଲୋଚନ ଦାସ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଶୁଭ୍ରାଂଶୁ ଶେଖର ଜିତ, ଜିଲ୍ଲା ଆଇଟି ସେଲ୍ ସଂଯୋଜକ ଅବିନାଶ ପରିଡ଼ା, ନଗର ଛାତ୍ର ବିଜେଡି ସଭାପତି ଦେବବ୍ରତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଛାତ୍ର ସଂସଦ ସଭାପତି ଶୁଭେନ୍ଦୁ ଅମାନ୍ତ, ପ୍ରବୀଣ ସ୍ୱାଇଁ, ଅଜିତ ସ୍ୱାଇଁ ଏବଂ କ୍ୟାମ୍ପସ କମିଟି କେନ୍ଦ୍ର ପରିଚାଳନା କରିଥିଲେ।

# ମାଟ୍ରିକ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ଅନୁଗୋଳ,୨୩।୬(ସମିସ):** "ଆମ ପ୍ରତିଭା ଆମ ସ୍ୱାଭିମାନ" ସାମାଜିକ ଅନୁଷ୍ଠାନ ପକ୍ଷରୁ ପୌରପାଳିକା ଟାଉନ୍ ହଲ୍ ଠାରେ ମାଟ୍ରିକ ଏ-୧ ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ସମ୍ମାନ-୨୦୨୬ ପ୍ରଦାନ କରାଯାଇଅଛି। ଅନୁଷ୍ଠାନର କୋଷାଧ୍ୟକ୍ଷ ପର୍ଶୁରାମ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ ତଥା ବିଧାୟକ ମହେଶ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରି ଶିକ୍ଷାର ସ୍ପୃହାକୁ ଉଦ୍ଜୀବିତ କରି ରଖିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଧେୟ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଜଣେ ଉତ୍ତମ ନାଗରିକ ଭାବରେ ମା ମାଟି ପାଇଁ କାମ କରିବାର ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ଜିଲ୍ଲାରେ ମାଟ୍ରିକ ପରୀକ୍ଷାରେ ୭୯ ଜଣ ଛାତ୍ରଛାତ୍ରୀ ଏ-୧ ସ୍ଥାନ ଗ୍ରହଣ କରିଥିବା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଅନୁଯାୟୀ ସେମାନଙ୍କ ମଧ୍ୟରୁ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତଥା ନଗରପାଳ ଅକ୍ଷୟ କୁମାର ସାମନ୍ତ, ସମ୍ପାଦକ ଦିନେଶ ପ୍ରଧାନ, ଯୁଗ୍ମ ସମ୍ପାଦକ ଓ ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ରହିଥିବା ବେଳେ ଉପସଭାପତି ବଳରାମ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ପ୍ରତାପ ମହାପାତ୍ର, ଜ୍ଞାନେନ୍ଦ୍ର ସାହୁ, ଉତ୍କଳ ରଞ୍ଜନ ପଣ୍ଡା ଓ ଜୁଲୁ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ୟବସାୟୀଙ୍କ ଆତ୍ମହତ୍ୟା

**ବଣ୍ଡରପାଳ,୨୩।୬(ସମିସ):** ବଣ୍ଡରପାଳ ଥାନା ମହୀଧରପୁର ଫାଣ୍ଡି ଫୁଲପଡ଼ା ଛକରେ ବ୍ୟବସାୟ କରୁଥିବା ଭାଗୀରଥି ବେହେରା (୫୦) ସୋମବାର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି। ସେ ପ୍ରାୟ ୨୦/୨୫ ବର୍ଷ ହେଲା ବ୍ୟବସାୟ କରିଆସୁଥିଲେ। ହେଲେ କିଛିଦିନ ହେଲା, ବ୍ୟବସାୟ ଭଲରେ ନ ଚାଲିବା ଯୋଗୁଁ ମାନସିକ ଭାରସାମ୍ୟ ହରାଇଥିଲେ। ସକାଳୁ ସେ ତାଙ୍କ ପତ୍ନୀଙ୍କୁ ଅନୁଗୋଳ ଯାଉଥିବା କହି ପାଖରେ ଏକ ସୁଇସାଇଡ୍ ନୋଟ୍ ରଖିଥିଲେ। ଏଥିରେ ବ୍ୟବସାୟ ଠିକ୍ ରୂପେ ଚାଲୁ ନ ଥିବା ଦର୍ଶାଇଥିଲେ। ପରେ ନିକଟସ୍ଥ ଏକ ବଗିଚାରେ ଭାଗୀରଥି ଅଟକି ପାଖରେ ରଖିଥିବା ବିଷପିଇ ଦେଇଥିଲେ। ମହୀଧରପୁର ଫାଣ୍ଡି ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତଦେହ ନିକଟରେ ଭାଗୀରଥିଙ୍କ ବାଇକ୍ ଥିବା ଦେଖିବାକୁ ମିଳିଛି।

# ଶିବିରରୁ ୭୧ ୟୁନିଟ ରକ୍ତ ସଂଗ୍ରହ




**ଅନୁଗୋଳ,୨୩।୬(ସମିସ):** ନାଲକୋ, ଅନୁଗୋଳ ଏବଂ ସାମାଜିକ ଅନୁଷ୍ଠାନ ସ୍ପନ୍ଦନ ମିଳିତ ସହଯୋଗରେ ନାଲକୋ ହସ୍ପିଟାଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରଣବ କୁମାର ଦାସ ଏହାକୁ ଉଦଘାଟନ କରିଥିଲେ। ଶିବିରରୁ ୭୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଅନୁଗୁଳ ରକ୍ତକେନ୍ଦ୍ର ସହଯୋଗରେ ଶିବିର ହୋଇଥିଲା। ନାଲକୋ ହସ୍ପିଟାଲର ମହାପ୍ରବନ୍ଧକ ଡା. ମିତେଶ କୁମାର ୱାଗଜି, ଉପମହାପ୍ରବନ୍ଧକ ଡା. ଶମ୍ଭୁ ପ୍ରସାଦ, ଡା. ସୁଭାଷିନୀ ମୁର୍ମୁ, ସହାୟକ ମହାପ୍ରବନ୍ଧକ ଡା. ଚିନ୍ମୟ କୁମାର ବାରିକ, ଏଏମଏସ ଶ୍ରମିକ ସଂଗଠନର ମୁନା ସାମଲ, ଗୋପାଳ ମଲ୍ଲିକ, ନେହରୁ ସାହୁ, କିଶୋରୀ ଦେହୁରୀ, ଦୀପକ ସାମଲ, ରଞ୍ଜିତ ମାଝୀ, ଦୀନବନ୍ଧୁ ଭୁତିଆ ନାଲକୋ ଶ୍ରମିକ କଂଗ୍ରେସର ଟିକନ ସାମଲ, ଅଶୋକ ବେହେରା, ନେସ ଶ୍ରମିକ ସଂଗଠନର ବିକାଶ ପାଳ ପ୍ରମୁଖ ଯୋଗଦେଇଥିଲେ। ସରୋଜିନୀ ଦାସ, ପ୍ରିୟଦର୍ଶିନୀ ମିଶ୍ର, କୁନମୁନ ବରାଳ, ସୁମିତ୍ରା ସାହୁ, ଏମ ସୁବା ରାଓ, ଶିବପ୍ରସାଦ ମିଶ୍ର, କୁମୁଦିନୀ ମହାରଣା, ନିର୍ମଳ ସାମଲ, ସୁଶାନ୍ତ କଅଁର, ସୁଶାନ୍ତ ବେହେରା, ବିଭୁ ଶତପଥୀ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଅଲ୍ ଓଡ଼ିଶା ବ୍ରିଜ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



**ଅନୁଗୋଳ,୨୩।୬(ସମିସ):** ଅନୁଗୋଳ ଟ୍ରକ୍ ମାଲିକ ସଂଘ ସଭାକକ୍ଷରେ ମଙ୍ଗଳବାର ଅଲ୍ ଓଡ଼ିଶା ବ୍ରିଜ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ରୂପେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ଅନୁଗୋଳ ବିଧାୟକ ପ୍ରତାପ




ଚନ୍ଦ୍ର ପ୍ରଧାନ, ଓଡ଼ିଶା ବ୍ରିଜ୍ ଆସୋସିଏସନ୍ ସଭାପତି ଶୁଭେନ୍ଦୁ ପଟ୍ଟନାୟକ, ସମ୍ପାଦକ ତାପସ ବିଶ୍ୱାଳ, ଅନୁଗୋଳ ଟ୍ରକ୍ ମାଲିକ ସଂଘ ସଭାପତି ଅମରେଶ ସ୍ୱାଇଁ, ସମ୍ପାଦକ ରଜତ ମହାପାତ୍ର, ଅନୁଗୋଳ ବ୍ରିଜ୍ ଆସୋସିଏସନ୍ ସଭାପତି ଜୟ ପଟ୍ଟନାୟକ, ସମ୍ପାଦକ ଡିଲେଶ୍ୱର୍ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସଂଘର ଦିବଂଗତ ସମ୍ପାଦକ ଦିଲୀପ କୁମାର ସିହ୍ନାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ୧୮ ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଜୁନ୍ ୨୪ ତାରିଖ ସନ୍ଧ୍ୟାରେ ଉଦଯାପନୀ କାର୍ଯ୍ୟକ୍ରମ ରହିଛି।

# ବିଧାନସଭାସ୍ତରୀୟ ପ୍ରସ୍ତୁତି ବୈଠକରେ ରଣନୀତି ଚୂଡ଼ାନ୍ତ



**କିଶୋରନଗର,୨୩।୬(ସମିସ):** ଆସନ୍ତା ୨୬ ତାରିଖ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିବସ ଅବସରରେ ଆଠମଲ୍ଲିକ ବିଧାନସଭା ବିଜେପି ପକ୍ଷରୁ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସକାଳେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଉଦ୍ଦେଶ୍ୟରେ ମାଧପୁର ମଣ୍ଡଳ ନୂଆଗାଁ ମନ୍ଦିରରେ ଦୀପଦାନ କାର୍ଯ୍ୟକ୍ରମ କରାଯିବ। ପରେ ମାଧପୁରଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ସେହିପରି କେନ୍ଦ୍ରରେ ମୋଦୀ ସରକାରଙ୍କ ୧୨ ବର୍ଷ ଓ ରାଜ୍ୟରେ ପ୍ରଥମ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବ ମଧ୍ୟ ପାଳନ କରାଯିବ। ଏ ନେଇ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, ଜିଲ୍ଲା ଉପସଭାପତି ଅଞ୍ଜଳି ପ୍ରଧାନ, କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ବିଧାନସଭା ସଂଯୋଜକ ଡ. ଅଲେଖ ପ୍ରଧାନ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ପୂର୍ବତନ ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ସାଂସଦଙ୍କ ପ୍ରତିନିଧି ସନ୍ତୋଷ ହୋତା, ଇଂ ପ୍ରକାଶ ସାହୁ, ମାଧପୁର ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ମହାକୁଡ଼ଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଡାକ୍ତରଖାନା ସମସ୍ୟା ନେଇ ଏସୟୁସିଆଇର ବିକ୍ଷୋଭ

**କିଶୋରନଗର,୨୩।୬(ସମିସ):**




କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ, ଅଲଟ୍ରାସାଉଣ୍ଡ ମେସିନ୍, ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁ ନ ଥିବାରୁ ଗରିବ ରୋଗୀ ବହୁ ଖର୍ଚ୍ଚାନ୍ତ ହୋଇ ସମ୍ବଲପୁର ଅନୁଗୋଳ ଯିବାକୁ ବାଧ୍ୟ ହେଉଛନ୍ତି। ସ୍ୱାସ୍ଥ୍ୟସେବା ସମସ୍ୟାର ସମାଧାନ ପାଇଁ ଭେଷଜ, ଶିଶୁ ରୋଗ, ସ୍ତ୍ରୀ ଓ ପ୍ରସୂତି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ନର୍ସ କର୍ମଚାରୀ ପଦ ପୂରଣ, ଏକ୍ସ-ରେ, ଅଲଟ୍ରାସାଉଣ୍ଡ ମେସିନ୍ ସ୍ଥାପନ, ଶଯ୍ୟାସଂଖ୍ୟା ବୃଦ୍ଧି, ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ପ୍ରକାରର ପରୀକ୍ଷା ଉପକରଣ ଓ ରାସାୟନିକ ଯୋଗାଣ, ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ, ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ, ନିରାମୟରେ ସମସ୍ତ ଔଷଧ ଯୋଗାଣ, ସମସ୍ତ ଗ୍ରାମରେ ବିଶୋଧିତ ମଶାରୀ ବଣ୍ଟନ, କୂଅ, ନଳକୂଅ, ଜଳଯୋଗାଣ ପ୍ରକଳ୍ପକୁ ବିଶୋଧନ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଆଦି ଦାବିରେ ମଙ୍ଗଳବାର ଏସୟୁସିଆଇ (କମ୍ୟୁନିଷ୍ଟ) କିଶୋରନଗର ଆଞ୍ଚଳିକ କମିଟି ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆନ୍ଦୋଳନକାରୀମାନେ ସ୍ଥାନୀୟ କଲେଜ ଛକରୁ ଶୋଭାଯାତ୍ରାରେ ବାହାରି ବଜାର ଦେଇ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ଏସୟୁସିଆଇ (କମ୍ୟୁନିଷ୍ଟ) ଆଞ୍ଚଳିକ କମିଟି ସମ୍ପାଦକ ତୀର୍ଥବାସୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରମଣୀ ରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ମେଣ୍ଡୁଲି, ଲକ୍ଷ୍ମଣ ବେହେରା, ପୀତାମ୍ବର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କହିଥିଲେ। ପରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଦାବିପତ୍ର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଭେଷଜ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହୋଇଛନ୍ତି। ଅନ୍ୟ ଦାବିଗୁଡ଼ିକ ସରକାରଙ୍କୁ ଅବଗତ କରାଇ ପଦକ୍ଷେପ ନେବାକୁ ସେ ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କିଶୋରୀ ପ୍ରଧାନ, ବିଜୟ ମୁଣ୍ଡା, ଜୟ ବେହେରା, ରାମଚନ୍ଦ୍ର ଦେହୁରୀ, ବାବାଜୀ ଚରଣ ବେହେରା, ସୁରୁଚି ପ୍ରଧାନ, ବସୁମତୀ ସାହୁ, ରମେଶ ସାହୁ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

# ୪୫ ବର୍ଷର ବିବାହିତ ଯୁବକ ସହ ୫୫ ବର୍ଷୀୟ ମହିଳା ଛୁ; ବୃଦ୍ଧ ସ୍ୱାମୀ ଥାନାର ଦ୍ୱାରସ୍ଥ

ରାଜକନିକା,୨୩।୬(ସମିସ): ସ୍ୱାମୀ, ପୁଅ-ବୋହୂ, ନାତି-ନାତୁଣୀଙ୍କ ମେଳରେ ହସ ଖୁସିରେ ଜୀବନ କାଟିବା ବୟସରେ ଜଣେ ବୟସ୍କା ମହିଳା ତାଙ୍କଠାରୁ ୧୦ ବର୍ଷ ସାନ ବିବାହିତ ପୁରୁଷ ସହ ଫେରାର ହୋଇଯାଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି ତାଙ୍କ ବୃଦ୍ଧ ସ୍ୱାମୀ। ଏପରିକି ଭୁବନେଶ୍ୱର ଯାଇ ତାଙ୍କୁ ନେହୁରା ହେବା ପରେ ସେଠାରୁ ମାଡ଼ ଖାଇ ଫେରିଥିବା ଘଟଣା ରାଜକନିକା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମହିଳା ଜଣଙ୍କ ଗଲାବେଳେ ଘରୁ ୭୦ହଜାର ଟଙ୍କା, ସୁନା ମୁଦି, ରୁପା ଗହଣା ଆଦି ନେଇଯାଇଥିବା ଜଣାପଡ଼ିଛି। ପଡ଼ୋଶୀ ଗାଁର ଜଣେ ୪୫ବର୍ଷର ବିବାହିତ ପୁରୁଷ ସହ ଫେରାର ହେବା ପରେ ଲୋକଲଜ୍ଜାକୁ ବେଖାତିର କରି ଫେରାର ଥିବା ସ୍ତ୍ରୀକୁ ଫେରାଇ ଆଣିବାକୁ ବୃଦ୍ଧ ସ୍ୱାମୀ ଭୁବନେଶ୍ୱର ଯାଇ ତାଙ୍କୁ ନେହୁରା ହୋଇଥିଲେ। ମାତ୍ର ନିହାତି ନୂଆ ଯୁବ ସ୍ୱାମୀଙ୍କୁ ଛାଡ଼ି ଆସିବାକୁ ରୋକଠୋକ ମନା କରି ମାଡ଼ ମାରି ବିଦା କରିଦେବା ପରେ ବୃଦ୍ଧ ଜଣକ ରାଜକନିକା ଥାନାରେ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିବା ଖବର ଆମ ସାମାଜିକ ଜୀବନର ଧାରାକୁ ବ୍ୟାଘାତ କରିଛି। ସୂଚନା ମୁତାବକ ରାଜକନିକା ଥାନା ସିକୋ ପଞ୍ଚାୟତର ପଡ଼ୋଶୀ ଦୁଇ ଗାଁର ଫେରାର ହୋଇଥିବା ଉଭୟ ମହିଳା ଏବଂ ପୁରୁଷଙ୍କ ପରିବାର ମଧ୍ୟରେ ନିବିଡ଼ ସମ୍ପର୍କ ଥିଲା। ଏମିତିକି ପ୍ରତିଦିନ ସନ୍ଧ୍ୟାରେ ଯୁବକ ଜଣକ ଉକ୍ତ ମହିଳା ଏବଂ ତାଙ୍କ ସ୍ୱାମୀଙ୍କ ସହ ମିଶି ଖାଇବା ପିଇବା କରିଥାନ୍ତି। ଦିନକୁ ଦିନ ଯୁବକର ଏହି ମହିଳାଙ୍କ ପ୍ରତି ଦୁର୍ବଳତା ବଢି ଫେରାର ହେବାର ଯୋଜନା କରିବା କାହାକୁ ବିଶ୍ୱାସ ହେଉ ନ ଥିଲା। ଏମିତି ଘଟଣା ଘଟିବା ପରେ ବୃଦ୍ଧ ସ୍ୱାମୀ କିଛି ଦିନ ଅପେକ୍ଷା କରି କାଳେ ସ୍ତ୍ରୀର ମନ ବଦଳିବ, ପୁଣି ସେ ଭୁଲ ବୁଝି ଘରକୁ ଫେରିବେ ବୋଲି ଭରସା କରି ଆସିଥିବା ବିଚରା ବୃଦ୍ଧ ସ୍ୱାମୀ ସୁଦର୍ଶନ ଦାସ ଶେଷରେ ରାଜକନିକା ଥାନାରେ ପହଞ୍ଚି ଅଭିଯୁକ୍ତ ଯୁବକ କବଳରୁ ନିଜ ସ୍ତ୍ରୀ କୁ ଉଦ୍ଧାର କରି ତାଙ୍କୁ ଫେରାଇବାକୁ ଆଶା ରଖିଛନ୍ତି। ପ୍ରକାଶ ଥାଉ କି ସମ୍ପୃକ୍ତ ଫେରାର ପୁରୁଷଙ୍କ ସ୍ତ୍ରୀ ମୃତ୍ୟୁ ବରଣ କରିବା ପରେ ଆଉ ଜଣକୁ ବିବାହ କରିଥିଲେ ମାତ୍ର ଏହି ବୟସ୍କା ମହିଳାଙ୍କ ସହ ଅନ୍ତରଙ୍ଗ ହେବା ପରେ ଦ୍ୱିତୀୟ ସ୍ତ୍ରୀ କୁ ମାଡ଼ ମାରି ବିଦା କରିବା ପରେ ଶେଷରେ ଗାଁ ଛାଡି ଫେରାର ହେବା ପ୍ରେମର ଗଭୀରତା କୁ ପ୍ରମାଣିତ କରିଛି।

# ପଞ୍ଚାୟତସ୍ତରୀୟ ମହିଳା ସଭା



ପଞ୍ଚୁପାଣ୍ଡବ,୨୩।୬(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏକ ପଞ୍ଚାୟତ ସ୍ତରୀୟ ମହିଳା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆର୍ ଆଇ ସାରଦା ପ୍ରସାଦ ପ୍ରଧାନ ୩୨ ଜଣଙ୍କୁ ଜମି ପଟ୍ଟା ପ୍ରଦାନ କରିଥିବା ବେଳେ ପିଇଓ ଗୋବିନ୍ଦ ଚନ୍ଦ୍ର ସାହୁ ୨୨ ଜଣ ହିତାଧିକାରୀଙ୍କୁ ନୂଆ ମଧୁବାବୁ ଭତ୍ତା ବଣ୍ଟନ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ପକ୍ଷରୁ କିଛି ଲୋକଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ସରପଞ୍ଚ ମୋହନ ଚରଣ ସାହୁ, ଶିଶୁ ବିଭାଗ ପକ୍ଷରୁ ସୁପରଭାଇଜର ମାନସୀ ଦାସ, ମିଶନ ଶକ୍ତି ମାନଙ୍କ ମଧ୍ୟରେ ନମିତା ସାହୁ ଏବଂ ସମସ୍ତ ସିଆର୍‌ପି ଓ ଇସିମାନେ ଉପସ୍ଥିତ ଥିଲେ। ସେହିପରି ରଘୁଦେଇପୁର ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆମ ବ୍ୟାଙ୍କ୍ କାର୍ଯ୍ୟଳୟ ରେ ହୋଇଥିବା ବେଳେ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟଳୟ, ମିଶନ ଶକ୍ତି ଅଫିସ ନ ଥିବାରୁ ମହିଳା ମାନେ ଆସିଥିବା ଅଧିକାରୀ ମାନଙ୍କୁ ପ୍ରଶ୍ନ କରି ଥିବା ଜଣା ପଡ଼ିଛି। ଏହି ପଞ୍ଚାୟତରେ ବିଭିନ୍ନ ଯୋଜନା ମଧ୍ୟରୁ ଶତାଧିକ ଯୋଜନା ପଛରେ ପଡ଼ି ରହିଥିବା ଅଭିଯୋଗ ଉଠିଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ନମିତା ବାରିକ, ଶିଶୁ ବିକାଶ ସୁପରଭାଇଜର ବିଜୟଲକ୍ଷ୍ମୀ ମଲ୍ଲିକ, ଏମ୍‌ବିକେ ନିବେଦିତା ମଲ୍ଲିକ, ପିଇଓ ମାନସ ରଞ୍ଜନ ମଲିକ, ସରପଞ୍ଚ ଭକ୍ତିଲତା ନାୟକ ଏବଂ ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ।

# 'ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା' ସମାବେଶ




ଗରଦପୁର,୨୩।୬(ସମିସ): ଗରଦପୁର ବ୍ଲକ୍ ପରିସରରେ ଆୟୋଜିତ ବ୍ଲକସ୍ତରୀୟ 'ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା' ସମାବେଶକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଦେଖାଦେଇଛି କ୍ଷ ଯୁବବର୍ଗଙ୍କୁ ଦକ୍ଷତା ସମ୍ପନ୍ନ କରିବା ଓ ନିଯୁକ୍ତି ସୁଯୋଗ ସମ୍ପର୍କରେ ସଚେତନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲେ ମଧ୍ୟ ଆଶାନୁରୂପ ଉପସ୍ଥିତି ଦେଖିବାକୁ ମିଳିନଥିଲା। ଫଳରେ ସଭାସ୍ଥଳରେ ରଖାଯାଇଥିବା ଅନେକ ଚେୟାର ଖାଲି ପଡ଼ିଥିବା ନଜରକୁ ଆସିଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୨୦ ଜଣ ଛାତ୍ର ଓ ୪୦ ଜଣ ଛାତ୍ରୀ ଯୋଗ ଦେଇଥିଲେ। ସମାବେଶରେ ଯୁବକ ଓ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ, ଆତ୍ମନିର୍ଭରଶୀଳତା ଏବଂ ନିଯୁକ୍ତି ସୁଯୋଗ ସମ୍ପର୍କରେ ଅବଗତ କରାଯାଇଥିଲା। ବିଭିନ୍ନ ଯୋଜନା ଓ ପ୍ରଶିକ୍ଷଣ ମାଧ୍ୟମରେ କିପରି ଯୁବବର୍ଗ ନିଜକୁ ସଶକ୍ତ କରିପାରିବେ, ସେନେଇ ମଧ୍ୟ ଆଲୋଚନା କରାଯାଇଥିଲା। ତେବେ ଏତେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଆଶାନୁରୂପ ଛାତ୍ରଛାତ୍ରୀ ଏବଂ ଯୁବବର୍ଗଙ୍କ ଉପସ୍ଥିତି ନ ଥିବାରୁ କାର୍ଯ୍ୟକ୍ରମର ପ୍ରଭାବ ଓ ସଫଳତାକୁ ନେଇ ପ୍ରଶ୍ନ ଉଠିଛି। ଏହାକୁ ନେଇ ସ୍ଥାନୀୟ ରାଜନୈତିକ ଓ ସାମାଜିକ ମହଲରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ, ଗରଦପୁର ବ୍ଲକରେ ଗତ ଦୁଇ ବର୍ଷ ମଧ୍ୟରେ ଉଲ୍ଲେଖନୀୟ ବିକାଶମୂଳକ ପ୍ରକଳ୍ପ ଆରମ୍ଭ ହୋଇନଥିବା ଅଭିଯୋଗକୁ ନେଇ ମଧ୍ୟ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି କ୍ଷ ଫଳରେ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟଦକ୍ଷତାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ, ଯୁବ ସମାଜ ପାଇଁ ଆୟୋଜିତ ଏହି ସମାବେଶ ପ୍ରକୃତରେ କେତେଦୂର ଲକ୍ଷ୍ୟ ପୂରଣ କରିପାରିଛି, ତାହାକୁ ନେଇ ମତଭେଦ ଦେଖାଦେଇଛି। ବିଶେଷ କଥା ହେଲା, ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ଏବଂ ନିଯୁକ୍ତିମୁଖୀ ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସମାବେଶରେ ଆଶାନୁରୂପ ଜନସମାଗମ ନ ହେବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ମାଟି ଧସି ୧୨ ନମ୍ବର କେନାଲ୍ ମୁହଁ ବନ୍ଦ

# ଖରିଫ୍ ଋତୁରେ ପାଣି ଆସିବା ନେଇ ସନ୍ଦେହରେ ଚାଷୀ

ଡେରାବିଶ,୨୩।୬(ସମିସ)

ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅର୍ତ୍ତାମୂଳ ଠାରେ କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ୧୨ ନମ୍ବର ଶାଖା ନାଳ ମୁହଁ ଦୀର୍ଘ ୨ ମାସ ହେଲା ଧସିଯାଇ ବନ୍ଦ ହୋଇଯାଇଛି। ଯାହା ଫଳରେ ଏହି କେନାଲ୍ ଉପରେ ନିର୍ଭର କରି ଚାଷକରୁଥିବା ୭ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ଏବେ କେନାଲ୍ ପାଣି ପାଇବା ନେଇ ଆଶଙ୍କାରେ ରହିଛନ୍ତି। ସୂଚନାରୁ ପ୍ରକାଶ ଦୁଇମାସ ପୂର୍ବରୁ ଅର୍ତ୍ତାମୂଳ ବାଲି ଘାଟରୁ ବେଆଇନ ଭାବେ ଓ ଅଧିକ ପରିମାଣରେ ବାଲି ପରିବହନ କରି ଶହଶହ ହାଇୱା ଏହି କେନାଲ୍ ବନ୍ଧ ନେଇ ଯିବା ଫଳରେ ରାସ୍ତା ଓ କେନାଲ୍ ମୁହଁ ଦୁର୍ବଳ ହୋଇ ପଡ଼ି ଧସିଯାଇଥିଲା। ଫଳରେ କେନାଲ୍ ମୁହଁର କାନ୍ଥ ଭାଙ୍ଗି କେନାଲ୍ ମୁହାଁଟି ମାଟି ଓ ଇଟାରେ ପୋତି ହୋଇପଡ଼ିଛି। ଏବେ ଖରିଫ୍ ଋତୁରେ ଚାଷୀ ବର୍ଷା ପାଣିରେ ବିଲ ପାଗ ଦେଇ ଧାନ ପକାଇଛି। ଆଶା କରିଛି କେନାଲ ପାଣି ଆସିଲେ ବିଲ ଚାଷ କରି ରୁଆ ପୋତା କାର୍ଯ୍ୟ କରିବ। ହେଲେ କେନାଲ୍ ମୁହଁ ବନ୍ଦ। ଏବେ ଚାଷୀର ଭରସା ପାଉନି କେମିତି ପୋତି ହୋଇପଡ଼ିଥିବା କେନାଲ୍ ମୁଁ ଦେଇ କେନାଲ୍ ପାଣି ଆସିବ। ଏଥି ସହିତ ଏବେ ମୌସୁମୀ ବର୍ଷା ଆରମ୍ଭ ହୋଇଗଲାଣି। ବର୍ଷା ଦିନରେ କେନାଲ୍ କାମ କରିବା ସମ୍ଭବ ନୁହେଁ। ଆହୁରି ମଧ୍ୟ କେନାଲ୍‌ରେ



ପାଣି ଆସିଲେ ଏଠାରେ ଅଧା ଅଧି ଭୁଶୁଡ଼ି ଯାଇଥିବା ଦୁର୍ବଳ ବନ୍ଧ କୌଣସି ମୁହୂର୍ତ୍ତରେ ଭାଙ୍ଗିଯାଇ ସ୍ଥାନୀୟ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି କରିବାର ଆଶଙ୍କା ଦେଖାଦେଇଛି।

ତେବେ ଜଳସଚେନ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ସାମାନ୍ୟ ତମ ଦୃଷ୍ଟି ଦେଉନଥିବା ଅଂଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଚାଷୀମାନଙ୍କ ଠାରୁ ଖବର ପାଇ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ଘଟଣା ସ୍ଥଳରେ ପହଞ୍ଚି ଚାଷୀମାନଙ୍କ ନିକଟରୁ ସମସ୍ତ ବିଷୟ ବୁଝିଥିଲେ ଏବଂ ପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଏହି କେନାଲ୍ ମୁହଁଟିକୁ ନିର୍ମାଣ କରିବା ପାଇଁ କହିଥିଲେ। ତେବେ ଯଦି ଖୁବ୍ ଶୀଘ୍ର ଏହି କୋନଲ ମୁହଁଟିକୁ ନିର୍ମାଣ କରାନଯାଏ ତେବେ ଧାନ ଚାଷ କରିବା ପାଇଁ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ପ୍ରକାଶ ପାଇଛି।

# କାନ ଅସ୍ତ୍ରୋପଚାର ପାଇଁ ଯାଇଥିଲେ, ଫେରିଲା ମୃତଦେହ

ଗରଦପୁର,୨୩।୬(ସମିସ): କାନର ଯନ୍ତ୍ରଣାରୁ ମୁକ୍ତି ପାଇବା ଆଶାରେ ଘରୁ ବାହାରିଥିଲେ। ପରିବାର ଲୋକେ ମଧ୍ୟ ଆଶା କରିଥିଲେ ସାମାନ୍ୟ ଅସ୍ତ୍ରୋପଚାର ପରେ ସେ ସୁସ୍ଥ ହୋଇ ଘରକୁ ଫେରିବେ। ହେଲେ ସମସ୍ତଙ୍କ ଆଶାକୁ ଧୂଳିସାତ କରି ଅପରେସନ ଥିଏଟରରୁ ଫେରିଲା ମୃତଦେହ। ଏହି ଘଟଣାକୁ ନେଇ ଗରଦପୁର ବ୍ଲକ୍ ବ୍ରହ୍ମପୁର ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଶୋକ ଓ କ୍ଷୋଭର ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ୩୫ ବର୍ଷୀୟା ବୀଣାପାଣି ଦାସ କାନ ଅସହ୍ୟ ଯନ୍ତ୍ରଣାରେ ପୀଡ଼ିତ ଥିଲେ। ଔଷଧ ସେବନ କରିବା ପରେ ମଧ୍ୟ ଯନ୍ତ୍ରଣା କମିନଥିବାରୁ ସେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଯାଇଥିଲେ। ଡାକ୍ତର କାନର ପରଦା ଫାଟିଯାଇଥିବା କହି ତୁରନ୍ତ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦେଇଥିଲେ। ଆବଶ୍ୟକୀୟ ସମସ୍ତ ପରୀକ୍ଷା ପରେ ତାଙ୍କୁ ଅସ୍ତ୍ରୋପଚାର ପାଇଁ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ମଧ୍ୟ କୁହାଯାଇଥିଲା। ମାତ୍ର ଅପରେସନ ଥିଏଟରକୁ ନେବାର କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏକ ସାଧାରଣ କାନ ଅସ୍ତ୍ରୋପଚାର

**ଚିକିତ୍ସାରେ ଅବହେଳା ଅଭିଯୋଗ, ତଦନ୍ତ ଦାବି**

ବେଳେ ଶାରୀରିକ ଭାବେ ସୁସ୍ଥ ଥିବା ଜଣେ ମହିଳାଙ୍କ ମୃତ୍ୟୁ କିପରି ହେଲା, ତାହାକୁ ନେଇ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ମୃତକଙ୍କର ତିନି ବର୍ଷର ଏକ ଶିଶୁକନ୍ୟା ରହିଥିବା ବେଳେ ମା'ଙ୍କୁ ହରାଇ ଶିଶୁଟି ଅନାଥ ହୋଇପଡ଼ିଛି। ହସ୍ପିଟାଲ ସମ୍ମୁଖରେ ପତ୍ନୀଙ୍କୁ ହରାଇ ସ୍ୱାମୀଙ୍କ ଆକୁଳ କାନ୍ଦଣା ସମସ୍ତଙ୍କୁ ବିଚଳିତ କରିଥିଲା। ସମ୍ପର୍କୀୟଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଅସ୍ତ୍ରୋପଚାର ପରେ ସେମାନଙ୍କୁ ଓଟି ଭିତରକୁ ଯିବାକୁ ଦିଆଯାଇନଥିଲା ଏବଂ ଯେଉଁ ଡାକ୍ତର ଅସ୍ତ୍ରୋପଚାର କରୁଥିଲେ, ସେ ହସ୍ପିଟାଲ ଛାଡ଼ି ଚାଲିଯାଇଥିବା କୁହାଯାଉଛି। ଏପରିକି ପୁଲିସକୁ ଡକାଇ ପରିବାର ଲୋକଙ୍କୁ ଭୟଭୀତ କରାଯାଇଥିବା ଓ ଚାପ ପକାଇ ସମାଧାନ ପାଇଁ ବାଧ କରାଯାଇଥିବା ଅଭିଯୋଗ ମଧ୍ୟ ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ ସହ ଚିକିତ୍ସାରେ ଅବହେଳା ହୋଇଥିଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଘଟଣା ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏବଂ ଘରୋଇ ହସ୍ପିଟାଲଗୁଡ଼ିକର ଜବାବଦେହିତାକୁ ନେଇ ପୁଣିଥରେ ପ୍ରଶ୍ନ ସୃଷ୍ଟି କରିଛି। ଜଣେ ମା'ଙ୍କ ମୃତ୍ୟୁ ପରେ ଏବେ ନ୍ୟାୟ ଅପେକ୍ଷାରେ ରହିଛି ଏକ ନିଷ୍ପାପ ତିନି ବର୍ଷର ଶିଶୁ ଓ ସମଗ୍ର ପରିବାର। ତେବେ ଘଟଣାର ପ୍ରକୃତ କାରଣ କଣ ଏବଂ ଦୋଷୀଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଚିକିତ୍ସାରେ ଅବହେଳା ସମ୍ପର୍କିତ ଅଭିଯୋଗ ପରିବାର ଓ ସ୍ଥାନୀୟଲୋକେ କରିଛନ୍ତି କ୍ଷ ଏହାର ସତ୍ୟତା ତଦନ୍ତ ସାପେକ୍ଷ ବୋଲି ମତପ୍ରକାଶ ପାଇଛି।

# ତହସିଲ ଆଗରେ ନରଣଗଡ଼ ଗ୍ରାମବାସୀଙ୍କ ଗଣଧାରଣା

ରାଜନଗର,୨୩।୬(ସମିସ): ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତର ନରଣଗଡ଼ ଗ୍ରାମବାସୀ ଆଜି ସକାଳ ଦଶଟା ଠାରୁ ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଗ୍ରାମର ଦୀନବନ୍ଧୁ ପ୍ରଧାନ, ଅକ୍ଷୟ ବେହେରା, ଭାଗ୍ୟଧର ଚମ୍ପତିରାୟ, ନବକିଶୋର ବେହେରା, ବିଚିତ୍ର ଦାସ, ମମତା ନାୟକ,ସ୍ୱର୍ଣ୍ଣ ଲତା ବେହେରା, ଶାନ୍ତି ଲତା



ଚମ୍ପତିରାୟ,ଯଶୋମତି ବେହେରା, ସୁନିତା ବେହେରା, ମିନତୀ ବେହେରା, ଗଭାବତୀ ପ୍ରଧାନ, ସାବିତ୍ରୀ ଖଟୁଆ ପ୍ରମୁଖ ଶତାଧିକ ଲୋକ ଧାରଣାରେ ସାମିଲ ହୋଇଛନ୍ତି। ସେମାନଙ୍କ କହିବା କଥା ଆମ ଗ୍ରାମରେ ଥିବା ଏକ ସରକାରୀ ଜମିରେ ଆମର ଗାଁ ଉତ୍ସବ ହେବା ସହିତ ସ୍ୱୟଂ ସହାୟତା ଗୋଷ୍ଠୀର ଏକ ଘର ନିର୍ମାଣ କରିବା ସମୟରେ ଜଣାପଡ଼ିଲା ଆମ ପଡ଼ୋଶୀ ଗାଁ କାନଫୁଲିଆ ଗ୍ରାମର ନିରଞ୍ଜନ ବାରିକ, ପାର୍ବତୀ ବାରିକ ଓ ଫକୀର ବାରିକ ନିଜ ନାମରେ ବେଆଇନ ଭାବରେ ଏହାକୁ ପଟ୍ଟା କରିନେଇଛନ୍ତି। ଏହା ଜାଣିବା ପରେ ଆମେ ଲିଖିତଭାବେ ଏଇ ବେଆଇନ ପଟ୍ଟାକୁ ରଦ୍ଦ କରି ଆମ ଜାଗା ଆମ ଦଖଲରେ ଦେବାକୁ ତହସିଲଦାରଙ୍କୁ ଅଭିଯୋଗ କରିଥିଲୁ। ହେଲେ ତହସିଲଦାର ଏ ଦିଗରେ କିଛି ପଦକ୍ଷେପ ନେଲେ ନାହିଁ। ଏହାର ପ୍ରତିବାଦରେ ଆମେ ଗଣ ଧାରଣା ଦେଉଛୁ। ଏ ସମ୍ପର୍କରେ ତହସିଲଦାର ଯୀଶୁକୃଷ୍ଣ ଦାସଙ୍କୁ ପଚାରିବାରୁ ୧୯୯୭ ମସିହାରୁ ନିରଞ୍ଜନ ବାରିକ ସେ ଜାଗାର ସ୍ଥାୟୀ ପଟା ପାଇଛନ୍ତି। ତାଙ୍କ ଜାଗାର ଡିମାର୍କେସନ ୨୪ ତାରିଖ ଦିନ କରାଯିବ ବୋଲି ନୋଟିସ୍ ହୋଇଛି। ଧାରଣାରେ ବସିଥିବା ନରଣଗଡ଼ ଗ୍ରାମବାସୀଙ୍କ ପାଖରେ ସେ ଜାଗାର କୌଣସି କାଗଜପତ୍ର ନାହିଁ। ପୂର୍ବରୁ ମୁଁ ସେମାନଙ୍କୁ କହିଥିଲି ଆପଣମାନେ ଉପ ଜିଲ୍ଲାପାଳଙ୍କୁ ଭେଟନ୍ତୁ ସେ ଚାହିଁଲେ ଏହାର କିଛି ସମାଧାନ କରି ପାରିବେ।

# ହିତାଧିକାରୀଙ୍କ ମୃତ୍ୟୁ ପରେ ନୂଆ ଭତ୍ତା ବଣ୍ଟନ

ପଞ୍ଚୁପାଣ୍ଡବ,୨୩।୬(ସମିସ): ଡେରାବିଶ ବ୍ଲକ୍‌ରେ ନୂତନ ଭତ୍ତା ବଣ୍ଟନ ପରେ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୨୫୦୦ ଅଧିକ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବା ପାଇଁ ଆବେଦନ କରିଥିଲେ ସୁଦ୍ଧା ସରକାର ଭତ୍ତା ଦେବାରେ ବିଫଳ ହୋଇଥିବା ଅଭିଯୋଗ ହେଉଛି। ସରକାରଙ୍କ ଦୁଇ ବର୍ଷ ପୂରିଲା କିନ୍ତୁ ନୂଆ ଭତ୍ତା ଦେବାରେ ବିଫଳ ହୋଇଥିବା ବେଳେ ଏବେ ହିତାଧିକାରୀଙ୍କୁ ତିନି ତିନି ମାସ ପୂରୁଛି କିନ୍ତୁ ଭତ୍ତା ଟଙ୍କା ନ ଦେବାରୁ ହିତାଧିକାରୀ ମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଦେଖିବାକୁ ମିଳୁଛି। ଏବେ ଯେଉଁ ଭତ୍ତା ବଣ୍ଟନ କରା ଯାଇଛି କେତେକ ଭତ୍ତା ହିତାଧିକାରୀଙ୍କ ମୃତ୍ୟୁ ପରେ ସେତିକି ନୂଆଁ ହିତାଧିକାରୀ ମାନଙ୍କୁ ଭତ୍ତା ଦିଆ ଯାଇଥିବା ସୂଚନା ମିଳିଛି।ଡେରାବିଶ ବ୍ଲକ ରେ ବାର୍ଦ୍ଧକ୍ୟ ଭତ୍ତା ୩୭୩,ବିଧବା ୧୯ ଏବଂ ବିକଳାଙ୍ଗ ୨୫ ଜଣ ହିତାଧିକାରି ମାନଙ୍କୁ ଭତ୍ତା ବଣ୍ଟନ କରାଯାଇଛି।ଏହି ଭତ୍ତା ବଣ୍ଟନରେ ଗୋଟିଏ ଘରୁ ତିନି ତିନି ଜଣ ଭତ୍ତା ପାଇଥିବା ବେଳେ କେତେକ ବଡ଼ ବଡିଆ ଲୋକଙ୍କୁ ଭତ୍ତାରେ ସାମିଲ କରାଯାଇଛି।ଏମିତି ଦେଖିବାକୁ ମିଳୁଛି ରଘୁଦେଇପୁର, ବେଣୀପୁର, ଛୋଟି ଏବଂ ବିଭିନ୍ନ ପଞ୍ଚାୟତରେ। ରଘୁଦେଇପୁର ପଞ୍ଚାୟତରେ ଶତାଧିକ ଅସହାୟ ଦୀର୍ଘ ଦିନ ହେଲା ଲୋକେ ଆବେଦନ ଭତ୍ତା ପାଇଁ ଆବେଦନ କରିଥିଲେ ସୁଦ୍ଧା ତାଙ୍କୁ ପ୍ରଶାସନ ଅଧିକାରୀ ମାନେ ଅଣଦେଖା କରୁଥିବା ସରପଞ୍ଚ ଭକ୍ତିଲତା ନାୟକ କହିଛନ୍ତି।ଏ ବିଷୟରେ ଅଧିକାରୀ ମାନଙ୍କୁ ପଚାରିବାରୁ ସେ କହିଛନ୍ତି କେତେକ ଭତ୍ତା ହିତାଧିକାରୀଙ୍କ ମୃତ୍ୟୁ ହୋଇଥିବା ପରେ କିଛି ଲୋକଙ୍କୁ ନୂଆ ଭତ୍ତା ବଣ୍ଟନ କରାଯାଇଛି। ସରକାରଙ୍କ ପକ୍ଷରୁ ଟାର୍ଗେଟ ଆସିଲେ ଆଉ କିଛି ଅସହାୟ ଭତ୍ତା ହିତାଧିକାରୀ ମାନେ ପାଇପାରିବେ ବୋଲି କହିଛନ୍ତି। ଯେତିକି ଲୋକ ମରିବେ ସେତିକି ଲୋକଙ୍କୁ ଯୋଡ଼ି ହେବ। ସରକାରଙ୍କ ନୂଆ ଭତ୍ତା ଟାର୍ଗେଟ ନାହିଁ ବୋଲି ଅଧିକାରୀମାନେ କହିଛନ୍ତି।

# ମୃତ ବ୍ୟକ୍ତିଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ



ରାଜନଗର,୨୩।୬(ସମିସ): ରାଜନଗର ବ୍ଲକ୍ ବାଲିସାହି ପାଟଣା ପଞ୍ଚାୟତ ଧାନଦିଆ ଗ୍ରାମର ହରେକୃଷ୍ଣ ରାଉତ ଅଟୋ ଧକ୍କାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ବେଳେ ଗତକାଲି ମୃତ୍ୟୁ ବରଣ କରିଥିଲେ। ମୃତ୍ୟୁ ପରେ ପରିବାର ଲୋକ ତାଙ୍କ ଚକ୍ଷୁ ଦାନ ପାଇଁ 'ଦୃଷ୍ଟି ଦାନ' ଆଇ ବ୍ୟାଙ୍କ ସହ ଯୋଗାଯୋଗ କରିଥିଲେ। ଆଇ ବ୍ୟାଙ୍କ କର୍ତ୍ତୃପକ୍ଷ ଚକ୍ଷୁ ସଂଗ୍ରହ କରି ପ୍ରମାଣ ପତ୍ର ଦେଇଛନ୍ତି। ମୃତ ହରେକୃଷ୍ଣଙ୍କ ପୁତ୍ରଦ୍ୱୟ ହିମାଂଶୁ ଓ ରାଜୁଙ୍କ ସମେତ ପରିବାର ଲୋକଙ୍କ ଏ ମହତ୍ କାଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବାରମ୍ବାର ଚୋରି; ଧରିପାରୁନି ଡେରାବିଶ ପୁଲିସ

ପଞ୍ଚୁପାଣ୍ଡବ,୨୩।୬(ସମିସ):ଡେରାବିଶ ଥାନା ଅଧୀନରେ ବିଭିନ୍ନ ଜାଗାରେ ଚୋରି ଅଭିଯୋଗରେ ପୋଲିସ ଚୋରଙ୍କୁ ଗିରଫ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୋଇଛି। କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟଳୟ ରୁ ଠାକୁର ପାଟଣା ରାସ୍ତାରେ ବାରମ୍ବାର ଚୋରି ହୋଇଥିବା ଡେରାବିଶ ଥାନାରେ ଅଭିଯୋଗ ହୋଇଛି।ଏହାକୁ ପୋଲିସ ଗୁରୁତର ନ ନେବାରୁ ଏହି ରାସ୍ତାରେ ବାରମ୍ବାର ମହିଳାମାନଙ୍କ ଠୁ ମୋବାଇଲ, ସୁନା ଅଳଙ୍କାର ନେଇ ଫେରାର ହେଉଥିବା ଲୋକେ ଆକ୍ରମଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାର ପୁର ଗ୍ରାମର କରୁଣା କର ପଣ୍ଡାଙ୍କ ଝିଅ ଆରତୀ ପଣ୍ଡାଙ୍କୁ ମାଡ଼ ମାରିବା ସହ ତାଙ୍କ ଠୁ ମୋବାଇଲ,ସୁନା ଚେନ ଏବଂ ମୁଦି ନେଇ ଚୋର ଫେରାର ହୋଇଥିବା ଅଭିଯୋଗ ହୋଇଥିଲେ ସୁଦ୍ଧା ପ୍ରାୟ ୨୦ ଦିନ ବିତିଲାଣୀ କିନ୍ତୁ ଚୋରକୁ ଧରିବାରେ ପୋଲିସ ବିଫଳ ହୋଇଥିବା ଅଭିଯୋଗ ହୋଇଛି।ଆରତୀ କୁରୁଜଙ୍ଗା ପଞ୍ଚାୟତରେ ଥିବା ଆଦର୍ଶ ବିଦ୍ୟାଳୟ ଠାରେ ଏକ କୋଚିଙ୍ଗ ସେଣ୍ଟର୍ ଖୋଲି ପିଲାଙ୍କୁ ପାଠ ପଢ଼ାଉଛନ୍ତି।ଗତ ପାଞ୍ଚ ତାରିଖ ଦିନ ସନ୍ଧ୍ୟା ପ୍ରାୟ ୫ ଟା ସମୟରେ ପଞ୍ଚାୟତ କାର୍ଯ୍ୟଳୟ ପଛ ଠାକୁରହାଟ ରାସ୍ତାରେ ଠିଆ ହୋଇ ମୋବାଇଲ ରେ କଥା ହେଉଥିଲେ।ସେହି ସମୟରେ ଦୁଇ ଜଣ ଯୁବକ ଏକ କେଟିଏମ ଗାଡ଼ିରେ ଆସି ମାଡ଼ ମାରିବା ସହ ତାଙ୍କ ମୋବାଇଲ, ସୁନା ଚେନ୍ ଓ ମୁଦି ନେଇଥିବା ଡେରାବିଶ ଥାନା ରେ ଅଭିଯୋଗ କରିଥିଲେ।ଅଭିଯୋଗର ଦଶଦିନ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଏହାକୁ ତିନି ସପ୍ତାହ ପୂରିଲା କିନ୍ତୁ ଚୋର ଧରା ପଡିଲେ ନାହିଁ। ଏ ବିଷୟରେ ଆରତୀ କହିଛନ୍ତି ମୁଁ ସିସିଟିଭି ଫୁଟେଜରୁ ଚୋରଙ୍କୁ ଚିହ୍ନଟ କରିଥିଲେ ସୁଦ୍ଧା ପୁଲିସ ସହଯୋଗ କରୁ ନାହାନ୍ତି। ଏହାର ତଦନ୍ତ କରାଯାଇ ଚୋରଙ୍କୁ ଗିରଫ ନ କଲେ ଏହି ରାସ୍ତାରେ ମହିଳାମାନେ ଆତଙ୍କିତ ଅବସ୍ଥାରେ ଯାତାୟାତ କରୁଥିବା ଅଭିଯୋଗ ହେଉଛି।

# ହତ୍ୟା ମାମଲାରେ ଯୁବକଙ୍କୁ ଆଜୀବନ କାରାଦଣ୍ଡ

କେନ୍ଦ୍ରାପଡ଼ା,୨୩।୬(ସମିସ) : ବହୁ ଚର୍ଚ୍ଚିତ ଏକ ହତ୍ୟା ମାମଲାର ରାୟ ପ୍ରକାଶ କରି କେନ୍ଦ୍ରାପଡ଼ା ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କ ଉପରେ ୫ ହଜାର ଟଙ୍କାର ଜରିମାନା ମଧ୍ୟ ଧାର୍ଯ୍ୟ କରାଯାଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ଆଉ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ଦୀପକ କୁମାର ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡିତ ଅଭିଯୁକ୍ତ ହେଲେ ମାର୍ଶାଘାଇ ଥାନା ଅଧୀନ ବଡପାଳ ରଣସିଂହସାହି ଗ୍ରାମର ସୁମନ୍ତ ଶେଖର ନାୟକ ଓରଫ ପିଣ୍ଟୁ। ମାମଲାର ବିବରଣୀ ଅନୁଯାୟୀ, ମୃତ କୁଞ୍ଜବିହାରୀ ନାୟକଙ୍କ ସହ ପଡ଼ୋଶୀ ସୂର୍ଯ୍ୟମଣୀ ନାୟକଙ୍କର ଦୀର୍ଘଦିନ ଧରି ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା। ବିବାଦୀୟ ଜମିରେ ଘର ନିର୍ମାଣକୁ କୁଞ୍ଜବିହାରୀ ବିରୋଧ କରିବା ସହ କୋର୍ଟର ଆଶ୍ରୟ ନେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ପୁଲିସ ଘଟଣାସ୍ଥଳକୁ ଯାଇ ନିର୍ମାଣ କାମ ବନ୍ଦ କରାଇଥିଲା। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ବଢ଼ିଥିଲା। ଅଭିଯୋଗ ଅନୁଯାୟୀ, ୨୦୧୯ ମସିହା ଜୁନ ୫ ତାରିଖରେ କୁଞ୍ଜବିହାରୀ ବିଲରୁ କାମ ସାରି ଘରକୁ ଫେରୁଥିବା ବେଳେ ସୂର୍ଯ୍ୟମଣୀଙ୍କ ପୁଅମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଆହତ କୁଞ୍ଜବିହାରୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ନେଇ ମାର୍ଶାଘାଇ ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ତଦନ୍ତ ପରେ ଅଭିଯୋଗପତ୍ର ଦାଖଲ କରିଥିଲା ଏବଂ ମାମଲାର ବିଚାର ଜିଲ୍ଲା ଓ ଦୌରାଜଜ୍ କୋର୍ଟରେ ଚାଲିଥିଲା। ଦୀର୍ଘ ଶୁଣାଣି ପରେ କୋର୍ଟ ସୁମନ୍ତ ଶେଖର ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡ ଶୁଣାଇଥିବା ବେଳେ ଅନ୍ୟ ଅଭିଯୁକ୍ତ ସୂର୍ଯ୍ୟମଣୀ ନାୟକ ନିର୍ଦ୍ଦୋଷରେ ଖଲାସ ପାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ଏସ୍.ଏ. ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ। କୋର୍ଟଙ୍କ ଏହି ରାୟ ପରେ ବହୁ ବର୍ଷ ଧରି ଚାଲିଥିବା ଏହି ହତ୍ୟା ମାମଲାର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟର ଅବସାନ ଘଟିଛି।

# ମଦ ଦୋକାନକୁ ବିରୋଧ; ଜିଲ୍ଲାପାଳଙ୍କୁ ମହିଳାଙ୍କ ଫେରାଦ

କେନ୍ଦ୍ରାପଡ଼ା,୨୩।୬(ସମିସ)

ଇନ୍ଦୁପୁର ଗ୍ରାମପଞ୍ଚାୟତରେ ପ୍ରସ୍ତାବିତ ବିଦେଶୀ ଠିପିବନ୍ଦ ମଦ ଦୋକାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିରୋଧର ସ୍ୱର ଜୋରଦାର ହୋଇଛି। ଏହାର ପ୍ରତିବାଦରେ ଶତାଧିକ ମିଶନଶକ୍ତି ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସଙ୍କ ନେତୃତ୍ୱରେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଜଗତପୁର-ପଟ୍ଟାମୁଣ୍ଡାଇ କେନାଲବନ୍ଧ ପାଶ୍ୱର୍ରେ ପ୍ରସ୍ତାବିତ ମଦ ଦୋକାନ ସ୍ଥାପନ ପାଇଁ ଚୟନ କରାଯାଇଥିବା ସ୍ଥାନର



ନିକଟବର୍ତ୍ତୀ ଅଞ୍ଚଳରେ ଗ୍ରାମବାସୀଙ୍କ ଗାଧୁଆ ତୁଠ ରହିଛି। ପଞ୍ଚାୟତର ୪ ଓ ୬ ନମ୍ବର ୱାର୍ଡର ଶତାଧିକ ମହିଳା, ଯୁବତୀ ଏବଂ ସ୍ଥାନୀୟ ବାସିନ୍ଦା ଏହି ସ୍ଥାନକୁ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରିଥାନ୍ତି। ତେଣୁ ଏଠାରେ ମଦ ଦୋକାନ ସ୍ଥାପନ ହେଲେ ସାମାଜିକ ପରିବେଶ ପ୍ରଭାବିତ ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହାବ୍ୟତୀତ ପ୍ରସ୍ତାବିତ ମଦ ଦୋକାନର ଅତି ନିକଟରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସରକାରୀ ହାଇସ୍କୁଲ, ଚଇତି ଦେବୀ ମନ୍ଦିର, ତ୍ରିନାଥ ମନ୍ଦିର ଓ ଏକ ପ୍ରାଚୀନ ବୌଦ୍ଧ ମନ୍ଦିର ଅବସ୍ଥିତ ଥିବା ଦର୍ଶାଯାଇଛି। ସେହିପରି ମଦ ଦୋକାନଟି ଜଳସେଚନ ବିଭାଗର ଜମି ଉପରେ ନିର୍ମାଣ ହେବାକୁ ଯାଉଥିବାରୁ ଏହା ସରକାରୀ ନୀତି ଓ ନିୟମର ଉଲ୍ଲଙ୍ଘନ ବୋଲି ମଧ୍ୟ ଦାବି କରାଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରି ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମିଶନଶକ୍ତିର ମହିଳାମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସଙ୍କ ସମେତ ଜାନକୀ ସାହାଣୀ, ରୀତାଞ୍ଜଳି ଭୋଇ, ପ୍ରମିଳା ବେହେରା, ଲୀତାଞ୍ଜଳି ବେହେରା, କମଳା ସାହାଣୀ, ଶାନ୍ତିଲତା ବେହେରା, କୁନ୍ତଳା ବେହେରା, ସଞ୍ଜୁଲତା ସାହାଣୀ, ନଜରାନା ବିବି, ରୁକସା ବିବି, ରୋସନି ବିବି, ସଫେଦା ବିବି, ହାସିନା ବିବି ପ୍ରମୁଖଙ୍କ ସହ ଶତାଧିକ ମହିଳା ଉପସ୍ଥିତ ଥିଲେ। ସ୍ଥାନୀୟ ମହିଳାମାନଙ୍କ ଏହି ବିରୋଧ ଆଗାମୀ ଦିନରେ କେଉଁ ମୋଡ଼ ନେଉଛି ଓ ପ୍ରଶାସନ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଅଗ୍ନିକାଣ୍ଡରେ ୨୦ରୁ ଅଧିକ ମେଣ୍ଢା ଜୀବନ୍ତଦଗ୍ଧ

କେନ୍ଦ୍ରାପଡ଼ା,୨୩।୬(ସମିସ): କେନ୍ଦ୍ରାପଡ଼ା ସଦର ଥାନା କନ୍ହେଇପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଘଟିଥିବା ଏକ ଭୟାବହ ଅଗ୍ନିକାଣ୍ଡରେ ୨୦ରୁ ଅଧିକ ମେଣ୍ଢା ଜୀବନ୍ତଦଗ୍ଧ ହୋଇଯାଇଥିବା ବେଳେ ଦୁଇ ବଖରା ଗୁହାଳ ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଏହି ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, କନ୍ହେଇପୁର ଗ୍ରାମର ଅଜୟ ବେହେରାଙ୍କ ଗୁହାଳ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁର ଶିଖା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଏକାଠି ହୋଇ ଅଗ୍ନିକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ, କିଛି ସମୟ ମଧ୍ୟରେ ଦୁଇ ବଖରା ଗୁହାଳ ଘରକୁ ସମ୍ପୂର୍ଣ୍ଣ ଗ୍ରାସ କରିବା ସହ ସେଥିରେ ଥିବା ୨୦ରୁ ଅଧିକ ମେଣ୍ଢା ଜୀବନ୍ତଦଗ୍ଧ ହୋଇଯାଇଥିଲେ। ପ୍ରାଥମିକ ଭାବେ ଗୁହାଳରେ ଦିଆଯାଇଥିବା ଧୂଆଁ କିମ୍ବା ବୈଦ୍ୟୁତିକ ସର୍ଟ ସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ତେବେ ପ୍ରକୃତ କାରଣ ସମ୍ପର୍କରେ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି କୁହାଯାଉଛି। ଅଜୟ ବେହେରା ଜଣେ ଗରିବ ଚାଷୀ ହୋଇଥିବା ବେଳେ ମେଣ୍ଢା ପାଳନ ତାଙ୍କ ପରିବାରର ଆୟର ଅନ୍ୟତମ ମୁଖ୍ୟ ଉତ୍ସ ଥିଲା। ଏହି ଅଗ୍ନିକାଣ୍ଡରେ ତାଙ୍କର ବ୍ୟାପକ କ୍ଷତି ହୋଇଥିବାରୁ ସ୍ଥାନୀୟ ବାସିନ୍ଦାମାନେ ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି ଘଟଣା ପରେ ପୀଡ଼ିତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ଜୋର ଧରିଛି।

ସକାଳ
THE SAKALA

# ସମ୍ପାଦକୀୟ



ବିଜ୍ଞାନ ସଂଗଠିତ ଜ୍ଞାନର ସମାହାର; ଅପରପକ୍ଷରେ ସଂଗଠିତ ଜୀବନର ସମାହାର ହେଉଛି ପ୍ରଜ୍ଞା।
- ଇମାନୁଏଲ୍ କାଣ୍ଟ

## କୋଚିଂକେନ୍ଦ୍ରର କାରୁଣ୍ୟ

ଐତିହାସିକ ଲକ୍ଷ୍ନୌ ସହରସ୍ଥିତ ଏକ ଘରୋଇ କୋଚିଂ କେନ୍ଦ୍ରରେ ମର୍ମନ୍ତୁଦ ଅଗ୍ନିକାଣ୍ଡରେ ୧୫ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆହତଙ୍କ ସଠିକ୍ ସଂଖ୍ୟା ଜଣାପଡ଼ିନାହିଁ। ଏହାପରେ ଏବେ ପୁଣି ଥରେ ଦେଶରେ ପ୍ରତିଦିନ ଅନିୟନ୍ତ୍ରିତ ଓ ଅଶୃଙ୍ଖଳିତ ଭାବେ ଗଢ଼ି ଉଠୁଥିବା କୋଚିଂ ସେଣ୍ଟରର ବୈଧତା ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲାଗିଛି। ଏଭଳି ଅବାଞ୍ଛିତ ଅଘଟଣାମାନଙ୍କର ପୁନରାବୃତ୍ତିକୁ ସମୂଳେ ନିୟନ୍ତ୍ରଣ କରିବା ବଦଳରେ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଘୋଷଣା, ସମ୍ପୃକ୍ତ ମାଲିକଙ୍କ ବିରୋଧରେ ଗିରଫ୍ ପରୱାନା, କୋଠାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ଆଦି ତାଲିପକା ଉଦ୍ୟମ ଓ ଆଲୋଚନା ଆମ ଦେଶରେ ଏକ ଗତାନୁଗତିକ ଧାରାରେ ପରିଣତ ହୋଇସାରିଛି।

ପ୍ରତିଯୋଗିତାମୂଳକ ପରୀକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ପାଇବା ପାଇଁ ଘରୋଇ କୋଚିଂ ବ୍ୟବସ୍ଥା ଆମ ଦେଶରେ ସମୟ ସହିତ ପୁରୁଣା ହୋଇଚାଲିଛି। ସମୟକ୍ରମେ ଏହା ଏକ ବଡ଼ ସଂଗଠିତ ବ୍ୟବସାୟରେ ପରିଣତ ହେବା ସହ ଆଶାୟୀ ବିଦ୍ୟାର୍ଥୀ ଓ ସେମାନଙ୍କ ପିତାମାତାଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଅନେକ ବାଦବିବାଦ, ଅଭିଯୋଗ ଓ ସମାଲୋଚନା ପରେ ଘରୋଇ କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ୨୦୨୪ ମସିହାରେ ମାର୍ଗଦର୍ଶିକା ଜାରି କରିଛନ୍ତି। କିନ୍ତୁ ତାହାର କାର୍ଯ୍ୟକାରୀ ଦାୟିତ୍ୱ ରାଜ୍ୟ ସରକାରମାନ ଉପରେ ଛାଡ଼ିଦିଆଯାଇଥିବାରୁ ଏବେ ଲକ୍ଷ୍ନୌ ଅଘଟଣ ପାଇଁ ଉତ୍ତରପ୍ରଦେଶ ସରକାର ଉତ୍ତରଦାୟୀ ହେବା କଥା। କିନ୍ତୁ ଡବଲ୍‌ଇଞ୍ଜିନ୍ ସରକାରରେ ଉତ୍ତରଦାୟିତ୍ୱ ମୁଣ୍ଡାଇବାର ସଂସ୍କୃତି ଆଦୌ ନଥିବାରୁ ଏହି ଘଟଣା ମଧ୍ୟ କେବଳ ଶୋକପ୍ରକଟ, ତଦନ୍ତ ଟିମ୍ ଗଠନ, ଅନୁକମ୍ପା ରାଶି ବଣ୍ଟନରେ ସୀମିତ ରହିଯିବା ଭଳି ଲାଗୁଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ନୂଆ ନିର୍ଦ୍ଦେଶାବଳୀ ଅନୁସାରେ ପେସାଦାର ବା ବୃତ୍ତିଗତ ପାଠ୍ୟକ୍ରମ ପାଇଁ ତାଲିମ ଦେଉଥିବା କୋଚିଂ ସେଣ୍ଟରଗୁଡ଼ିକ ନିଜକୁ ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜୀକୃତ କରିବେ। ସେମାନେ ୧୬ ବର୍ଷ ବୟସରୁ କମ୍ ବିଦ୍ୟାର୍ଥୀଙ୍କୁ କୋଚିଂ ପାଇଁ ନାମ ଲେଖାଇ ପାରିବେ ନାହିଁ। ତାଲିମ ଦେଉଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଉପାଧି କିମ୍ବା ତଦୂର୍ଦ୍ଧ୍ୱ ହେବ। ଏହାଛଡ଼ା ଏସବୁ କେନ୍ଦ୍ର ବିଦ୍ୟାର୍ଥୀଙ୍କଠାରୁ ଆଗଭଳି ଆଉ ପ୍ରଲୋଭିତ କରି ମନଇଚ୍ଛା ଫି' ଆଦାୟ କରିପାରିବେ ନାହିଁ। ଏଥିନିମନ୍ତେ ଏକ ନିର୍ଦ୍ଦିଷ୍ଟ ଫି' ଢାଞ୍ଚା ରହିବ। ସଂପୃକ୍ତ କୋଚିଂ ସେଣ୍ଟରଗୁଡ଼ିକ ପଞ୍ଜୀକୃତ ହେବା ପରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନୀତିନିୟମ ପାଳନ କରିବେ। କୋଚିଂ ସେଣ୍ଟରରେ ଛାତ୍ରଛାତ୍ରୀଙ୍କୁ ମନସ୍ତାତ୍ତ୍ୱିକ ସାହାଯ୍ୟ ସହଯୋଗ ସହିତ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। କୋଚିଂ ସେଣ୍ଟର ଭବନର ନିରାପତ୍ତା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ପ୍ରତି ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଦେବାକୁ ପଡ଼ିବ। ସମସ୍ତ ବିବରଣୀ ସମ୍ପୃକ୍ତ କୋଚିଂ ସେଣ୍ଟରର ୱେବ୍‌ସାଇଟ୍‌ରେ ଉଲ୍ଲେଖ ରହିବା ବାଧ୍ୟତାମୂଳକ କରାଯାଇଛି। ଛାତ୍ରଛାତ୍ରୀ କିମ୍ବା ଅଭିଭାବକଙ୍କ ଆପତ୍ତି ଅଭିଯୋଗର ଶୁଣାଣି ଓ ସମାଧାନ କରିବା ପାଇଁ ସ୍ୱତନ୍ତ୍ର ନିୟମକ ଗଠନ ଲାଗି ମଧ୍ୟ ସେଥିରେ ପରାମର୍ଶ ରହିଛି। କିନ୍ତୁ ତାହା କେତେଦୂର ପାଳନ ହେଉଛି ଆମେ ସମସ୍ତେ ଅଳ୍ପେବହୁତ ଜ୍ଞାତ ଏବଂ ନିକଟରେ ଲକ୍ଷ୍ନୌ ଅଘଟଣ ଉଦାସୀନତାର ସଦ୍ୟତମ ଉଦାହରଣ।

ମେଧାଶକ୍ତି ଏକ ବିରଳ ସାମଗ୍ରୀ। ଏହା ବିଭୁଦତ୍ତ ହୋଇଥିବାରୁ ସମସ୍ତଙ୍କ ପାଖରେ ସମାନ ଭାବେ ନଥାଏ। ତେଣୁ ସ୍ୱତନ୍ତ୍ର ଶିକ୍ଷାଦାନ, ପ୍ରଶିକ୍ଷଣ ବା କୋଚିଂ ମାଧ୍ୟମରେ ପିଲାଙ୍କର ଜ୍ଞାନ ବଢ଼ାଇ ସେମାନଙ୍କୁ ଅଧିକ ପ୍ରତିଯୋଗିତାଯୋଗ୍ୟ କରିବାରେ କିଛି ଆପତ୍ତି ନାହିଁ। ତେବେ ପ୍ରତିଯୋଗିତାମୂଳକ ପରୀକ୍ଷା, କୋଟା ବ୍ୟବସ୍ଥା ଏବଂ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କ୍ରମଶଃ ଜଟିଳ ହେଉଛି। ଏଥିପାଇଁ ଉଦ୍ଦିଷ୍ଟ ସ୍ଥାନ ବା ଆସନ ଅନୁସାରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବହୁଗୁଣ ଅଧିକ ରହୁଛି। ତେଣୁ ପିଲାଏ କୋଚିଂ ଉପରେ ନିର୍ଭର କରି ସଫଳ ହେବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ସେମାନେ ଘରଠାରୁ ବହୁଦୂରରେ ରହି ବାପ ମା'ଙ୍କ ଅର୍ଥଶ୍ରାଦ୍ଧ କରି ନିଜେ ଅତି କଷ୍ଟକର ପରିବେଶରେ ରହି ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଏଥିରେ ପ୍ରଦର୍ଶନାତ୍ମକ ପ୍ରଭାବ (ଡେମନ୍‌ଷ୍ଟ୍ରେଟିଭ୍ ଇଫେକ୍ଟ) ଅଧିକ ରହୁଛି। ତା' ପିଲା କୋଚିଂ ନେଉଛି, ତେଣୁ ମୋ ପିଲା ନେବ। ସେ ପଇସା ଖର୍ଚ୍ଚ କରୁଛି, ମୁଁ କରିବି। ଏହି ନ୍ୟାୟରେ ସମସ୍ତେ କୋଚିଂ ସେଣ୍ଟର ମୁହାଁ। କିନ୍ତୁ ବାସ୍ତବରେ ପିତାମାତା ନିଜର ପିଲାଙ୍କ ଯୋଗ୍ୟତା ଓ ସାମର୍ଥ୍ୟକୁ ଏ କ୍ଷେତ୍ରରେ ଠିକ୍ ଭାବେ ଆକଳନ କରିପାରନ୍ତି ନାହିଁ। ପିଲାର ଅନିଚ୍ଛା ସତ୍ତ୍ୱେ ତା'କୁ କୋଚିଂ ସେଣ୍ଟରକୁ ପଠାଯାଏ ଏବଂ ସେଠାରେ ପିଲାଟି ଅନ୍ୟମାନଙ୍କ ସହ ପ୍ରତିଯୋଗିତା କରିବାରେ ବିଫଳ ହୋଇ ମାନସିକ ଚାପରେ ରହି ଶେଷରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଏ।

ବିଡ଼ମ୍ବନାର ବିଷୟ ଏହା ଯେ ଆଗାମୀ ଦଶନ୍ଧି ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥନୈତିକ ଶକ୍ତିର ସ୍ୱପ୍ନ ଦେଖୁଥିବା ଭାରତ ଶିକ୍ଷା ଆହରଣ ଓ ଶିକ୍ଷାଦାନ ଦୃଷ୍ଟିରୁ ବହୁତ ପଛରେ। ବିଶେଷକରି ସରକାରୀ ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶ ଅତ୍ୟନ୍ତ ଚିନ୍ତାଜନକ। କେଉଁଠି ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଅଭାବ ରହୁଛି ତ କେଉଁଠାରେ ପିଲାମାନେ ଭଙ୍ଗା ଚାଳଛପର ଘରେ କିମ୍ବା ଖୋଲା ଆକାଶ ତଳେ ବସି ପାଠ ପଢ଼ିବାକୁ ପଡ଼ୁଛି। ଦୁର୍ଗମ ଅଞ୍ଚଳର ସ୍ଥିତି ଆହୁରି ଦୟନୀୟ। ତେଣୁ ମେଧାବୀମାନଙ୍କ ପିତାମାତା ଓ ଅଭିଭାବକମାନେ କୋଚିଂସେଣ୍ଟର ମୁହାଁ ହେବା ସ୍ୱାଭାବିକ। ସରକାରୀ ସ୍ତରରେ ରହିଯାଉଥିବା ଏହି ଅଭାବ ଅସୁବିଧାରୁ ଘରୋଇ ସଂସ୍ଥାମାନେ ଚତୁରତାର ସହିତ ପ୍ରଚୁର ଆର୍ଥିକ ଲାଭ ଉଠାଇ ଚାଲିଛନ୍ତି। ସେମାନେ ସମୟୋପଯୋଗୀ ଗୁଣାତ୍ମକ ଶିକ୍ଷାଦାନ ଆଳରେ ଅଭିଭାବକଙ୍କଠାରୁ ଯେତିକି ପରିମାଣରେ ଫି' ବା ଅର୍ଥ ଆଦାୟ କରୁଛନ୍ତି ତାହାକୁ ଏକପ୍ରକାର ଶୋଷଣ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯାଇପାରେ।

ଆଜିର ଶିକ୍ଷା ବ୍ୟବସ୍ଥାର ବିଡ଼ମ୍ବନା ହେଉଛି ଯେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପାଇଁ କୋଚିଂ ଏକ ଅବିଚ୍ଛେଦ୍ୟ ଓ ଅଲିଖିତ ନିୟମ ହୋଇଯାଇଛି। କିନ୍ତୁ କୋଚିଂକେନ୍ଦ୍ରର ତାଡ଼ନାରେ ସନ୍ତାନ ଓ ଅଭିଭାବକମାନଙ୍କ କୋହ ତା'ର ଚାରିକାନ୍ଥ ଭିତରେ ହିଁ ଲୁଚି ରହିଯାଉଛି। କୋହର ସ୍ୱର ଯେତେବେଳେ ଅତ୍ୟଧିକ ତୀବ୍ର ହୋଇ ବହୁତଳ କୋଠାର କାନ୍ଥ ଓ ପାଚେରି ଡେଇଁ ରାଜରାସ୍ତାରେ ପହଞ୍ଚୁଛି ସେତେବେଳେ ଯାଇ କାରୁଣ୍ୟ ଉଦ୍ରେକ ହେଉଛି। କିନ୍ତୁ କୋହର ସ୍ୱର ନିରବ ହେବା ସହିତ କାରୁଣ୍ୟ ମଧ୍ୟ ସମାଧି ନେଉଛି। ●

# ପାଠ୍ୟପୁସ୍ତକରେ ତ୍ରୁଟି: ଏକ ଗୁରୁତର ଆହ୍ୱାନ

**ଡ. ପଦ୍ମଲୋଚନ ରାଉତ**

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ। ଯେକୌଣସି ସମାଜର ଉନ୍ନତି, ସଂସ୍କୃତିର ସଂରକ୍ଷଣ ଏବଂ ଆଗାମୀ ପିଢ଼ିର ଚରିତ୍ର ଗଠନ ଶିକ୍ଷା ମାଧ୍ୟମରେ ସମ୍ଭବ ହୋଇଥାଏ। ପାଠ୍ୟପୁସ୍ତକ ହେଉଛି ଶିକ୍ଷା ବ୍ୟବସ୍ଥାର ମୂଳ ଆଧାର। ଜଣେ ଛାତ୍ର କୌଣସି ବିଷୟରେ ପ୍ରଥମ ଜ୍ଞାନ ଓ ଧାରଣା ପାଠ୍ୟପୁସ୍ତକରୁ ହିଁ ପାଇଥାଏ। ତେଣୁ ପାଠ୍ୟପୁସ୍ତକରେ ଦିଆଯାଇଥିବା ତଥ୍ୟ ଯଦି ଭୁଲ, ଅସମ୍ପୂର୍ଣ୍ଣ କିମ୍ବା ବିଭ୍ରାନ୍ତିକର ହୁଏ, ତେବେ ଏହା କେବଳ ଶିକ୍ଷାର ଗୁଣବତ୍ତାକୁ ନଷ୍ଟ କରେ ନାହିଁ, ବରଂ ଏକ ପିଢ଼ିର ଚିନ୍ତାଧାରା ଓ ଜ୍ଞାନ ଭିତ୍ତିକୁ ମଧ୍ୟ ଦୁର୍ବଳ କରିଦିଏ।

ସମ୍ପ୍ରତି ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରସ୍ତୁତ ଏବଂ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ଓଡ଼ିଆ ସରକାରୀ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। କେତେକ ସ୍ଥାନରେ ବୈଜ୍ଞାନିକ ତଥ୍ୟ ଭୁଲ ଦିଆଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଓଡ଼ିଶାର ଇତିହାସ, ଭୌଗୋଳିକ ପରିଚୟ ଏବଂ ସାମାଜିକ ତଥ୍ୟ ସମ୍ପର୍କରେ ଗୁରୁତର ତ୍ରୁଟି ରହିଥିବା ଚର୍ଚ୍ଚା ହେଉଛି। ଏହି ପ୍ରସଙ୍ଗ ଓଡ଼ିଶାର ଆତ୍ମପରିଚୟ, ଇତିହାସ ଓ ଭବିଷ୍ୟତ ସହ ଜଡ଼ିତ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଶିକ୍ଷା କେବଳ ଅକ୍ଷର ଜ୍ଞାନ ନୁହେଁ, ଏହା ଏକ ଜାତିର ଚିନ୍ତାଧାରା, ସଂସ୍କୃତି, ଇତିହାସ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରିଥାଏ। ଯେଉଁ ପାଠ୍ୟପୁସ୍ତକକୁ ଆଧାର କରି ଆଜିର ଶିଶୁମାନେ ଜ୍ଞାନ ଆହରଣ କରୁଛନ୍ତି, ସେହି ପୁସ୍ତକ ଯଦି ଭୁଲ୍ ତଥ୍ୟରେ ପରିପୂର୍ଣ୍ଣ ହୁଏ, ତେବେ ତାହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ସମଗ୍ର ଜାତି ପ୍ରତି ଏକ ଗୁରୁତର ଅବହେଳା।

ସାର୍ ଆଇଜକ ନିଉଟନଙ୍କ ଭଳି ବିଶ୍ୱବିଖ୍ୟାତ ବୈଜ୍ଞାନିକଙ୍କୁ ଜଣେ ପାଇଲଟ ବୋଲି ଉଲ୍ଲେଖ କରାଯାଇଛି, ନିୟମଗିରି ପର୍ବତକୁ ଝାଡ଼ଖଣ୍ଡରେ ଅବସ୍ଥିତ ବୋଲି ଦର୍ଶାଯାଇଛି, ବ୍ରହ୍ମପୁରକୁ ଏକ ଜିଲ୍ଲା ବୋଲି ଲେଖାଯାଇଛି। ଏହା କେବଳ କିଛି ଉଦାହରଣ ମାତ୍ର। ଏପରି ଅସଂଖ୍ୟ ଭୁଲ୍ ତଥ୍ୟକୁ ଆଧାର କରି କୋଟି କୋଟି ଟଙ୍କା ବ୍ୟୟରେ ପାଠ୍ୟପୁସ୍ତକ ପ୍ରକାଶ କରାଯାଇ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ହାତରେ ଦିଆଯିବା ଘଟଣା ନିଶ୍ଚିତ ଭାବରେ ଚିନ୍ତାର ବିଷୟ। ଯେଉଁ ବୟସରେ ପିଲାମାନେ ପୁସ୍ତକର ପ୍ରତ୍ୟେକ ଶବ୍ଦକୁ ସତ୍ୟ ବୋଲି ବିଶ୍ୱାସ କରନ୍ତି, ସେହି ବୟସରେ ଭୁଲ୍ ଇତିହାସ, ଭୁଲ୍ ଭୌଗୋଳିକ ତଥ୍ୟ ଓ ଭୁଲ୍ ବୈଜ୍ଞାନିକ ସୂଚନା ଦେଇ ସେମାନଙ୍କ ଜ୍ଞାନଭିତ୍ତିକୁ ଦୁର୍ବଳ କରିବା ଏକ ଅକ୍ଷମଣୀୟ ଅପରାଧ ସଦୃଶ। ଏହି ସମସ୍ତ ଘଟଣାକୁ କେବଳ ଦାୟିତ୍ୱହୀନତା କିମ୍ବା ଅସାବଧାନତା ବୋଲି କହିଦେଲେ ହୁଏତ ଘଟଣାର ଗମ୍ଭୀରତାକୁ ଛୋଟ କରିଦେବା ହେବ।

ନିଜ ଭାଷା, ସଂସ୍କୃତି ଓ ଐତିହ୍ୟ ପାଇଁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହାସଲ କରିଥିବା ଓଡ଼ିଶାର ପିଲାମାନଙ୍କୁ ଯଦି ନିଜ ରାଜ୍ୟର ସଠିକ୍ ପରିଚୟ ଦିଆଯାଇପାରୁନାହିଁ, ତେବେ ଏହା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ। ଇତିହାସ କୌଣସି ଜାତିର ସ୍ମୃତି ଏବଂ ଭୌଗୋଳିକ ପରିଚୟ ହେଉଛି ତାହାର ଅସ୍ତିତ୍ୱର ଆଧାର। ଏହି ଦୁଇଟିକୁ ଯଦି ଭୁଲ୍ ତଥ୍ୟ ମାଧ୍ୟମରେ ବିକୃତ କରାଯାଏ, ତେବେ ଆଗାମୀ ପିଢ଼ି ନିଜ ମୂଳ ପରିଚୟ ସମ୍ପର୍କରେ ବିଭ୍ରାନ୍ତ ହୋଇପଡ଼ିବ। ଆଜି ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏତେ ବଡ଼ ଭୁଲ୍ ଧରାପଡ଼ିବା ପରେ ମଧ୍ୟ ସରକାର କାହିଁକି ନିଜ ଭୁଲ୍ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ? କାହିଁକି ତ୍ରୁଟି ସଂଶୋଧନ ପରିବର୍ତ୍ତେ ନିରବତା ଅବଲମ୍ବନ କରାଯାଉଛି? ଗଣତନ୍ତ୍ରରେ ସରକାର ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ। ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏପରି ଅବହେଳା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରିଥାଏ।

ଏହାଠାରୁ ମଧ୍ୟ ଅଧିକ ଦୁଃଖର ବିଷୟ ହେଉଛି ଯେଉଁମାନେ ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିଆସିଛନ୍ତି, ସେମାନେ ଆଜି କାହିଁକି ନିରବ? କାହିଁକି ଏହି ଗୁରୁତର ପ୍ରସଙ୍ଗକୁ ନେଇ ସମାଜରେ ବ୍ୟାପକ ଆଲୋଚନା ଓ ଆନ୍ଦୋଳନ ଦେଖିବାକୁ ମିଳୁନାହିଁ? ଆମେ କ'ଣ ଏପରି ଏକ ପର୍ଯ୍ୟାୟରେ ପହଞ୍ଚିଗଲୁ ଯେଉଁଠାରେ ସ୍ୱାର୍ଥ ସବୁକିଛି ଉପରେ ଭାରି ପଡ଼ୁଛି? ଓଡ଼ିଆ ଜାତିର ଇତିହାସ, ପରିଚୟ ଓ ଗୌରବକୁ ଯଦି ଧୀରେ ଧୀରେ କ୍ଷୟ କରାଯାଉଛି, ତେବେ ତାହା ବିରୁଦ୍ଧରେ ସ୍ୱର ଉଠାଇବା କି ଆମର ନୈତିକ ଦାୟିତ୍ୱ ନୁହେଁ? ଆଜି କର୍ମବୀର ଗୌରୀଶଙ୍କର ରାୟ, ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳ ଗୌରବ ମଧୁସୂଦନ ଦାସ କିମ୍ବା ଉତ୍କଳମଣି ଗୋପବନ୍ଧୁ ଦାସ ନାହାନ୍ତି, ଯେଉଁମାନେ ଭାଷା, ଶିକ୍ଷା ଓ ଜାତୀୟ ସ୍ୱାଭିମାନ ପାଇଁ ନିର୍ଭୀକ ଭାବେ ସଂଗ୍ରାମ କରିଥିଲେ। କିନ୍ତୁ ସେମାନଙ୍କ ଆଦର୍ଶ ଆଜି ମଧ୍ୟ ବଞ୍ଚି ରହିଛି। ସେହି ଆଦର୍ଶ ଆମକୁ ଶିଖାଏ ଯେ, ଜାତିର ସ୍ୱାର୍ଥ ଓ ଭବିଷ୍ୟତ ପ୍ରତି କୌଣସି ବିପଦ ଆସିଲେ ନିରବ ରହିବା ଉଚିତ ନୁହେଁ।

ଦେଶର ଆଗାମୀ ଭବିଷ୍ୟତ ହେଉଛନ୍ତି ଆଜିର କୋମଳମତି ଛାତ୍ରଛାତ୍ରୀ। ସେମାନଙ୍କ ହାତରେ ଭୁଲ୍ ତଥ୍ୟ ଭର୍ତ୍ତି ପାଠ୍ୟପୁସ୍ତକ ଧରାଇ ଦେବା ପିଲାଖେଳ ନୁହେଁ। ଏହା ଏକ ଗୁରୁତର ସାମାଜିକ ଓ ଶିକ୍ଷାଗତ ଦାୟିତ୍ୱର ପ୍ରଶ୍ନ। ଜଣେ ଛାତ୍ର ଯାହା ଆଜି ପଢ଼ିବ, ସେହି ଜ୍ଞାନକୁ ଆଧାର କରି ସେ ଆସନ୍ତାକାଲି ନିଜର ବିଚାରଧାରା ଗଠନ କରିବ। ତେଣୁ ଶିକ୍ଷାରେ ଭୁଲ୍ ତଥ୍ୟର ପ୍ରବେଶ କେବଳ ଏକ ପୁସ୍ତକର ତ୍ରୁଟି ନୁହେଁ, ଏହା ଏକ ପିଢ଼ିର ଚିନ୍ତାଧାରାକୁ ପ୍ରଭାବିତ କରିବାର ପ୍ରକ୍ରିୟା। ଏହି କାରଣରୁ ସମାଜର ପ୍ରତ୍ୟେକ ସଚେତନ ନାଗରିକ, ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତ୍ ଏହି ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ ଭାବେ ରଖନ୍ତୁ ଏବଂ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକର ସଂଶୋଧନ ପାଇଁ ଦାବି କରନ୍ତୁ। କାରଣ ଏହା କୌଣସି ଦଳ, ସରକାର କିମ୍ବା ବ୍ୟକ୍ତିବିଶେଷର ପ୍ରସଙ୍ଗ ନୁହେଁ; ଏହା ଓଡ଼ିଶାର ଭବିଷ୍ୟତ, ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଆଗାମୀ ପିଢ଼ିର ସଠିକ୍ ଶିକ୍ଷା ଅଧିକାର ସହ ଜଡ଼ିତ ଏକ ଜାତୀୟ ପ୍ରସଙ୍ଗ। ଯଦି ଆଜି ଆମେ ନିରବ ରହିବା, ତେବେ ଇତିହାସ ଆମକୁ କେବେ କ୍ଷମା କରିବ ନାହିଁ। ଯଦି ଆମେ ସଚେତନ ହୋଇ ସତ୍ୟ, ତଥ୍ୟ ଓ ଶିକ୍ଷାର ସୁରକ୍ଷା ପାଇଁ ଏକତ୍ରିତ ହେବା, ତେବେ ନିଶ୍ଚିତ ଭାବରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ସଠିକ୍ ଦିଗରେ ନେଇପାରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁଦୃଢ଼, ସତ୍ୟଭିତ୍ତିକ ଓ ଗୌରବମୟ ଭବିଷ୍ୟତ ଗଢ଼ିପାରିବା।

ଆଜି ଅନେକ ଶିକ୍ଷାବିତ୍ ଓ ସଚେତନ ନାଗରିକ ଆଶଙ୍କା କରୁଛନ୍ତି ଯେ ଇତିହାସକୁ ନୂଆ ଢଙ୍ଗରେ ବ୍ୟାଖ୍ୟା କରିବା ନାମରେ କେଉଁଠି ଓଡ଼ିଆ ଜାତିର ସ୍ୱତନ୍ତ୍ର ଚେତନାକୁ ଦୁର୍ବଳ କରିବାର ପ୍ରୟାସ ଚାଲିନାହିଁ ତ? ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ମୁକ୍ତ ଚିନ୍ତା, ବୈଜ୍ଞାନିକ ମନୋଭାବ ଓ ସମାନତାର ଚେତନା ସୃଷ୍ଟି କରିବା। କିନ୍ତୁ ଯଦି ଛାତ୍ରଛାତ୍ରୀଙ୍କ ମନରେ ଅନ୍ଧ ଆନୁଗତ୍ୟ, ଏକପାଖିଆ ଚିନ୍ତାଧାରା କିମ୍ବା ସାମାଜିକ ବିଭାଜନକୁ ପ୍ରୋତ୍ସାହନ ଦେବା ଭଳି ଧାରଣା ପରୋକ୍ଷ ଭାବରେ ପ୍ରବେଶ କରାଯାଏ, ତେବେ ତାହା ଗଣତାନ୍ତ୍ରିକ ସମାଜ ପାଇଁ ଅଶୁଭ ସଙ୍କେତ। ଆଜି ଆବଶ୍ୟକ ହେଉଛି ପାଠ୍ୟପୁସ୍ତକ ପ୍ରସ୍ତୁତିର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସାର୍ବଜନୀନ ସମୀକ୍ଷା ପାଇଁ ଖୋଲା ରଖିବା, ତ୍ରୁଟିଗୁଡ଼ିକୁ ସ୍ୱୀକାର କରି ତୁରନ୍ତ ସଂଶୋଧନ କରିବା ଏବଂ ଓଡ଼ିଶାର ଇତିହାସ, ଭାଷା ଓ ସଂସ୍କୃତି ସମ୍ପର୍କରେ ଯେକୌଣସି ବିକୃତିକୁ ଦୂର କରିବା। କାରଣ ଶିକ୍ଷା କୌଣସି ସରକାରର ସମ୍ପତ୍ତି ନୁହେଁ; ଏହା ଜାତିର ଭବିଷ୍ୟତ, ଏବଂ ସେହି ଭବିଷ୍ୟତ ସହ ଖେଳିବାର ଅଧିକାର କାହାରି ନାହିଁ। ●

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୭୬୮୦୯୧୩୦୦

# ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ

**ମନୋରମା ନନ୍ଦ (ମିଶ୍ର)**

ଦେଶ ତଥା ଜନ୍ମମାଟିର ସୁରକ୍ଷା ପାଇଁ ଲଢ଼େଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତି। ଇଂରେଜ ଶାସନକୁ ପ୍ରତିହତ କରି ଅନ୍ୟମାନଙ୍କ ପାଇଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି। ଏମିତି କେତେକ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ୍ କରିଥିବା ସଂଗଠନ ହେଉଛି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'। ଏହି ସଦନ ପାଲଟିଥିଲା ଅବିଭକ୍ତ ପୁରୀ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଅର୍ଥାତ୍ ୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲ୍ଲା (ଏବେ ଖୋରଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତିମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି। କିନ୍ତୁ ଏବେ ମଧ୍ୟ ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେମାତ୍ର ବିଚ୍ୟୁତ ନହୋଇ ତା'ର କାର୍ଯ୍ୟଧାରା ଜାରି ରଖିଛି। ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର। 'ନବଜୀବନ'ର ପ୍ରତିଷ୍ଠାତା ଚିନ୍ତାମଣି ମିଶ୍ର, ସଂଗ୍ରାମୀ ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ଭଳି ଧୂରୀଣ ବ୍ୟକ୍ତିତ୍ୱ ସହଯୋଗର ହାତ ବଢ଼ାଇଥିଲେ।

ମୁକ୍ତିସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ମାତ୍ର ୩ ବର୍ଷ ବର୍ଷ ବୟସରେ ପିତା ଦିଗମ୍ବର ମିଶ୍ରଙ୍କୁ ହରାଇ ପିତୃହୀନ ହୋଇଥିଲେ। ପରେ ତାଙ୍କ ବଡ଼ମାମୁଁ ବିଶ୍ୱନାଥ ମିଶ୍ରଙ୍କ ପରାମର୍ଶକ୍ରମେ ୧୯୨୧ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନବିଦ୍ୟାଳୟରେ ଶିକ୍ଷାଗ୍ରହଣ ପାଇଁ ସାକ୍ଷୀଗୋପାଳ ଅଭିମୁଖେ ଯାଇଥିଲେ। ପଞ୍ଚସଖାଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଧୀନତାର ମହାମନ୍ତ୍ରରେ ଉଦ୍ଭାସିତ ହୋଇଥିଲେ। ୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରାଜ୍ୟର ବିଭିନ୍ନ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ପାଇଁ 'ବାନରସେନା' ଗଠନ କରାଯାଉଥାଏ। ସେଥିରେ ସାମିଲ ହେବା ପାଇଁ ସୈନିକ ବା କର୍ମୀ ଯୋଗାଡ଼ କରିବାକୁ ଆହ୍ୱାନ ଦିଆଯାଇଥିବାରୁ ବାଜପୁରରେ ଏଥିପାଇଁ ମୂଳଦୁଆ ପକାଇବାକୁ ନିଷ୍ପତ୍ତି ହୋଇଥିଲା। ପାଠପଢ଼ା, ପରିବାର, ଭବିଷ୍ୟତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଆଦି ପରିତ୍ୟାଗ କରି 'ବାନରସେନା' ପାଇଁ କର୍ମୀ ଯୋଗାଡ଼ କରିବାର ଦୁର୍ବାର ଶପଥ ନେଇଥିଲେ ପଣ୍ଡିତ ନାରାୟଣ ମିଶ୍ର।

ଦିନେ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ସଦସ୍ୟମାନେ ରାତି ପାହିବା ପୂର୍ବରୁ କଣାସ ନିକଟବର୍ତ୍ତୀ ଦୟାନଦୀ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା। ସେହି ଶିବିରରୁ ଅସହଯୋଗ ଆନ୍ଦୋଳନର ନୂତନ ପର୍ଯ୍ୟାୟ ଆରମ୍ଭ ହେବାର ଯୋଜନା ଥିଲା। ଆଖିରେ ଆଖିଏ ନିଦ। ଅବଶ ହୋଇପଡ଼ିଲାଣି ସଂଗ୍ରାମୀଙ୍କ ଶରୀର। କାହାର ଗୋଡ଼ ଖଣ୍ଡିଆ ହୋଇ ଛୁଟିଲାଣି ରକ୍ତଧାର। ଖୁବ୍ ଦୂରରୁ ଦେଖାଯାଉଛି କଣାସର ନଦୀକୂଳ ବରଗଛ। ସଭା ପାଇଁ ସେଠାରେ ଚାଲିଛି ପ୍ରସ୍ତୁତି। ଲାଠି, ବେଡ଼ିକୁ ଖାତିର ନାହିଁ। ୫ଜଣଙ୍କୁ ଦିଆଗଲା ପିକେଟିଂ ଦାୟିତ୍ୱ। ଜାତୀୟ ସଙ୍ଗୀତ ଆବୃତ୍ତି ଏବଂ ହସ୍ତଶୋଭିତ ତ୍ରିରଙ୍ଗା ପତାକାର ଲହରୀଳ ନୃତ୍ୟ। ତା'ପରେ କର୍ତ୍ତବ୍ୟନିଷ୍ଠ ବ୍ରିଟିଶ ପୁଲିସ ଏବଂ 'ବାନରସେନା' ଭିତରେ ବେଶ୍ ଉପଭୋଗ୍ୟ ଖଣ୍ଡଯୁଦ୍ଧ। ହାତରେ ବେଡ଼ି, ଅଣ୍ଟାରେ ଦଉଡ଼ି, କଣ୍ଠରେ ଜାତୀୟ ସଙ୍ଗୀତର ଆବୃତ୍ତି। ପତାକାଟା କିନ୍ତୁ ପୁଲିସ ବୁଟ୍ ତଳେ ଛିନ୍ନଭିନ୍ନ ହୋଇ ସୁଦ୍ଧା ଶୋଭା ପାଉଥିଲା ପଣ୍ଡିତ ଶ୍ରୀମିଶ୍ରଙ୍କ ମସ୍ତକରେ।

୧୯୩୧ ମସିହାରେ ଅନୁଷ୍ଠିତ 'ଲବଣ ସତ୍ୟାଗ୍ରହ'ରେ ପଣ୍ଡିତ ମିଶ୍ରଙ୍କ ସମେତ ସଦନର ସଦସ୍ୟମାନେ ସାମିଲ ହୋଇ ଲୁଣ ମାରିବାକୁ ଯାଇଥିବା ବେଳେ ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତତଲା ବାଲିରେ ସ୍ଲେଜ ଗାଡ଼ି ଭଳି ଘୋଷରା ଖାଇବାକୁ ପଡ଼ିଥିଲା ସେମାନଙ୍କୁ। ମଝିରେ ମଝିରେ ଦିଆଯାଉଥିଲା ଲାଠି ଓ କୋରଡ଼ାରେ ପ୍ରହାର। ପିଇବାକୁ ପାଣି ବଦଳରେ ଦିଆଯାଉଥିଲା ପରିସ୍ରା। ପୁଲିସ ଭ୍ୟାନରେ ଆଳୁବସ୍ତା ପରି ଭର୍ତ୍ତି କରି ସଂଗ୍ରାମୀଙ୍କୁ ପ୍ୟାକ କରି ନିଆଯାଉଥିଲା। ପରେ ଭ୍ୟାନ ଛୁଟୁଥିଲା ପୁରୀ ଆଡ଼କୁ। ପୁରୀ ପୁଲିସ ହାଜତରେ ବିନା ଖାଦ୍ୟ ଓ ପାଣିରେ ରହିବାକୁ ପଡ଼ିଲା ସେମାନଙ୍କୁ ସପ୍ତାହକ ପର୍ଯ୍ୟନ୍ତ। ଏହି ସମୟରେ ସଦନର ସଦସ୍ୟମାନେ ମରିବୁ ପଛେ, ହାରିବୁ ନାହିଁ ବୋଲି ଶପଥ ନେଇଥିଲେ। 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ପ୍ରେରଣାକ୍ରମେ ଏହାର ସଦସ୍ୟମାନେ ଗଭୀର ଅନୁରକ୍ତି ସହ ଅଭେଦ୍ୟ ମମତା ଏବଂ ଅତୁଟ ସ୍ନେହରେ ସମସ୍ତଙ୍କୁ ବାନ୍ଧି ରଖିଥିଲେ। ପ୍ରଖ୍ୟାତ ସ୍ୱାଧୀତନା ସଂଗ୍ରାମୀ ଗୋକୁଳମୋହନ ରାୟଚୁଡ଼ାମଣି ଓ କୁନ୍ଦନ ରାମ୍ ପ୍ରମୁଖ ମଧ୍ୟ ସଦନକୁ ସୁଦୃଢ଼ କରିବାକୁ କେତେକାଂଶରେ ସହଯୋଗ କରିଥିଲେ। ବିଦ୍ରୋହୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଉଦ୍ଦେଶ୍ୟରେ ଜମିଦାର ପରମ୍ପରାର ଅନେକ ପରିବାରର ସଦସ୍ୟଙ୍କୁ ବାଜପୁର ଅଣାଯାଇ ସଦନରେ ସାମିଲ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସଦନର ସଦସ୍ୟମାନେ ସଂଗୃହୀତ ଲୁହାରେ ଖଣ୍ଡା, ଢାଲ, ବର୍ଚ୍ଛା, ତୀର ଆଦି ତିଆରି କରୁଥିଲେ। ଏହି ବିପ୍ଳବୀଙ୍କ ହାତରେ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଦେଖି ଇଂରେଜ ସେନାପତିମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ସଦନର ସଦସ୍ୟମାନେ ବିଭିନ୍ନ ଅଞ୍ଚଳର ବିପ୍ଳବୀଙ୍କୁ ଅଧିକାଂଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବା ଇଂରେଜମାନେ ଜାଣିବାକୁ ପାଇବାରୁ ସଦନର ସଦସ୍ୟଙ୍କୁ ଟାଣି ଟାଣି ଜେଲ ହାଜତକୁ ନେଇଥିଲେ। ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ୧୯୪୨ ନଭେମ୍ବର ୧୬ରେ ସଦନର ସଦସ୍ୟମାନେ ଖୋରଧା ଓ ପାଟଣା କ୍ୟାମ୍ପ ଜେଲ୍‌ରେ ବନ୍ଦୀ ଜୀବନ ବିତାଇଥିବାର ନଜିର ରହିଛି।

ବାଜପୁରରେ ପ୍ରତିଷ୍ଠିତ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ସାରା ରାଜ୍ୟରେ ବାନରସେନାର ପ୍ରାଣକେନ୍ଦ୍ର ଭାବେ ଅଜସ୍ର ପ୍ରଶଂସା ସାଉଁଟିଥିଲା। ସୈନିକ ସଦନର ନିଷ୍ପତ୍ତି କ୍ରମେ ୧୯୪୭ରେ ଖଦଡ଼ ଓ ଧୋତି ପରିଧାନ କରି ଏହାର ସଦସ୍ୟମାନେ ହାତରେ ତ୍ରିରଙ୍ଗା ଧରି ଗାଁକୁ ଗାଁ ବୁଲିଲେ। ୧୯୫୩ରେ ଭୂତପୂର୍ବ ଅର୍ଥ ଓ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ମୂର୍ତ୍ତି ସ୍ଥାପନ ସମିତିର ସହକାରୀ ସମ୍ପାଦକ ଉଦୟନାଥ ଷଡ଼ଙ୍ଗୀ ପ୍ରମୁଖ ଏହି ସଦନ ପରିଦର୍ଶନରେ ଆସି ବାନରସେନାଙ୍କ କାର୍ଯ୍ୟରେ ବିମୋହିତ ହୋଇଥିଲେ। ୧୯୫୭ରେ ଭୂତପୂର୍ବ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ହରିହର ପଟେଲ, ୧୯୫୯ରେ ତତ୍କାଳୀନ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ ଉଦୟଚନ୍ଦ୍ର ଅଗ୍ରୱାଲା, ୧୯୬୧ରେ ତତ୍କାଳୀନ ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକଠଣକର୍, ୧୯୬୭ରେ ଖ୍ୟାତନାମା କବି ଡ.ମାୟାଧର ମାନସିଂହ ପ୍ରମୁଖ ଏହି ସଦନ ପରିଦର୍ଶନ କରି ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ୧୯୬୪ ମସିହାରେ ଭୂତପୂର୍ବ ବାଚସ୍ପତି ନୀଳକଣ୍ଠ ଦାସ, ସର୍ବଭାରତୀୟ କଂଗ୍ରେସ କମିଟି ପ୍ରବକ୍ତା କେ.କାମରାଜ୍ ପ୍ରମୁଖ ଚିନ୍ତାମଣି ମିଶ୍ରଙ୍କ ନିମନ୍ତ୍ରଣକ୍ରମେ ଏହି ସଦନ ପରିଦର୍ଶନ କରିଥିଲେ। ସର୍ବୋପରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଜପୁର ଆସିଥିବା ବେଳେ ଏହି ସଦନକୁ ଆସିଥିବା ଇତିହାସ ଅବଲୋକନ କଲେ ଜଣାପଡ଼େ। ୮୬ ବର୍ଷ ବୟସରେ ପହଞ୍ଚିଥିବା 'ସୈନିକ ସଦନ' ଆଜି ବି ସଗର୍ବେ ମୁଣ୍ଡ ଟେକି ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଆସୁଛି। ●

ବାଜପୁର, ମୋ: ୯୭୭୮୫-୨୨୮୮୨

# ଶବରୀ ନାରାୟଣ ତୀର୍ଥ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ତ୍ରେତୟା ଯୁଗରେ ବାଳୀକୁ ବଧ କରିବା ପରେ ଭଗବାନ ଶ୍ରୀରାମଚନ୍ଦ୍ର ବାଳୀଙ୍କ ପତ୍ନୀ ତାରାଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ହେଲେ। ଅଭିଶାପ ଅନୁଯାୟୀ ଦ୍ୱାପର ଯୁଗରେ ଜାରା ଶବର ରୂପେ ଜନ୍ମ ନେଇଥିବା ବାଳୀଙ୍କ ପୁତ୍ର ଅଙ୍ଗଦଙ୍କ ଶରାଘାତରେ ଶ୍ରୀକୃଷ୍ଣ ମୃତ୍ୟୁବରଣ କଲେ। ଏହି ଜାରା ଶବର ହେଲେ ଶବରମାନଙ୍କର ଆଦି ପୁରୁଷ। ଶବର ସଂପ୍ରଦାୟର ଲୋକମାନେ ଓଡ଼ିଶା ଓ ଛତିଶଗଡ଼ରେ ବହୁସଂଖ୍ୟାରେ ବାସ କରନ୍ତି। କେତେକ ଅଞ୍ଚଳରେ ସେମାନେ ଶଉରା ବା ଶଅର ଭାବେ ଜଣା ଯାଆନ୍ତି।

ଜୋଙ୍କ ନାମକ ଏକ ନଦୀ ଓଡ଼ିଶାର କଳାହାଣ୍ଡି ନୂଆପଡ଼ା ଅଞ୍ଚଳରୁ ବାହାରି ଛତିଶଗଡ଼ରେ କିଛିଦୂର ପ୍ରବାହିତ ହୋଇ ମହାନଦୀ ସହ ସଂଯୁକ୍ତ ହୋଇଛି। ଏହି ସଙ୍ଗମ ସ୍ଥଳର ନାମ 'ଶବରୀ ନାରାୟଣ ତୀର୍ଥ'। ଶବରୀ ନାରାୟଣ ବର୍ତ୍ତମାନ ଅପଭ୍ରଂଶ ହୋଇ 'ଶେଓରୀ ନାରାୟଣ' ରୂପେ ଜଣାଯାଉଛି। ସେତେବେଳର ଓଡ଼ିଶାର ରାଜା କୌଣସି ସୂତ୍ରରୁ ଖବର ପାଇଲେ ଯେ ଶବରୀ ନାରାୟଣରେ ପରମାତ୍ମା ପୂର୍ଣ୍ଣବ୍ରହ୍ମ ନିଘଞ୍ଚ ଜଙ୍ଗଲର ଏକ ଗୁମ୍ଫାରେ ଜଣେ ଶବର ଦ୍ୱାରା ଆରାଧିତ ହେଉଛନ୍ତି। ସେ ପୁରୁଷୋତ୍ତମ କ୍ଷେତ୍ରରେ ଏକ ଭବ୍ୟ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କରି ଆରାଧନା କରିବା ପାଇଁ ସଙ୍କଳ୍ପ କଲେ। ତେଣୁ ଶବରୀ ନାରାୟଣରୁ ମହାପ୍ରଭୁଙ୍କୁ ଆଣିବା ପାଇଁ ଜଣେ ବେଦଜ୍ଞ ବ୍ରାହ୍ମଣଙ୍କୁ ପଠେଇଲେ।

ଅନେକଦିନ ଯାତ୍ରା ପରେ ବ୍ରାହ୍ମଣ ଶବରୀ ନାରାୟଣରେ ପହଞ୍ଚିଲେ। ମହାପ୍ରଭୁଙ୍କ ସନ୍ଧାନ ପାଇଁ ବ୍ରାହ୍ମଣ ଶବର ସହ ବନ୍ଧୁତା ସ୍ଥାପନ କଲେ। ଶବର ବ୍ରାହ୍ମଣଙ୍କୁ ଆତିଥେୟ ଦେଲେ। ଏହି ସମୟରେ ବ୍ରାହ୍ମଣ ଶବର କନ୍ୟାର ପ୍ରେମରେ ପଡ଼ି ତାଙ୍କୁ ବିବାହ କଲେ। ଝିଅଜୋଇଁଙ୍କର ଅନେକ ଅନୁନୟ ବିନୟ ପରେ ଶବର ବ୍ରାହ୍ମଣଙ୍କୁ ଠାକୁରଙ୍କ ବିଜେସ୍ଥଳୀକୁ ନେଇଯିବା ପାଇଁ ଏକସର୍ତ୍ତରେ ରାଜି ହେଲେ। ସର୍ତ୍ତ ହେଲା ଯେ ଯିବା ଆସିବା ବେଳେ ବ୍ରାହ୍ମଣଙ୍କ ଆଖିରେ ପୁଟୁଳି ବନ୍ଧା ଯିବ। ବ୍ରାହ୍ମଣ ରାଜି ହେଲେ ଏବଂ ଶବରଙ୍କ ଅଲକ୍ଷ୍ୟରେ ନିଜ ଅଣ୍ଟିରେ କିଛି ସୋରିଷ ଲୁଚେଇ ନେଇଗଲେ। ଗଲା ବେଳେ ବ୍ରାହ୍ମଣ ଅଣ୍ଟିରୁ ସୋରିଷ ବାହାର କରି ବାଟ ସାରା ପକେଇ ପକେଇ ଗଲେ। ବ୍ରାହ୍ମଣ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିଆସିଲେ। କିଛିଦିନ ପରେ ବର୍ଷା ହୋଇ ସୋରିଷ ଗଜା ହେଲା। ଦିନେ ସମସ୍ତଙ୍କ ଅଜ୍ଞାତରେ ବ୍ରାହ୍ମଣ ସୋରିଷ ଗଛ ଦେଖି ଦେଖି ମହାପ୍ରଭୁଙ୍କ ଗୁମ୍ଫାରେ ପହଞ୍ଚି ମହାପ୍ରଭୁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ ଏବଂ ତାଙ୍କ ସଙ୍ଗରେ ପୁରୁଷୋତ୍ତମ କ୍ଷେତ୍ରକୁ ବିଜେ କରିବା ପାଇଁ ପ୍ରାର୍ଥନା କଲେ। ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଜଗନ୍ନାଥ କହିଲେ- 'ବ୍ରାହ୍ମଣ, ମୁଁ ତୁମ ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇଛି। ନିତ୍ୟବୈକୁଣ୍ଠ ନୀଳାଚଳରେ ବିଜେ ହୋଇ ମୁଁ ପତିତମାନଙ୍କୁ ଉଦ୍ଧାର କରିବି। ଏହା ବିଧିନିର୍ଦ୍ଦିଷ୍ଟ। ମୁଁ ଦାରୁସ୍ୱରୂପରେ ପବିତ୍ର ମହାନଦୀରେ ଭାସିଭାସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିବି। ରାଜା ସେ ଦାରୁରେ ଚତୁର୍ଦ୍ଧା ବିଗ୍ରହ ନିର୍ମାଣ କରି ଏକ ଭବ୍ୟମନ୍ଦିରରେ ପ୍ରତିଷ୍ଠା କରି ମୋର ପୂଜାର୍ଚ୍ଚନା କରିବେ।'

ମହାପ୍ରଭୁଙ୍କଠାରୁ ଆଶ୍ୱସନା ପାଇ ବ୍ରାହ୍ମଣ ନୀଳାଚଳକୁ ଫେରି ଆସିଲେ। ମହାପ୍ରଭୁ ଏକ ଶଙ୍ଖଚକ୍ର ଶୋଭିତ ଦିବ୍ୟଦାରୁ ସ୍ୱରୂପରେ ମହାନଦୀ, କାଠଯୋଡ଼ି, କୁଆଖାଇ ଓ ଭାର୍ଗବୀ ନଦୀରେ ଭାସି ଭାସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ। ରାଜା ସେ ଦାରୁରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରି ମନ୍ଦିରରେ ପ୍ରତିଷ୍ଠା କରି ପୂଜାର୍ଚ୍ଚନାର ବନ୍ଦୋବସ୍ତ କଲେ। ଶବରୀ ନାରାୟଣରେ ଜଗନ୍ନାଥଙ୍କ ଅନ୍ତର୍ଦ୍ଧାନ ହେବା ପରେ ଶବର ପାଗଳପ୍ରାୟ ହୋଇ କ୍ରନ୍ଦନ କରିବାକୁ ଲାଗିଲେ। ମହାପ୍ରଭୁ ଶବରଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- 'ତୁ ମୋର ଅନନ୍ୟ ଭକ୍ତମାନଙ୍କ ଭିତରୁ ଜଣେ। ସାରା ସଂସାରର କଲ୍ୟାଣ ସାଧନ ପାଇଁ ମୁଁ ବର୍ତ୍ତମାନଠାରୁ ଉତ୍କଳ ଦେଶର ସମୁଦ୍ର ତଟବର୍ତ୍ତୀ ନୀଳାଚଳ ଧାମରେ ଦାରୁ ସ୍ୱରୂପରେ ଆରାଧିତ ହେବି। ମୁଁ ପ୍ରଥମେ ପ୍ରକଟ ହୋଇଥିବା ଏହି ସ୍ଥାନ ଏକ ତୀର୍ଥସ୍ଥଳର ମାନ୍ୟତାପ୍ରାପ୍ତ ହେବ। ବ୍ରାହ୍ମଣ ତୁମ କନ୍ୟାର ସହାୟତା ନେଇ ମୋତେ ଆବିଷ୍କାର କରି ଥିବାରୁ ତା'ର ସ୍ମୃତିରକ୍ଷା ପାଇଁ ଏ ତୀର୍ଥ 'ଶବରୀ ନାରାୟଣ' ରୂପେ ପ୍ରସିଦ୍ଧି ଲାଭ କରିବ। ତୋର ଉତ୍ତରପୁରୁଷମାନେ ଦଇତା ସେବକ ନାମରେ ମୋର ଅଙ୍ଗଲାଗି ସେବକ ରୂପେ ମୋର ସେବାର ସୁଯୋଗ ପାଇବେ। ସାରା ସଂସାର ସେମାନଙ୍କୁ ମୋର କୁଟୁମ୍ବୀ ରୂପେ ଜାଣିବେ।' କାଳକ୍ରମେ ଶବରୀ ନାରାୟଣ ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ରରେ ପରିଣତ ହେଲା। ବର୍ତ୍ତମାନ ଏହା ଛତିଶଗଡ଼ର ଏକ ପ୍ରସିଦ୍ଧ ତୀର୍ଥ ଓ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି। ●

(ଆଧାର- ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ- ପଣ୍ଡିତ ସୂ. ନା. ଦାଶ)

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ ଲକ୍ଷ୍ୟ

# ଏନଆଇଆରଏଲ୍-ଓରେଡା ଚୁକ୍ତିନାମା




ଭୁବନେଶ୍ୱର, ୨୩।୬ (ସମିସ): ରାଜ୍ୟରେ ସ୍ଥାୟୀ ଶକ୍ତିର ପ୍ରସାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏନଏଲସି ଇଣ୍ଡିଆ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ 'ଏନଏଲ୍‌ସି ଇଣ୍ଡିଆ ରିନ୍ୟୁଏବଲ୍ସ ଲିମିଟେଡ୍' (ଏନଆଇଆରଏଲ) ଏବଂ ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା (ଓରେଡା) ମଧ୍ୟରେ ଏକ ଯୌଥ ଉଦ୍ୟୋଗ (ଜଏଣ୍ଟ ଭେନଚର) ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଥିବା ବେଳେ ୨୫୦ ମେଗାୱାଟ ପବନ ଶକ୍ତି (ୱିଣ୍ଡୋ ପାୱାର) ଏବଂ ୨୨୫ ମେଗାୱାଟ ଭାସମାନ ସୌର ଶକ୍ତି (ଫ୍ଲୋଟିଂ ସୋଲାର ପାୱାର)) ପ୍ରକଳ୍ପ କରାଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ଉଦ୍ୟୋଗ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶାକୁ ଭାରତର ଏକ ସବୁଜ ଶକ୍ତି କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ। ଏହି ଯୌଥ ଉଦ୍ୟୋଗରେ ଏନଆଇଆରଏଲ ୫୧% ଏବଂ ଓରେଡା ୪୯% ଅଂଶଧନ ନିବେଶ କରିବେ। କମ୍ପାନୀର ପରିଚାଳନା ବୋର୍ଡରେ ଏନଆଇଆରଏଲ ପକ୍ଷରୁ ତିନି ଜଣ ଏବଂ ଓରେଡା ପକ୍ଷରୁ ଦୁଇ ଜଣ ସଦସ୍ୟ ରହିବେ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ ବୃହତ ଆକାରର ଅକ୍ଷୟ ଶକ୍ତି ପ୍ରକଳ୍ପ ପରିଚାଳନା ନିମନ୍ତେ ଓଡ଼ିଶାର ପ୍ରତିଷ୍ଠାନିକ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗ, ଓରେଡା ଏବଂ ଏନଆଇଆରଏଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଚାକିରି ଅପେକ୍ଷାରେ ମେଧାବୀ; ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି

# ସରକାରଙ୍କୁ ଘେରିଲା ଛାତ୍ର ବିଜେଡି



ଭୁବନେଶ୍ୱର, ୨୩।୬ (ସମିସ): ଦୀର୍ଘ ୨ ବର୍ଷ ହେଲା ଏସ୍‌ଏସ୍‌ବି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ପୂର୍ବରୁ ନିଯୁକ୍ତି ଯୋଗ୍ୟତା ନେଇ ହାଇକୋର୍ଟରେ ମାମଲା ଥିବାବେଳେ ସରକାର ନିଜର ପକ୍ଷ ରଖୁନାହାନ୍ତି। ଫଳରେ ପ୍ରାୟ ୫୦ ହଜାର ଉଚ୍ଚଶିକ୍ଷିତ ଆଶାୟୀ ହତାଶ ହୋଇପଡ଼ିଥିବା ଅଭିଯୋଗ କରି ବିଜୁ ଜନତା ଦଳ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଓ କାର୍ଯ୍ୟକାରୀ ସଭାପତି ପ୍ରଦୋଷ ପରିଡ଼ା କହିଛନ୍ତି ଯେ ୨୦୨୨ ମସିହାରେ ନିଯୁକ୍ତି ନେଇ ହାଇକୋର୍ଟରେ ମାମଲା ହୋଇଥିବା ସତ୍ତ୍ୱେ ତତ୍କାଳୀନ ବିଜେଡି ସରକାର ହସ୍ତକ୍ଷେପ କରି ୧୦୬୫ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇଥିଲେ। ୨୦୨୪ ମାର୍ଚ୍ଚରେ ପୁନର୍ବାର ଅଧ୍ୟାପକ ନିଯୁକ୍ତି ପାଇଁ ବିଜେଡି ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲା। ଜୁନ୍‌ରେ ସରକାର ପରିବର୍ତ୍ତନ ହେଲା ଓ ପୂର୍ବଭଳି କିଛି ଆଶାୟୀ ହାଇକୋର୍ଟରେ ମାମଲା ରୁଜୁ କଲେ। ମାତ୍ର ଏ କ୍ଷେତ୍ରରେ ଦୀର୍ଘ ୨ ବର୍ଷ ହେଲା ବିଜେପି ସରକାର ତତ୍ପରତା ଦେଖାଉ ନାହାନ୍ତି। ତାରିଖ ପରେ ତାରିଖ ଗଡୁଥିଲେ ମଧ୍ୟ ସରକାରୀ ଓକିଲ ପକ୍ଷ ରଖୁନାହାନ୍ତି। ଆଶାୟୀମାନେ ବାରମ୍ବାର ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ ସଚିବ, ମୁଖ୍ୟ ଶାସନ ସଚିବ ଓ ଆଡଭୋକେଟ୍ ଜେନେରାଲଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହି କେସ୍‌ର ଶୁଣାଣି ପାଇଁ ଆସନ୍ତା ୩୦ ତାରିଖକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ସେହି ଶୁଣାଣିରେ ସରକାରୀ ଓକିଲ ଅଂଶଗ୍ରହଣ କରି ୫୦ ହଜାର ଆଶାୟୀଙ୍କୁ ସରକାର ନ୍ୟାୟ ପ୍ରଦାନ କରନ୍ତୁ ବୋଲି ବିସିଜେଡି ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସାହୁ ଦାବି କରିଛନ୍ତି। ଅନ୍ୟଥା ମେଧାବୀଙ୍କ ପାଇଁ ବିଜୁ ଛାତ୍ର ଜନତା ଦଳ ତୀବ୍ର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସେହିପରି ଶ୍ରୀ ପରିଡ଼ା କହିଛନ୍ତି ଯେ, ରାଜ୍ୟରେ ହଜାର ହଜାର ଉଚ୍ଚଶିକ୍ଷିତ ମେଧାବୀ ଚାକିରି ପାଇଁ ଅପେକ୍ଷାରେ ଥିବାବେଳେ ସେମାନଙ୍କ ସ୍ୱାର୍ଥକୁ ସରକାର ପଦାଘାତ କରି ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ପୁନଃ ନିଯୁକ୍ତି ପାଇଁ ୨୦୨୫ ଅକ୍ଟୋବର ୨୩ ରେ ବିଜ୍ଞପ୍ତି ପ୍ରକାଶ କଲେ। ରାଜ୍ୟର ମେଧାବୀ ଯୁବକ ଯୁବତୀଙ୍କୁ ସରକାର ପ୍ରତାରଣା କରି ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ଦେବା କାହା ସ୍ୱାର୍ଥରେ ବୋଲି ସେ ପ୍ରଶ୍ନ କରିଛନ୍ତି।

# ଜୁଲାଇ ୫କୁ ପୁଣି ଘୁଞ୍ଚିଲା ଓଟିଇଟି

କଟକ, ୨୩।୬ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି -୨୦୨୬) ପାଇଁ ଆଜି ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ଜୁନ ମାସ ୨୧ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିରୀକୃତ ହୋଇଥିବା ବେଳେ ଏହାକୁ ନିଟ ପରୀକ୍ଷା ପାଇଁ ପ୍ରଥମେ ଘୁଞ୍ଚାଯାଇ ଜୁନ ୨୮ରେ ହେବ ବୋଲି ସ୍ଥିର କରାଯାଇଥିଲା। ଜୁନ ୨୮ରେ ଓଏସଏସସି ପକ୍ଷରୁ ଆରଆଇ, ଅମିନ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହେଉଥିବାରୁ ଓଟିଇଟି ପରୀକ୍ଷା ଆସନ୍ତା ଜୁଲାଇ ୫ତାରିଖରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଓଟିଇଟି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ବେଳେ ପେପର-୧ ସକାଳ ୯ଟାରୁ ୧୧ଟା ୩୦ ଓ ପେପର-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗତ ଜୁନ ୧୭ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟରେ ଉପଲବ୍ଧ ହୋଇସାରିଛି। ଯେଉଁମାନେ ଏହାକୁ ଡାଉନଲୋଡ କରିଛନ୍ତି ଆଉ ଡାଉନଲୋଡ କରିବାକୁ ପଡିବ ନାହିଁ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ମନ୍ତ୍ରିମଣ୍ଡଳ ଅଦଳବଦଳ...

ଦିଆଯାଇପାରେ। ସେହିପରି ଦକ୍ଷତା ସମୀକ୍ଷା ଆଧାରରେ ଆଉ କିଛି ମନ୍ତ୍ରୀ ମୋଦୀଙ୍କ କ୍ୟାବିନେଟରୁ ବାଦ ପଡ଼ିବେ ବୋଲି କୁହାଯାଉଛି। ପୀୟୂଷ ଗୋଏଲ, ନିର୍ମଳା ସୀତାରମଣ, ଅଶ୍ୱିନୀ ବୈଷ୍ଣବଙ୍କ ବିଭାଗ ପରିବର୍ତ୍ତନ ହୋଇପାରେ। ସେହିପରି ମୋଦୀଙ୍କ କ୍ୟାବିନେଟ୍‌କୁ ରବିଶଙ୍କର ପ୍ରସାଦ ଓ ଅନୁରାଗ ଠାକୁର ପୁନଃ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ପଶ୍ଚିମବଙ୍ଗରୁ ଦିଲ୍ଲୀପ ଘୋଷ ଓ ଆପ୍ ତ୍ୟାଗ କରି ବିଜେପିରେ ସାମିଲ ହୋଇଥିବା ରାଘବ ଚଡ୍ଢାଙ୍କୁ ମଧ୍ୟ ମନ୍ତ୍ରୀପଦ ମିଳିପାରେ। ପ୍ରଥମଥର ସଂସଦକୁ ନିର୍ବାଚିତ ୩ ଯୁବ ମୁହଁଙ୍କ ସହ ଦକ୍ଷିଣ ଭାରତର ଜଣେ ମହିଳା ନେତ୍ରୀଙ୍କୁ ମନ୍ତ୍ରୀ ପଦ ମିଳିବାର ସମ୍ଭାବନା ଥିବା କୁହାଯାଉଛି। ଅନ୍ୟପକ୍ଷରେ ଓଡ଼ିଶାରୁ ମଧ୍ୟ ଆଉ ଜଣେ ସାଂସଦଙ୍କୁ ମନ୍ତ୍ରୀ ପଦ ମିଳିବା ଚର୍ଚ୍ଚା ହେଉଛି। ମୋଟ ଉପରେ ଆଗାମୀ ୨୦୨୯ ସାଧାରଣ ନିର୍ବାଚନ, ପଞ୍ଜାବ ଓ ଉତ୍ତରପ୍ରଦେଶର ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଯୁବ ଓ ମହିଳାମାନଙ୍କୁ ଅଧିକ ସୁଯୋଗ ଦିଆଯାଇପାରେ ବୋଲି ସୂଚନା ମିଳିଛି।

କୁରିଆନଙ୍କ ଇସ୍ତଫା ପରେ ରାଷ୍ଟ୍ରପତି-ପ୍ରଧାନମନ୍ତ୍ରୀ ସାକ୍ଷାତ ଆଲୋଚନାକୁ ନେଇ ଜାତୀୟ ରାଜନୀତି ସରଗରମ ହୋଇଉଠିଛି। ମୋଦୀଙ୍କ କାର୍ଯ୍ୟକାଳରେ ଯେତେଥର ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇଛି, ତାହାର ପ୍ରାକ୍ ସୂଚନା ଅଦଳବଦଳର ୨୪ ଘଣ୍ଟାରେ ମିଳିଥାଏ। ଏସଂପର୍କରେ ସରକାରଙ୍କ ପକ୍ଷରୁ କିଛି କୁହାଯାଇ ନାହିଁ ଓ କୌଣସି ମନ୍ତ୍ରୀ କିମ୍ବା ବିଜେପି ନେତା ମଧ୍ୟ ମୁହଁ ମଧ୍ୟ ଖୋଲୁ ନାହାନ୍ତି। ଆପ,ତୃଣମୂଳ କଂଗ୍ରେସ ଓ ଶିବ ସେନାରେ ବିଭାଜନ ପରେ ଏନଡିଏ ଆଳକୁ ଢଳିଥିବା ନେତାମାନଙ୍କୁ ମନ୍ତ୍ରିମଣ୍ଡଳରେ ଥଇଥାନ କରାଯାଇପାରେ ବୋଲି ମଧ୍ୟ ଏହି ସୂତ୍ରରୁ ସୂଚନା ମିଳିଛି।

### ଟିଏମ୍‌ସି ପାଇଁ...

ଦଳରୁ ବହିଷ୍କାର କରାଯାଇଛି। ଅନ୍ୟପଟେ, ଏକ ପାଞ୍ଚତାରକା ହୋଟେଲରେ ରତବ୍ରତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୃଥକ ଜାତୀୟ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇ ମମତା କିମ୍ବା ଅଭିଷେକଙ୍କ ପାଇଁ କୌଣସି ସ୍ଥାନ ରଖାଯାଇ ନାହିଁ। ବିଦ୍ରୋହୀ ଗୋଷ୍ଠୀ ହାୱଡା ସେଣ୍ଟ୍ରାଲ ବିଧାୟକ ଅରୂପ ରାୟଙ୍କୁ ଅଧ୍ୟକ୍ଷ ଏବଂ ରତବ୍ରତଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରିଛନ୍ତି। ରତବ୍ରତଙ୍କ ଗୋଷ୍ଠୀ ଦାବି କରିଛି ଯେ ବିଧାୟକ ଦଳର ସଂଖ୍ୟାଗରିଷ୍ଠ ସମର୍ଥନ ସେମାନଙ୍କ ପାଖରେ ରହିଛି। ନୂତନ କମିଟି ରିପୋର୍ଟ ୧୫ ଦିନ ମଧ୍ୟରେ ନିର୍ବାଚନ କମିଶନଙ୍କୁ ଦିଆଯିବ ବୋଲି ରତବ୍ରତ କହିଛନ୍ତି। ଏହା ପୂର୍ବରୁ ମମତାଙ୍କ ଶିବିର ତତ୍ପରତା ଦେଖାଇ ନିଜର ପକ୍ଷ ରଖିସାରିଛି। ଦୁଇଟି ପୃଥକ ଗୋଷ୍ଠୀ ଗୋଟିଏ ଦଳ ଉପରେ ଦାବି କରୁଥିବାରୁ ଏହି ବିବାଦର ସମାଧାନ ଏବେ ନିର୍ବାଚନ କମିସନଙ୍କ ହାତରେ ରହିଛି।

### ଓଡ଼ିଶା ଫେରିଲା...

ପହଞ୍ଚିଥିଲା। ଯେଉଁ ମୃତକଙ୍କର ମରଶରୀର ଓଡ଼ିଶା ଆସିଛି ସେମାନେ ହେଲେ ଜିମାନୀ ଜୁଆଙ୍ଗ, ଗୀତା ଜୁଆଙ୍ଗ, ଭୂମିଆ ଜୁଆଙ୍ଗ, ଶିବାନୀ ଓ ଫୁଲମଣି ଜୁଆଙ୍ଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଏକାଧିକ ବିଧାୟକ ଏବଂ ଅନ୍ୟମାନେ ସେଠାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

### ଜୁଲାଇ ୪ରେ...

ସମୟରେ ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ବିଜେପିର କୋର କମିଟି ସହ ଆଲୋଚନା କରିଥିଲେ। ଏହା ସହ ନିର୍ଦ୍ଦିଷ୍ଟ ଭାବରେ କିଛି ପ୍ରସଙ୍ଗରେ କାର୍ଯ୍ୟ କରିବା ପାଇଁ ଦଳୀୟ ନେତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ସରକାରଙ୍କ କାର୍ଯ୍ୟ, ଲୋକଙ୍କ ମଧ୍ୟରେ ଦଳର ବିଶ୍ୱନୀୟତା ଆଦି ପ୍ରସଙ୍ଗକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଏ ସମ୍ପର୍କରେ କେନ୍ଦ୍ରୀୟ କୋର କମିଟି ସହ ନିତିନ ନବୀନ ଆଲୋଚନା କରିଛନ୍ତି। ତେଣୁ ଓଡ଼ିଶାରେ ଦଳର ସାଂଗଠନିକ ସଂରଚନା ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଶ୍ରୀ ଶାହା ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି।

ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଦୀର୍ଘଦିନ ହେଲା ଚର୍ଚ୍ଚା ଚାଲିଛି। ସରକାରରେ ୬ଟି ମନ୍ତ୍ରୀ ପଦ ଖାଲି ଥିବା ଯୋଗୁଁ ଅନେକ ଆଶାୟୀ ମନ୍ତ୍ରୀ ହେବାକୁ ପାଗବାନ୍ଧି ବସିଛନ୍ତି। ନିଗମ ଓ ବୋଡର୍‌ଗୁଡ଼ିକରେ ନିଯୁକ୍ତି ହୋଇ ପାରିନାହିଁ। ତେଣୁ ଶ୍ରୀ ଶାହାଙ୍କ ଆଗାମୀ ଗସ୍ତ ସମୟରେ ଏ ସମ୍ପର୍କରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନିତିନ ନବୀନଙ୍କ ନୂଆ ରାଷ୍ଟ୍ରୀୟ ଟିମ୍‌ରେ ଓଡ଼ିଶାର ଜଣେ ବିଜେପି ନେତାଙ୍କୁ ସ୍ଥାନ ମିଳିପାରେ। ଏପରିକି ରାଜ୍ୟ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ଜଣେ ମନ୍ତ୍ରୀ ଓ ରାଜ୍ୟରୁ ନିର୍ବାଚିତ ଜଣେ ସାଂସଦଙ୍କୁ ଦଳ ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରାଯାଇପାରେ। ଏ ସମ୍ପର୍କରେ ଶ୍ରୀ ଶାହା ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଶା ପୁଲିସକୁ ପ୍ରଦତ୍ତ ପୁଲିସ କଲର ଆୱାର୍ଡ କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ସାମିଲ ପାଇଁ ଏକ ପରେଡ୍ କାର୍ଯ୍ୟକ୍ରମରେ ଶ୍ରୀ ଶାହ ଯୋଗ ଦେବେ। ଏହାସହ ବଡ଼ମ୍ବା ଚିନି କଳ ସମେତ ବଲାଙ୍ଗୀର ଓ ନୟାଗଡ଼ ଚିନି କଳର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ଶିଳାନ୍ୟାସ କରିପାରନ୍ତି। ଭୁବନେଶ୍ୱରରେ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସ୍କୁଲ ପ୍ରତିଷ୍ଠାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଏବଂ ହୀରାକୁଦଠାରେ ୧୦୦କୋଟି ଟଙ୍କା ବ୍ୟୟରେ ପୂର୍ବଭାରତର ପ୍ରଥମ ସମନ୍ୱିତ ଆକ୍ୱା ପାର୍କ ସ୍ଥାପନ, ଭୁବନେଶ୍ୱରର ପାଣ୍ଡରାଠାରେ ୫୯ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ବଜାରର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶାହ ଯୋଗ ଦେଇପାରନ୍ତି ବୋଲି ଜଣାପଡ଼ିଛି। ଅମିତ୍ ଶାହଙ୍କ ୪ତାରିଖରେ ଦିନିକିଆ ଗସ୍ତ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ନେଇ ଆନୁଷ୍ଠାନିକ ସୂଚନା ଆସିଛି। ତେବେ ଓଡ଼ିଶା ସରକାରଙ୍କ କେଉଁ କେଉଁ କାର୍ଯ୍ୟକ୍ରମରେ ସେ ଯୋଗଦେବେ, ତା'ର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଉଛି।

### 'ଇଚ୍ଛାମୃତ୍ୟୁ' ମାଗିଲେ...

ଘରେ ବାକି ରହିଥିବା ଧାନତକ ସରକାରୀ ମଣ୍ଡିରେ ବିକ୍ରି କରିବା ଆଶାରେ ଗୋପାଳ ଦୀର୍ଘ ଦିନ ହେବ ଟୋକନ୍‌କୁ ଅପେକ୍ଷା କରି ରହିଥିଲେ। ଏଥିପାଇଁ ସେ ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିଜର ଗୁହାରି ଜଣାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ସୁଫଳ ମିଳିନଥିଲା। ଶେଷରେ କେହି ତାଙ୍କ ଦୁଃଖ ନଶୁଣିବାରୁ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଚାଷ କାର୍ଯ୍ୟ ପାଇଁ କରିଥିବା ଧାର-କରଜର ବୋଝ ଗୋପାଳଙ୍କ ମୁଣ୍ଡ ଉପରେ ଚାପ ସୃଷ୍ଟି କରିଥିବାବେଳେ ପ୍ରଶାସନର ନିରବତା ତାଙ୍କୁ ମାନସିକ ସ୍ତରରେ ମାରିଦେଇଛି।ଅନ୍ୟ କୌଣସି ଉପାୟ ନପାଇ ଆଜି ଅପରାହ୍ନରେ ଯୁବଚାଷୀ ଗୋପାଳ ସାହୁ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ଚରମ ପଦକ୍ଷେପ ସ୍ୱରୂପ ଇଚ୍ଛାମୃତ୍ୟୁ ଆବେଦନ କରିଛନ୍ତି। ସେ ଜିଲ୍ଲାପାଳଙ୍କ ଜରିଆରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏହି ପତ୍ର ପ୍ରଦାନ କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ଚାଷୀ କୂଳ ମଧ୍ୟରେ ଗଭୀର ଶୋକର ଛାୟା ଖେଳିଯାଇଛି। ସରକାରୀ ବ୍ୟବସ୍ଥାରେ ଥିବା ତ୍ରୁଟି ଯୋଗୁଁ ଆଉ କେତେ ଦିନ ଏଭଳି ଚାଷୀଙ୍କୁ ନିଜ ଜୀବନ ହାରିବାକୁ ବା ମୃତ୍ୟୁ ମାଗିବାକୁ ପଡ଼ିବ, ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନ ଉଠିଛି।

### କୀଟନାଶକ ପିଇ...

ଗାଁର ଶତାଧିକ ଚାଷୀଙ୍କ ସହ ନେପାଳ ସିଏସ୍‌ଓ ଅଫିସ ଆଗରେ ବିକ୍ଷୋଭରେ ସାମିଲ ହୋଇଥିଲେ। ସେଠାରୁ ଘରକୁ ଫେରି କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଆଜି ଦିନ ୧୧ଟାରେ ନେପାଳଙ୍କ ଶବ ଗାଁରେ ପହଞ୍ଚି ଥିଲା। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ସରକାରୀ ଚାକିରି ଦାବିରେ ଗାଁ ଲୋକେ ଶ୍ମଶାନରୁ ଶବକୁ ଆଣି ଜାତୀୟ ରାଜପଥ ନଂ.୩୫୩ ଉପରେ ରଖି ଅବରୋଧ କରିଥିଲେ। ପରେ ନୂଆପଡ଼ା ଉପ ଜିଲ୍ଲାପାଳ, ଅତିରିକ୍ତ ଏସପି, କୋମନା ତହସିଲଦାର ପ୍ରମୁଖ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣା ସ୍ଥଳରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୫୦ ହଜାର ଟଙ୍କା ସହାୟତା ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଝାରପଡ଼ା ଜେଲ୍‌ରେ...

କାରଣରୁ ଏଭଳି ହୋଇଥିବା ଜଣାପଡୁ ନଥିଲେ ମଧ୍ୟ ଖାଦ୍ୟରେ କିଛି ଅପମିଶ୍ରଣ ଥିଲା ବୋଲି ଅନୁମାନ କରାଯାଉଛି। ଯାହାକୁ କଏଦୀ ଖାଇବା ପରେ ଜଣଙ୍କ ପରେ ଜଣେ ଅଚାନକ ଅସୁସ୍ଥ ହୋଇଯାଇଥିଲେ। ତେବେ ଡାକ୍ତରୀ ପରୀକ୍ଷା ହେଲେ ସ୍ପଷ୍ଟ ହେବ ବୋଲି ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ଘଟଣା ପରେ ଜେଲରେ କଏଦୀ ମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ନାର୍କୋ କୋର୍ଡିନେସନ ସେଣ୍ଟର ବୈଠକରେ ନିଶା ଚିନ୍ତା

ଭୁବନେଶ୍ୱର, ୨୩।୬ (ସମିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ନାର୍କୋ କୋର୍ଡିନେସନ ସେଣ୍ଟର(ଏନ୍‌ସିଓଆରଡ଼ି)ର ୭ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ନିଶାଦ୍ରବ୍ୟ କାରବାର ନିୟନ୍ତ୍ରଣ, ନିଶାମୁକ୍ତ ସମାଜ ଗଠନ ପାଇଁ ଜନ ସଚେତନତା ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବ÷ଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅପରାଧ ଅନୁସନ୍ଧାନ ବିଭାଗ ଓ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଡେପୁଟି ଡାଇରେକ୍ଟର ଜେନେରାଲ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଉଚ୍ଚ ପଦାଧିକାରୀମାନେ ନିଜର ମତାମତ ଓ ପରାମର୍ଶ ରଖିଥିଲେ।

ବୈଠକରେ ଦର୍ଶାଯାଇଥିଲା ଯେ, ୨୦୨୪ରୁ ୨୦୨୬ ମଧ୍ୟରେ ଅଦ୍ୟାବଧି ରାଜ୍ୟରେ ୫୧୩ ମେଟ୍ରିକ ଟନ୍‌ରୁ ଅଧିକ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩,୨୩୮ଟି ମାମଲା ରୁଜୁ କରାଯାଇ ୪,୫୩୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୬୯,୪୭୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ୩୩ କିଲୋଗ୍ରାମରୁ ଅଧିକ ବ୍ରାଉନ୍ ସୁଗାର ଓ ୨ ଲକ୍ଷରୁ ଅଧିକ କୋଡିନ୍ ମିଶ୍ରିତ କଫ୍ ସିରପ୍ ବୋତଲ ଜବତ କରାଯାଇଛି। ଆନ୍ଧ୍ର-ଓଡ଼ିଶା ସୀମାରେ ଏସ୍‌ଟିଏଫ୍ ଦ୍ୱାରା ପରିଚାଳିତ ଏକ ସ୍ୱତନ୍ତ୍ର ଅଭିଯାନରେ ଏକ ଆନ୍ତର୍ରାଜ୍ୟ ନିଶାଦ୍ରବ୍ୟ ଚୋରାଚାଲାଣ ନେଟୱର୍କର ୭ଜଣ ସଦସ୍ୟଙ୍କୁ ଗିରଫ କରାଯିବା ସହ ପ୍ରାୟ ୨୩୦ କୋଟି ଟଙ୍କା ମୂଲ୍ୟର ହାସିସ୍ ତେଲ ଓ ଗଞ୍ଜେଇ ଜବତ କରାଯାଇଥିବା ସୂଚନା ଦିଆଯାଇଥିଲା। ଏହା ସହ ନିଶାଦ୍ରବ୍ୟ କାରବାର ସହ ଜଡିତ ସମ୍ପତ୍ତି ବିରୋଧରେ ଆର୍ଥିକ ତଦନ୍ତକୁ ଜୋରଦାର କରାଯାଇଛି। ବେଆଇନ ଗଞ୍ଜେଇ ଚାଷର ବିକଳ୍ପ ଭାବେ ଲାଭଜନକ କୃଷି କାର୍ଯ୍ୟକଳାପ ଓ ଜୀବିକାଭିତ୍ତିକ ଅନ୍ୟ ପଦକ୍ଷେପମାନେ ଗ୍ରହଣ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ କବଳରୁ ଦୂରେଇ ରଖିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ସେ ପରାମର୍ଶ ଦିଆଯାଇଛି।

# ବାଲିଅନ୍ତା ଭିଡ଼ହତ୍ୟା: ଆଉ ଜଣେ ଗିରଫ

ଭୁବନେଶ୍ୱର, ୨୩।୬ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ଅନ୍ୟତମ ଅଭିଯୁକ୍ତ ବିଭୁତି ଭୂଷଣ ପରିଡା ଓରଫ ହାପିକୁ କ୍ରାଇମବ୍ରାଞ୍ଚ ମଙ୍ଗଳବାର ଗିରଫ କରିଛି। ଜିଆରପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ଆକ୍ରମଣରେ ସିଧାସଳଖ ସମ୍ପୃକ୍ତି ରହିଥିଲା ବୋଲି ଅଭିଯୋଗ ହୋଇଥିଲା। ତା ଘର ବେଣ୍ଣୁପୁରୁ କୁମ୍ଭାର ସାହି ଅଞ୍ଚଳରେ ବୋଲି ଜଣାପଡ଼ିଛି। ହାପିକୁ କଟକ ବିଡ଼ାନାସୀ ଅଞ୍ଚଳରୁ ଗିରଫ କରାଯାଇଛି। ହାପିକୁ ଗିରଫ କରିବା ପରେ ମୋଟ୍ ଗିରଫଦାରି ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। କମିଶନରେଟ୍ ପୁଲିସ ୧୧ଜଣଙ୍କୁ ଗିରଫ କରିଥିଲା ବେଳେ କ୍ରାଇମବ୍ରାଞ୍ଚ ୮ ଜଣଙ୍କୁ ଗିରଫ କରିଛି। ତେବେ ଏହି ମାମଲାରେ ଆଉ କିଛି ଅଭିଯୁକ୍ତ ଏବେ ବି ଫେରାର୍ ଅଛନ୍ତି।


**AFFIDAVIT**

I, Abhisek Nayak, aged about 44 years, S/o- Nirmal Chandra Nayak, resident of At- Railway Station Road, Balangir, Ps- Town Bolangir, Balangir, Pin-767001, Odisha do hereby declare for my minor daughter Anrwita Abhisek Nayak by this affidavit No.1288, dtd- 22.06.2026, that now onwards she shall be known as **ANWITA ABHISEK NAYAK** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Banapur Vide No-1966 Dated 29/05/2026, I, DAKA BARIK aged about 54 years, S/o- Maguni Barik permanent resident of Village- Paladhuapali, P.O.- Ayatapur, P.S.- Nachuni of Khordha Dist. Odisha do hereby declare that I have changed my name from KABULA BARIK to DAKA BARIK. Henceforth I shall be known as **DAKA BARIK** for all purposes.

DAKA BARIK

**AFFIDAVIT**

By virtue of an affidavit no- 2148, dated- 11/6/2026 sworn before Executive Magistrate, Banpur, declare that I, Nityananda Muduli, aged about- 44 years, S/o- Trinath Muduli of Address At- Muktadeipur, Po- Balidihi, PS- Banpur, Dist- Khordha, Odisha, Pin-752031, declare that I have changed the name of my minor daughter from Madhumita Muduli to Madhusmita Muduli. Henceforth, he shall be known as **Madhusmita Muduli** for all purposes.

Madhusmita Muduli

**LOST**

I Susma Acharya, W/o- Nirmal Kumar Acharya, of Vill.- Birmal. Ps.- Sadar, Dist.- Bargarh state that, I have lost original Electricity money receipt of Maa Fly Ash Bricks on 07.06.2026 bearing No. SD.A 1620002, Consumer A/C No. 515001110966 in the name of Susma Acharya of Rs.36,946.00 towards Security Deposit. Inspite of my several effort the same could not found.

**AFFIDAVIT**

By virtue of an affidavit before the Executive Magistrate Bhubaneswar I, **Malka Tarannum,** the mother of **Daraksha Tarannum** declared that my daughter's new name is **Daraksha Tarannum** and old name is **Daraksan Taranum.** Hence from today she will be known as **Daraksha Tarannum.**

**AFFIDAVIT**

By virtue of an affidavit sworn before the Notary Public, Sunabeda vide no 1086, dated 22/06/2026, I, Shek Rosan, S/o- Sak Mahamad, Vill - Patrapandi, PO - Thuba, PS - Nandapur, Dist - Koraput, declare that I have changed my Daughter's name from Simran to Simran Begam. Henceforth, my daughter shall be known as **Simran Begam** for all purpose.

Sd/- Shek Rosan

**AFFIDAVIT**

By virtue of an affidavit no. 1788, sworn before the executive Magistrate Champua on dtd- 03/06/2026, I Falguni Kumari Rout, D/o- Rabi Rout, permanent resident of Vill- Maricha, P.o/Ps- Ghagarbeda, Dist- Mayurbhanj, Pin- 757035, Odisha, declare that I have changed my name from **Phalguni Rout** (Old Name ) to **Falguni Kumari Rout** (New Name), Henceforth she shall be known as **FALGUNI KUMARI ROUT** for all future purposes.

Falguni Kumari Rout

**AFFIDAVIT**

I, Sachinkumar Jachindranath Patra, aged about 32 years, S/O- Jachindranath Jairam Patra, resident of At/Po- Rambhadeipur, Ps- Jagatsinghpur, Dist- Jagatsinghpur, Odisha, PIN-754102, do hereby declare by this affidavit No.1287, dtd- 22.06.2026, that now onwards I shall be known as **SACHIN JACHINDRANATH PATRA** for all future purposes.

**AFFIDAVIT**

I, **Anoop Kumar Pera,** aged about 45 years, S/o- Ballav Pera, resident of At: Flat No-202, Block-C, PDN Horizon, Jagamara, Ps- Khandagiri, Bhubaneswar, Pin-751030, Odisha do hereby declare for my minor daughter Digna Anoop Pera by this affidavit No.1286, dtd- 22.06.2026, that now onwards she shall be known as **DIGNA DARSHEE PERA** for all future purposes.

**PANCHAYAT SAMITI OFFICE**
**LEPHRIPARA, DIST: SUNDARGARH**

19001/118/2627

No.: 1809 | Date: 23/06/2026

**e-Procurement Notice Bid Identification No. 02/2026-27**

The Block Development Officer, Lephripara on behalf of Governor of Odisha invites Percentage Rate bids online mode for Construction of the work detailed below.

1. **Name of the work** : Construction of Building works
2. **Total no. of work** : 1 (One) no.
3. **Class of Contractor** : C & B Class
4. **Period of completion** : Six Calendar Months

The bidders have to participate in online bidding only. The details will be available in the website www.tenderodisha.gov.in from **11.00 AM of 25.06.2026** to **5.00 PM of 08.07.2026**.

**Block Development Officer**
**Lephripara**

OIPR-19001/19486/1/26-27/0001

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮-ବି, ୧ମ ମହଲା, ୟୁନିଟ୍ - ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ ନିକଟ, ଭୁବନେଶ୍ୱର-୭୫୧୦୦୩

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ **ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ** ସରଫେଶୀ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି **ସମ୍ପୃକ୍ତ ଶାଖାର** ନିମ୍ନଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟ ସମ୍ପୂର୍ଣ୍ଣ ଭାବେ ପଇଠ କରିବାକୁ କହିଥିଲେ। କଥିତ ଡିମାଣ୍ଡ ନୋଟିସ୍ ନିମ୍ନ ଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଏହି ନୋଟିସ୍ ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି ଯେ ବର୍ତ୍ତମାନ ସୁଦ୍ଧା ଥିବା ସମସ୍ତ ବକେୟା ଦେୟ ରାଶି ସହିତ ତତ୍‌ପରବର୍ତ୍ତୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସୁରକ୍ଷିତ ଋଣଦାତାଭାବେ ଆମକୁ ପଇଠ କରନ୍ତୁ ଅନ୍ୟଥା ଆମେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଆମକୁ ପ୍ରାପ୍ତ ଅଧିକାର ଅନୁଯାୟୀ କ୍ଷମତା ପ୍ରୟୋଗ କରିବାକୁ ବାଧ୍ୟ ହେବୁ। ଏତଦ୍‌ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି ଯେ କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ପ୍ରାକ୍ ଲିଖିତ ଅନୁମତି ବିନା ନିମ୍ନଲିଖିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ ମାଧ୍ୟମ ଦ୍ୱାରା ହସ୍ତାନ୍ତରିତ କରିପାରିବେ ନାହିଁ। ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏହି ନିଷେଧାଦେଶ/ଅବରୋଧର କୌଣସି ପ୍ରକାର ଉଲଂଘନ ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ଏକ ଅପରାଧ ଅଟେ। ଏହି ନୋଟିସ୍‌ଟି ସରଫେଶୀ ଆକ୍ଟ ୨୦୦୨ ଏବଂ / କିମ୍ବା ଅନ୍ୟ କୌଣସି ଆଇନଗତ ଅଧିକାରକୁ ପ୍ରତିହତ ନକରି ଜାରି କରାଯାଇଅଛି।

**ଏତଦ୍‌ଦ୍ୱାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୮)ର ବ୍ୟବସ୍ଥା ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଆକାଉଣ୍ଟ /ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର/ଋଣ ରାଶି / ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଦେୟ | ସମ୍ପତ୍ତି(ଗୁଡିକ)ର ବିବରଣୀ |
|---|---|---|---|
| **ପଳାଶପଲ୍ଲୀ ଶାଖା /** ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସୁକାନ୍ତୀ ବାଳା ନାୟକ, ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକ, ୨) ଶ୍ରୀ କ୍ଷୀରୋଦ କୁମାର ନାୟକ, ପିତା: ଶ୍ରୀ ଅଚ୍ୟୁତାନନ୍ଦ ନାୟକ, ଉଭୟଙ୍କ ଠିକଣା- ସା: ଖମାର, ପୋ: ଉରୁକୁଳ, ଥାନା: ହଣ୍ଡପା, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୨୬ / **ଗ୍ୟାରେଣ୍ଟିଦାତା: ଶ୍ରୀ ବସନ୍ତ କୁମାର ସିଂ,** ପିତା: ୰ ଘଷିରାମ ସିଂ, ସା: ବଡବିଲ ମ୍ୟୁନିସିପାଲିଟି ୱାର୍ଡ ନଂ.: ୭, ପୋ: ବଡବିଲ, ଥାନା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍ - ୭୫୮୦୩୫ / **ବନ୍ଧକଦାତା: ଶ୍ରୀମତୀ ସୁକାନ୍ତୀ ବାଳା ନାୟକ,** ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକ, ସା: ଖମାର, ପୋ: ଉରୁକୁଳ, ଥାନା: ହଣ୍ଡପା, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୨୬ | ସେଣ୍ଟ ହୋମ୍ ଡବଲ୍ ପ୍ଲସ୍ > ୨୫ ଲକ୍ଷ / ଟ.୬୮,୦୦,୦୦୦/- / ୨୦.୦୫.୨୦୨୬ | ୧୯.୦୫.୨୦୨୬ ସୁଦ୍ଧା ଟ.୯୩,୫୮,୮୧୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ଶ୍ରୀମତୀ ସୁକାନ୍ତୀ ବାଳା ନାୟକ, ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଲ୍ ଖାତା ନଂ.: ୯୨୯/୨୦୮୭, ମ୍ୟୁଟେସନ୍ ଖାତା ନଂ.: ୯୨୯/୩୫୩୮, ପ୍ଲଟ୍ ନଂ.: ୩୭୬/୯୧୬୫, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ମୌଜା: ତୁରଙ୍ଗ, ତହସିଲ: ବଅଁରପାଳ, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରବିନ୍ଦ୍ର କୁମାର ଦାସ, ଉତ୍ତର: ରତ୍ନାକର ବିଶ୍ୱାଳ, ଦକ୍ଷିଣ: ଲକ୍ଷ୍ମୀଧର ପାଣି |
| **ପୁରୀ ଶାଖା /** ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ମିସ୍ ନିରୁପମା ପ୍ରଧାନ, ପିତା: ୰ ରାଧାମୋହନ ପ୍ରଧାନ, ୨) ସୂର୍ଯ୍ୟମଣୀ ପ୍ରଧାନ, ସ୍ୱାମୀ: ୰ ରାଧାମୋହନ ପ୍ରଧାନ, ଉଭୟଙ୍କ ଠିକଣା ସା: ଗଣା ମଲ୍ଲ ସାହି, ବାଲି ସାହି, ଥାନା: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୧ / **ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନେ: ୧) ମିସ୍ ମମତା ପ୍ରଧାନ,** ପିତା: ୰ ରାଧାମୋହନ ପ୍ରଧାନ, ସା: ଗଣା ମଲ୍ଲ ସାହି, ବାଲି ସାହି, ଥାନା: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୧, **୨) ଶ୍ରୀମତୀ ତନୁଜା ପ୍ରଧାନ,** ସ୍ୱାମୀ: ସୁଧିର କୁମାର ପ୍ରଧାନ, ସା: ଝୋଲା ସାହି ପିଠାପୁର, ପୋ: ଦୋଳମୁଣ୍ଡାଇ, ଜିଲ୍ଲା: କଟକ, ପିନ୍ - ୭୫୩୦୦୧ | ସେଣ୍ଟ ମଡଗେଜ୍ / ଟ.୩,୫୦,୦୦୦/- / ୧୪.୦୫.୨୦୨୬ | ୧୩.୦୫.୨୦୨୬ ସୁଦ୍ଧା ଟ.୩୫,୫୨,୪୫୯/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ସୂର୍ଯ୍ୟମଣୀ ପ୍ରଧାନ, ମିସ୍ ନିରୁପମା ପ୍ରଧାନ, ମିସ୍ ମମତା ପ୍ରଧାନ, ଶ୍ରୀମତୀ ତନୁଜା ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବିକ ଖାତା ନଂ.: ୩୫୭/୧୬, ମ୍ୟୁଟେସନ୍ ଖାତା ନଂ.: ୧୮୬, ହାଲ୍ ପ୍ଲଟ୍ ନଂ.: ୧୧୬୪, ମ୍ୟୁଟେସନ୍ ପ୍ଲଟ୍ ନଂ.: ୨୪୩, କ୍ଷେତ୍ର: ଏକର ୦.୦୧୦ ଡିସିମିଲି, ମୌଜା: ବାଲିସାହି, ତହସିଲ: ପୁରୀ, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ହରେକୃଷ୍ଣ ବାରିକ, ପଶ୍ଚିମ: ବାବନ ଚନ୍ଦ୍ର ଖଡ଼ିରତ୍ନ, ଉତ୍ତର: ରାସ୍ତା, ଦକ୍ଷିଣ: ହାଡି ଗୋହାଳି |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୩.୦୬.୨୦୨୬

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ମନ୍ଦିର ବିବାଦ; ପ୍ରଶାସନର ୧୬୩ ଧାରା ଲାଗୁ

ବାଲିକୁଦା,୨୩।୬(ସମିସ)

ବାଲିକୁଦା ବ୍ଲକ ଅନ୍ତର୍ଗତ ବନ୍ଦର ସାମୁଦ୍ରିକ ଥାନା ଅଧୀନ ନହରଣା ପଞ୍ଚାୟତର ଫୁଲପାଟଣା ଗ୍ରାମରେ ୧୫୦ ବର୍ଷ ପୁରୁଣା ଗ୍ରାମଦେବତୀଙ୍କ ନବନିର୍ମିତ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାକୁ କେନ୍ଦ୍ର କରି ଦେଖାଦେଇଥିବା ବିବାଦ ମଧ୍ୟରେ ପ୍ରଶାସନ ଶାନ୍ତି ଓ ଶୃଙ୍ଖଳା ରକ୍ଷା ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିଛି। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ) ଧାରା ୧୬୩ ଜାରି କରିଥିବା ବେଳେ ଦୁଇ ପ୍ଲାଟୁନ ପୁଲିସ ସହ ଅନେକ ପୁଲିସ ଅଧିକାରୀ ମୁତୟନ କରାଯାଇଛି। ତହସିଲଦାର ବିକାଶ ରଞ୍ଜନଙ୍କୁ ମଧ୍ୟ ପରିସ୍ଥିତି ଉପରେ ନଜର ରଖିବାର ଦାୟିତ୍ୱ ଦିଆଯାଇଛି।

ଗ୍ରାମବାସୀଙ୍କ ଏକ ବୃହତ୍ ଗୋଷ୍ଠୀର କହିବା ଅନୁଯାୟୀ, ଜୁନ ୨୧ରୁ ଆରମ୍ଭ ହୋଇଥିବା ପ୍ରତିଷ୍ଠା ମହୋତ୍ସବ ୨୪ ତାରିଖରେ ପୂର୍ଣ୍ଣାହୁତି ସହ ସମାପ୍ତ ହେବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ଦାବି ଅନୁସାରେ ଗ୍ରାମର ଅଧିକାଂଶ ପରିବାର ଏହି ଧାର୍ମିକ କାର୍ଯ୍ୟକ୍ରମ ସପକ୍ଷରେ ଥିବା ବେଳେ କେତେକ ପରିବାର ବିରୋଧ କରୁଛନ୍ତି। ପୂର୍ବରୁ ଏହାକୁ ନେଇ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ତଦନ୍ତ ପରେ ସେହି ମାମଲା ଖାରଜ ହୋଇଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷରେ, ବିରୋଧୀ ଗୋଷ୍ଠୀର ଅଭିଯୋଗ ହେଉଛି ଯେ ମନ୍ଦିର ପ୍ରତିଷ୍ଠା ପାଇଁ ଗଠିତ କମିଟି ସମସ୍ତ କାର୍ଯ୍ୟ ସ୍ୱଚ୍ଛ ଓ ସର୍ବସମ୍ମତିକ୍ରମେ ପରିଚାଳନା କରିନଥିଲା। ତେଣୁ ସେମାନେ କିଛି କାର୍ଯ୍ୟ ପ୍ରଣାଳୀକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାରି ମଧ୍ୟରେ ରବିବାର ପୂଜା ପାଇଁ ଆଣାଯାଇଥିବା ଏକ ପ୍ରତିମୂର୍ତ୍ତିରେ କୁକୁର ଓ ଭଗବାନ ଶିବଙ୍କ ଚିତ୍ର ଥିବାକୁ ନେଇ କେତେକ ଭକ୍ତ ଆପତ୍ତି ଉଠାଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଏହା ଧାର୍ମିକ ଭାବାବେଗକୁ ଆଘାତ ଦେଇଛି। ଏହି ପ୍ରସଙ୍ଗକୁ କେନ୍ଦ୍ର କରି ବିରୋଧୀ ଗୋଷ୍ଠୀ ପୂଜା କାର୍ଯ୍ୟକ୍ରମ ସ୍ଥଗିତ ରଖିବା ଦାବି କରୁଥିବା ଜଣାପଡ଼ିଛି।

ବର୍ତ୍ତମାନ ପରିସ୍ଥିତି ସମ୍ବେଦନଶୀଳ ଥିବାରୁ ପ୍ରଶାସନ ପକ୍ଷରୁ ଉଭୟ ପକ୍ଷକୁ ସଂଯମ ରକ୍ଷା କରିବା ସହ ଆଇନକୁ ସମ୍ମାନ ଜଣାଇବାକୁ ପରାମର୍ଶ ଦିଆଯାଇଛି। ତଦନ୍ତ ଓ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ବିନା ମାଇକ ଓ ଘଣ୍ଟଘଣ୍ଟିରେ ପୂଜା କାର୍ଯ୍ୟ ସମାପ୍ତ କରିବା ସହ ଭିଡ଼ ନ ଜମାଇବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି ଉପଜିଲ୍ଲାପାଳ। ତେବେ ପୋଲିସ ବୁଝାଉଥିବା ସମୟରେ ଜଣେ ପୂଜାକୁ ବିରୋଧ କରୁଥିବା ଯୁବକ ଭିଡିଓ ଉତ୍ତୋଳନ କରୁଥିବାରୁ ତାଙ୍କୁ ପୁଲିସ ଅଟକ ରଖିଥିବା ସୂଚନା ମିଳିଥିବା ବେଳେ ଏହାକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି ବିପକ୍ଷ ଲୋକେ। ତେବେ ଖବର ଶେଷ ସୁଦ୍ଧା କୌଣସି ଅପ୍ରୀତିକାର ପରିସ୍ଥିତି ସୃଷ୍ଟି ହୋଇ ନଥିବା ଓ ସରକାରୀ ନିର୍ଦ୍ଦେଶ ମୁତାବକ ପୂଜା କାର୍ଯ୍ୟ ଚାଲୁଥିବା ଓ ଶୃଙ୍ଖଳାରେ ଆୟୋଜନ ହେବା ନେଇ ୨ ପ୍ଲାଟୁନ ପୁଲିସ ମୁତୟନ ହୋଇଥିବା ନେଇ ତହସିଲଦାର ବିକାଶ ରଞ୍ଜନ ସୂଚନା ଦେଇଛନ୍ତି।

## ଇସକଫ୍‌ର ରାଜ୍ୟ ପରିଷଦ ବୈଠକ

ପାରାଦୀପ,୨୩।୬(ସମିସ): ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଆଇଏସ୍‌ସିୟୁଏଫ/ଇସକଫ) ପକ୍ଷରୁ ପାରାଦୀପ୍ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ଠାରେ ଓଡିଶା ରାଜ୍ୟ ପରିଷଦର ବୈଠକ ଆୟୋଜିତ ହୋଇଥିଲା। ଆଇଏସସିୟୁଏଫ ଜଗତସିଂହପୁର ଜିଲ୍ଲା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଇସକଫ୍‌ର ଜାତୀୟ ସାଧାରଣ ସମ୍ପାଦକ ବିଜୟ ପଢ଼ିଆରୀ ଯୋଗ ଦେଇଥିଲେ। ପୂର୍ବତନ ଅର୍ଥ ମନ୍ତ୍ରୀ ତଥା ଇସକଫ୍‌ର ସଭାପତି ମଣ୍ଡଳୀ ସଭ୍ୟ ଶଶି ଭୂଷଣ ବେହେରା ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସଙ୍ଗଠନର ରାଜ୍ୟ ସମ୍ପାଦକ ଜାନକୀ ବଲ୍ଲଭ ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କଟକର ସୁଶାନ୍ତ ମହାପାତ ଦେଶାତ୍ମବୋଧକ ଗୀତ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆବାହକ ବିଷ୍ଣୁଚରଣ ମୁଦୁଲି, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସ୍ୱାଇଁ, ସବିତା ମହାପାତ୍ର, ସାଗର ନାୟକ, ନାରାୟଣ ଭୋଳ, ସଲିଳ ସାମନ୍ତରା, ରବିନ୍ଦ୍ର ପଲେଇ, ଫକିର ଚରଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଖୋର୍ଦ୍ଧାରୁ ବିଜୟ ମହାନ୍ତି, ଯାଜପୁରରୁ ଧନଞ୍ଜୟ ରାଉତରାୟ, ଅଜୟ ସାମଲ, କଟକରୁ ସଂଜୟ ପରିଜା, କେନ୍ଦ୍ରାପଡାରୁ ଆଦିକନ୍ଦ ରାଉଳଙ୍କ ନେତୃତ୍ୱ ରେ ବହୁ ପ୍ରତିନିଧି ଉପସ୍ଥିତ ଥିଲେ। ଶଶି ଭୂଷଣ ବେହେରାଙ୍କ ନେତୃତ୍ୱରେ ସଙ୍ଗଠନର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ସାକ୍ଷାତ କରି ସ୍କୁଲ ବହିରେ ଯେଉଁ ଭୁଲ ମାନ ରହିଛି ଏହାକୁ ସଂଶୋଧନ ଓ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ଦିଆଯିବ ବୋଲି ସ୍ଥିର କରାଯାଇଥିଲା।

## ଛେଳିଆଗଡ଼ରେ ହ୍ୟାଣ୍ଡବଲ ଦିବସ



ଜଗତସିଂହପୁର,୨୩।୬(ସମିସ): ଜଗତସିଂହପୁର ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନ ତରଫରୁ ସଦର ବ୍ଲକ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତର ଛେଳିଆଗଡ ସ୍ଥିତ ହ୍ୟାଣ୍ଡବଲ ପଡିଆରେ ବିଶ୍ୱ ହ୍ୟାଣ୍ଡବଲ ଦିବସ ପାଳିତ ହୋଇଯାଇଛି। ଆସୋସିଏସନର ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଦାସ ଅନୁଷ୍ଠାନିକ ଭାବେ କେକ୍ କାଟି ଖେଳାଳି ମାନଙ୍କ ଗହଣରେ ବିଶ୍ୱ ହ୍ୟାଣ୍ଡବଲ ଦିବସ ପାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ହ୍ୟାଣ୍ଡବଲ ଆସୋସିଏସନ ଉପସଭାପତି ବିଜୟ କୁମାର ରାଉତ ଓ ପ୍ରଶିକ୍ଷକ ସତ୍ୟ ସୂର୍ଯ୍ୟ ମଲ୍ଲିକ ଉପସ୍ଥିତ ଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଗୋଟିଏ ପ୍ରଦର୍ଶନୀ ହ୍ୟାଣ୍ଡବଲ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୌରାଙ୍ଗ ସାସମଲ, ଶୁଭମ ରାୟ, ଅନୁପମ ରାୟ, ଚନ୍ଦନ ବେହେରା, ବିଭୂପ୍ରସାଦ ରାୟ, ଦୀପକ କୁମାର ବେହେରା, ସାଇ ଶୁଭମ ମହାରଣା, ରୋଜାଲିନି ରଥ, ଅଙ୍କିତା ରାଉତ, ରାଣୀ ଦାସ, ନିବେଦିତା ପାଣି, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ପ୍ରଣତି ପ୍ରିୟଦର୍ଶିନୀ ବାରିକ, ପ୍ରଭୁଦତ୍ତ ନାୟକ, ଦିବ୍ୟଜ୍ୟୋତି ମଲ୍ଲିକ, ବାଦଲ ସେଠୀ, ସତ୍ୟଜିତ ପ୍ରଧାନ, ସରୋଜ କୁମାର ସାମଲ, ନିଖିଲ ଜେନା ପ୍ରଭୃତି ଖେଳାଳି ମାନେ ଭାଗନେଇଥିଲେ।

## ନକଲି ଜାତି ପ୍ରମାଣପତ୍ର ଦେଇ ଶିକ୍ଷକ ବହିଷ୍କୃତ

ଜଗତସିଂହପୁର,୨୩।୬(ସମିସ): ଏରସମା ବ୍ଲକ ଅନ୍ତର୍ଗତ ଗୋଡା ସ୍ଥିତ ବି.ବି. ସରକାରୀ ଉଚ୍ଚ ବିଦ୍ୟାଳୟରେ ନକଲି ଜାତି ପ୍ରମାଣପତ୍ର ଦେଇ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିବା ସୁଶାନ୍ତ କୁମାର ମଣ୍ଡଳଙ୍କୁ ବହିଷ୍କାର କରାଯାଇଛି। ସୂଚନା ଅନୁସାରେ ଗତ ୨୦୦୭ ଏପ୍ରିଲ ୨ ତାରିଖରେ ସୁଶାନ୍ତ ଅନୁସୂଚିତ ବର୍ଗ ଜାତି ବର୍ଗର ବୋଲି ପ୍ରମାଣପତ୍ର ଦେଇ ବିଦ୍ୟାଳୟରେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିଲେ। ପରେ ତାଙ୍କ ଜାତି ସମ୍ପର୍କୀତ ପ୍ରମାଣପତ୍ରକୁ ନେଇ ଅଦାଲତରେ ମାମଲା ଦାୟର ହୋଇଥିଲା। ସୁଶାନ୍ତ ମଣ୍ଡଳ ତନ୍ତୀ ଜାତିର ହୋଇଥିବା ବେଳେ ପାଣ ତନ୍ତୀ ଭାବେ ଦର୍ଶାଇ ଏରସମା ତହସିଲରୁ ନକଲି ଅନୁସୂଚିତ ଜାତି ବର୍ଗର ପ୍ରମାଣପତ୍ର ବାହାର କରିବାରେ ସଫଳ ହୋଇଥିଲେ। ଏହାକୁ ଦେଇ ସେ ଅନୁସୂଚିତ ଜାତି ବର୍ଗ ପାଇଁ ରହିଥିବା ସଂରକ୍ଷିତ ପଦରେ ନିଯୁକ୍ତି ପାଇଥିଲେ। ଏହି ବିଷୟ ସ୍ପଷ୍ଟ ହେବା ପରେ ସୁଶାନ୍ତ ମଣ୍ଡଳଙ୍କୁ ଜଗତସିଂହପୁର ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ମଣ୍ଡଳଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରିଛନ୍ତି।

## ବେଥାନୀ ସ୍କୁଲରେ ଶିକ୍ଷକ କର୍ମଶାଳା



ପାରାଦୀପ,୨୧।୬(ସମିସ): ପାରାଦୀପ ବେଥାନୀ କନଭେଣ୍ଟ ସ୍କୁଲରେ ଏକ ଦିନିକିଆ ଶିକ୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। 'ଶ୍ରେଣୀଗୃହ ପରିଚାଳନା' ବିଷୟବସ୍ତୁକୁ ନେଇ ଚାଲିଥିବା ଏହି କର୍ମଶାଳାରେ ଶିକ୍ଷକମାନଙ୍କର ବୃତ୍ତିଗତ ଦକ୍ଷତା ଓ କ୍ଷମତାକୁ ଅଧିକ ସୁଦୃଢ଼ କରିବା ଥିଲା ଏହାର ଲକ୍ଷ୍ୟ। ଅତିଥି ଓ ଶିକ୍ଷକମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପରେ ଅତିଥିମାନଙ୍କ ଉପସ୍ଥିତିରେ ମନୋବିଜ୍ଞାନୀ ପରାମର୍ଶଦାତା ଅଶୋକ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ପରିଚାଳକ ରେଭ. ଫାଦର ନିହାର ରଞ୍ଜନ ପରିଚ୍ଛା, ଅଧ୍ୟକ୍ଷ ରେଭ. ଫାଦର ସୁନୀଲ ଲାକ୍ରା, ଉପାଧ୍ୟକ୍ଷା ସିଷ୍ଟର ଅନୁ ଜ୍ୟୋତି ଏବଂ ଶିକ୍ଷକ ପରିଷଦର ସମ୍ପାଦିକା ମୋନି ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଅଶୋକ କୁମାର ପଟ୍ଟନାୟକନଙ୍କୁ ଅଧ୍ୟକ୍ଷ ସମ୍ମାନିତ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ ରେଭ. ଫାଦର ସୁନୀଲ ଲାକ୍ରା ନିଜ ଅଭିଭାଷଣରେ ଶିକ୍ଷକମାନଙ୍କ ପାଇଁ ନିରନ୍ତର ଶିକ୍ଷାଗ୍ରହଣ ଓ ବୃତ୍ତିଗତ ବିକାଶର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଅଶୋକ କୁମାର ପଟ୍ଟନାୟକଙ୍କ ଦ୍ୱାରା ପରିଚାଳିତ ଓରିଏଣ୍ଟେସନ୍ ଅଧିବେଶନ। ଜଣେ ଅଭିଜ୍ଞ ପରାମର୍ଶଦାତା ମନୋବିଜ୍ଞାନୀ ଭାବେ ସେ ଶ୍ରେଣୀଗୃହ ପରିଚାଳନା, ସକାରାତ୍ମକ ଅନୁଶାସନ, ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିବା, ମାନସିକ ସୁସ୍ଥତା ଏବଂ ସୁସ୍ଥ ଶିକ୍ଷକ-ଛାତ୍ର ସମ୍ପର୍କ ଗଢ଼ି ତୋଳିବା ସମ୍ପର୍କରେ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ବିଭିନ୍ନ ବ୍ୟବହାରିକ ଉଦାହରଣ ଓ ଆନ୍ତର୍କ୍ରିୟାତ୍ମକ ଆଲୋଚନା ମାଧ୍ୟମରେ ସେ ଶିକ୍ଷକମାନଙ୍କୁ ଏକ ସକାରାତ୍ମକ ଓ ଫଳପ୍ରଦ ଶ୍ରେଣୀଗୃହ ପରିବେଶ ସୃଷ୍ଟି କରିବାର କୌଶଳ ସମ୍ପର୍କରେ ଅବଗତ କରାଇଥିଲେ। ଏହା ଶିକ୍ଷକମାନଙ୍କୁ ନିଜ ଶ୍ରେଣୀଗୃହ ଅଭ୍ୟାସ ସମ୍ପର୍କରେ ଆତ୍ମସମୀକ୍ଷା କରିବା ସହ ସମସାମୟିକ ଶିକ୍ଷାଗତ ଆହ୍ୱାନ ଗୁଡିକର ସଫଳ ମୁକାବିଲା ପାଇଁ ନୂତନ ଦୃଷ୍ଟିକୋଣ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା। ଶେଷରେ ଶିକ୍ଷକ ପରିଷଦର ସମ୍ପାଦିକା ମୋନି ଧନ୍ୟବାଦ ଅର୍ପଣ କରିଥିଲେ।

## ରଘୁନାଥପୁରରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ




ରଘୁନାଥପୁର,୨୩।୬(ସମିସ): ରଘୁନାଥପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଗତ ୩ ଦିନ ଧରି ପାଳନ ହୋଇ ଆସୁଥିବା 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଆଜି ଶେଷ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକ କଲ୍ୟାଣ ଯୋଜନାକୁ ବ୍ଲକ ଓ ପଞ୍ଚାୟତ ଅଧିକାରୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ଏମବିକେ, ସିଆର୍‌ପିମାନେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ ଜାରି ରଖିଥିଲେ। ଏହି କାର୍ଯ୍ୟକ୍ରମରେ ନୂତନ ରାସନ୍ କାର୍ଡଧାରୀ ମାନଙ୍କୁ ରାସନ୍ କାର୍ଡ, ନୂତନ ଭତ୍ତା ବଣ୍ଟନ, ଆୟୁଷ୍ମାନ କାର୍ଡ ବଣ୍ଟନର ବ୍ୟବସ୍ଥା କରା ଯାଇଥିବା ବେଳେ ଅଙ୍ଗନବାଡି କର୍ମୀ ମାନଙ୍କ ଦ୍ୱାରା ବିଭିନ୍ନ ଦ୍ରବ୍ୟର ଷ୍ଟଲ ଦେଖିବାକୁ ମିଳିଥିଲା। ଏହା ସହିତ ଉଦ୍‌ଯାପନୀ ଦିବସରେ ମହିଳା ମାନଙ୍କ ମନୋରଞ୍ଜନ ପାଇଁ ଝୁଲଣଦୋଳିର ବ୍ୟବସ୍ଥା କରା ଯାଇଥିଲା। ଏଥି ମଧ୍ୟରୁ ତାରପୁର ଗ୍ରାମପଞ୍ଚାୟତର ସରପଞ୍ଚ ସୁଷମା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ବେଶ୍ ଚିତ୍ତାକର୍ଷକ ହୋଇଥିଲା। ସେହିଭଳି ଭାବରେ ରଘୁନାଥପୁର ବ୍ଲକର ଧରାଧରପୁର ସରପଞ୍ଚ ନଳିନୀପ୍ରଭା ମୁଦୁଲି, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ବିଦ୍ୟାଧରପୁର ସରପଞ୍ଚ ସାହେଦା ତବସୁମା, ଚିକିଣିଆ ସରପଞ୍ଚ ବିଷ୍ଣୁ ସେଠୀ, ଗୁଆଳିପୁର ସରପଞ୍ଚ ମନୋଜୀନି ସାହୁ ନିଜ ନିଜ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମକୁ ସରସ ଓ ସୁନ୍ଦର ଭାବରେ ପାଳନ କରିଥିଲେ।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ସ୍ମୃତି ପକ୍ଷ ଶୁଭାରମ୍ଭ



ଜଗତସିଂହପୁର,୨୩।୬(ସମିସ): ଜଗତସିଂହପୁର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ସ୍ମୃତି ପକ୍ଷ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ପୁଷ୍ପ ମାଲ୍ୟ ଓ ଦୀପ ଦାନ କରାଯାଇଥିଲା। ନାଉଗାଁ ମଣ୍ଡଳର ପୂର୍ବତନ ସଭାପତି ନିଳୁରାମ ଜେନା ଏଥିରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଜିଲ୍ଲା ଉପସଭାପତି ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ପ୍ରିୟବ୍ରତ ମଲ୍ଲିକ, ଜିଲ୍ଲା ଆଇଟି ସେଲର ସଂଯୋଜକ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ରାଜ ନାରାୟଣ ସାହୁ, ପଳାଶୋଳ ମଣ୍ଡଳ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ, ବିବେକାନନ୍ଦ ଆଚାର୍ଯ୍ୟ, ନୀଳମଣି ସାହୁ, କେଦାର ଭାଇ ପ୍ରଭୃତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମ ଆଜିଠାରୁ ଜିଲ୍ଲାର ସମସ୍ତ ବୁଥ, ମଣ୍ଡଳ ଏବଂ ନିର୍ବାଚନ ମଣ୍ଡଳୀରେ ଆୟୋଜନ କରାଯାଇ ଡ. ମୁଖାର୍ଜୀଙ୍କ ଜୀବନୀ ବିଷୟରେ ବ୍ୟାପକ ଭାବରେ ଆଲୋଚନା କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଦାବି

ଜଗତସିଂହପୁର,୨୩।୬(ସମିସ): ରାଜ୍ୟ ସରକାରଙ୍କର ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ବର୍ତ୍ତମାନ ସୁଦ୍ଧା ଆସିଥିବା ହଜାର ହଜାର ତ୍ରୁଟି କେବଳ ବନାନଗତ, ବ୍ୟାକରଣଗତ ନୁହେଁ, ଏଥିରେ ବହୁ ଗୁରୁତର ତଥ୍ୟ ଗତ ଏବଂ ମୌଳିକ ଧାରଣାଗତ ତ୍ରୁଟି ମଧ୍ୟ ରହିଛି। ଏହାଛଡା ବହୁ ଅବୈଜ୍ଞାନିକ ବିଷୟ ବସ୍ତୁ ମଧ୍ୟ ସ୍ଥାନିତ ହୋଇଛି। ଏପରିକି ଯୋଗାଇଥିବା ସଂଶୋଧିତ ପୁସ୍ତିକା ମଧ୍ୟରେ ବି ଭୁଲ୍ ରହିଛି। ଏହି ବିକୃତ ପାଠ୍ୟ ପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନୂତନ ତ୍ରୁଟିମୁକ୍ତ ଓ ବିଜ୍ଞାନ ସମ୍ମତ ପାଠ୍ୟ ପୁସ୍ତକ ଯୋଗାଇ ଦେବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଏ ନେଇ ଗଣଶିକ୍ଷାମନ୍ତ୍ରୀଙ୍କ ମନ୍ତବ୍ୟ ଅତ୍ୟନ୍ତ ଦାୟିତ୍ୱହୀନ ଓ ଚରମ ଶିକ୍ଷା ବିରୋଧି ନୀତିର ପରିଚୟ କରେ ବୋଲି ଦଳର ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି। ସଂଶୋଧିତ ଚିଠା ଶିକ୍ଷକମାନଙ୍କ ହାତରେ ଧରେଇ ଦେଇ କାମ ଚଳେଇ ଦେବା ନ୍ୟାୟରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଖେଳ ଖେଳିବା ବନ୍ଦ କରି ଉତ୍ଥାପିତ ହୋଇଥିବା ନ୍ୟାୟ ସଙ୍ଗତ ଦାବିକୁ ମାନିନେବା ସହିତ ଏନଇପି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଶ୍ରୀ ଦାସଗୁପ୍ତ ଦାବି କରିଛନ୍ତି।

## ମୁଦୁପୁରରେ ଗାଦିବ୍ରହ୍ମ ସତ୍ୟନାରାୟଣ ପାଲା ଉଦ୍‌ଯାପିତ

ଜଗତସିଂହପୁର,୨୩।୬(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତ ମୁଦୁପୁର ଗ୍ରାମର ସର୍ବପ୍ରାଚୀନ ଗାଦିବ୍ରହ୍ମ ସତ୍ୟନାରାୟଣ ପାଲା ଅନୁଷ୍ଠାନର "ରାଜପର୍ବ' ଉପଲକ୍ଷେ ଗାୟିକା ମନ୍ଦାକିନୀ ଲକ୍ଷ୍ମୀପ୍ରିୟା ଦାଶଙ୍କ ପରିବେଷିତ ପାଲା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ମଞ୍ଚକୁ ଜଗତସିଂହପୁରର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଉଦଘାଟନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ସାହିତ୍ୟିକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ବରେଣ୍ୟ ଅତିଥି ଶିକ୍ଷାବିତ୍ ଶିଶିର କୁମାର ତ୍ରିପାଠୀ, କବୟିତ୍ରୀ ମନୋରମା ଦାଶ, ପାଲା କମିଟିର ରାଜକିଶୋର ପଣ୍ଡା, ନୀଳମଣି ନାୟକ ପ୍ରମୁଖ ମଞ୍ଚାସୀନ ହୋଇ ଗାୟିକାଙ୍କୁ ନବକାକଳି ଅନୁଷ୍ଠାନ ତରଫରୁ ଶାଲ, ପୁସ୍ତକାବଳୀ ଟ୍ରଫି ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କ ସହଯୋଗୀମାନଙ୍କୁ ମଧ୍ୟ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ୨୬ରେ ନିଶାଦ୍ରବ୍ୟ ଚୋରାଚାଲାଣ ବିରୋଧୀ ଦିବସ

ପାରାଦୀପ,୨୩।୬(ସମିସ): ଆସନ୍ତା ଜୁନ ୨୬ ତାରିଖରେ ପାଳିତ ହେବାକୁ ଥିବା ଆନ୍ତର୍ଜାତିକ ନିଶାଦ୍ରବ୍ୟ ଦୁର୍ବ୍ୟବହାର ଓ ଅବୈଧ ଚୋରାଚାଲାଣ ବିରୋଧୀ ଦିବସ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ୍ରଗ୍ସ ନିଶା ବିରୋଧରେ ନିରନ୍ତର କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ 'ୱାଦା ପରିବାର' ପକ୍ଷରୁ ୨୬ ତାରିଖ ସନ୍ଧ୍ୟା ୫ଟାରେ ପାରାଦୀପ ସ୍ଥିତ ଜୟଦେବ ସଦନ ଠାରେ ଏହି କାର୍ଯ୍ୟକ୍ରମ ପାଳନ କରାଯିବ। ଏହି ଅବସରରେ ସାଧାରଣ ଜନତାଙ୍କ ମଧ୍ୟରେ ଡ୍ରଗ୍ସ ନିଶାର ଭୟାବହ ପରିଣାମ ସମ୍ପର୍କରେ ବ୍ୟାପକସଚେତନତାସୃଷ୍ଟିକରିବାନେଇବୈଠକରେଆଲୋଚନାହୋଇଛି।ବୈଠକରେ କ୍ୟାପଟେନ ପ୍ରେମାନନ୍ଦ ରାଉତ ପୌରୋହିତ୍ୟ କରିଥିବା ବେଳେ ୱାଦାର ସଂଯୋଜକ ଆଡଭୋକେଟ ଗତିକୃଷ୍ଣ ଶତପଥୀ, ସମାଜସେବୀ ତଥା ପାରାଦୀପ କଲେଜ ଏନ୍‌ସିସି ଆଲୁମ୍ନି ଆସୋସିଏସନର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ୱାଦାର ସଦସ୍ୟବୃନ୍ଦ, ପାରାଦୀପର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ସମାଜସେବୀ ଏବଂ ସାମ୍ବାଦିକମାନେ ଯୋଗଦେଇ ଡ୍ରଗ୍ସ ନିଶା ବିରୋଧୀ ସଚେତନତା ସୃଷ୍ଟି ଓ କାର୍ଯ୍ୟକ୍ରମର ସଫଳ ଆୟୋଜନ ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ।

## ପୌରାଞ୍ଚଳରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ଜଗତସିଂହପୁର,୨୩।୬(ସମିସ): ଜଗତସିଂହପୁର ପୌର ପରିଷଦ ଅନ୍ତର୍ଗତ ୧୭ ନଂ ୱାଡର୍‌ର ଦେଉଳିଗ୍ରାମେଶ୍ୱରଠାରେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମର ମହିମା ଅଲେଖ ମଠ, ଗ୍ରାମେଶ୍ୱର ଯଜ୍ଞ ଘର, ଅଙ୍ଗନୱାଡି ଗୃହ, କବର ସ୍ଥାନ ପାଚେରି, ସ୍ୱାଇଁ ସାହି ରାସ୍ତା, ଖଜୁରିଆ ମଠ ରାସ୍ତା, ଜଗନ୍ନାଥ ମନ୍ଦିର ଆଦି ଅନେକ ଯୋଜନାର ଶୁଭ ଉଦ୍‌ଘାଟନ କରିଥିଲେ ବିଧାୟକ। ଏହି କାର୍ଯ୍ୟକ୍ରମରେ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର, ଜଗତସିଂହପୁର ପୌର ନିର୍ବାହୀ ଅଧିକାରୀ ସନ୍ଦୀପ ସିଂଙ୍କ ସମେତ ସମସ୍ତ ପାରିଷଦ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ପାରିଷଦ ଦେବାଶିଷ ସ୍ୱାଇଁ ସଂଯୋଜନା କରିଥିଲେ।

## କୁଜଙ୍ଗରେ ଷ୍ଟ୍ରିଟ୍‌ଲାଇଟ ଅଚଳ

କୁଜଙ୍ଗ,୨୩।୬(ସମିସ): କୁଜଙ୍ଗ ବଜାରରେ ଥାନା ଛକରୁ ଡାକ ଘର ଓ କ୍ୟୁ ବଜାର ପର୍ଯ୍ୟନ୍ତ ଷ୍ଟିଟଲାଇଟ ଅଚଳ ହୋଇପଡ଼ିଛି। ସେହିପରି ସିନେମା ହଲ୍ ନିକଟରୁ ବଳରାମପୁର ଗଡା ପର୍ଯ୍ୟନ୍ତ ଅଧିକାଂଶ ଷ୍ଟ୍ରିଟ୍‌ଲାଇଟ୍ କାମ କରୁନଥିବା ଅଭିଯୋଗ ହୋଇଛି। ଆଲୋକ ବ୍ୟବସ୍ଥା ଅଚଳ ହୋଇଥିବା ବେଳେ ମରାମତି ହେଉନଥିବା ଅଭିଯୋଗ ହୋଇଛି। ଷ୍ଟ୍ରିଟ୍‌ଲାଇଟ ପାଇଁ ବ୍ଲକ ପ୍ରଶାସନ ବିଦ୍ୟୁତ୍ ବିଲ୍ ଗଣୁଥିବା ବେଳେ ଲୋକେ ହଇରାଣ ହୋଇ ଅନ୍ଧାରରେ ଯିବା ଯୋଗୁ ଅସନ୍ତୋଷ ଦେଖା ଦେଇଛି। ଅନ୍ୟ ପକ୍ଷରେ ଆଜି ପ୍ରବଳ ଗୁଳୁଗୁଳି ଯୋଗୁ ଅପରାହ୍ନରେ ଦୀର୍ଘ ସମୟ ବିଜୁଳିକାଟ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ହିତାଧିକାରୀଙ୍କୁ ଅତିରିକ୍ତ ୫ କିଲୋ ଚାଉଳ ବଣ୍ଟନ



ପାରାଦୀପ,୨୩।୬(ସମିସ): ପାରାଦୀପ ଗଡ଼ ଗ୍ରାମ ପଞ୍ଚାୟତର ରଙ୍ଗିଆଗଡ଼ ଠାରେ ମୁଖ୍ୟମନ୍ତ୍ରୀ ଅନ୍ନଯୋଜନାରେ ପ୍ରତି ହିତାଧିକାରୀଙ୍କୁ ମାଗଣାରେ ଅତିରିକ୍ତ ୫ କିଲୋ ଚାଉଳ ବଣ୍ଟନ କରାଯାଇଛି। ରଙ୍ଗିଆଗଡଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରପଞ୍ଚ ସସ୍ମିତା ବେହେରା ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ହିତାଧିକାରୀଙ୍କୁ ମାଗଣାରେ ଅତିରିକ୍ତ ୫ କିଲୋ ଚାଉଳ ବଣ୍ଟନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏପରି ଜନମଙ୍ଗଳ ଯୋଜନା ଦ୍ୱାରା ଓଡ଼ିଶାରେ କେହି ଜଣେ ବି ଅନାହାରରେ ମୃତ୍ୟୁବରଣ କରିବେ ନାହିଁ ବୋଲି ସରପଞ୍ଚ ସସ୍ମିତା ବେହେରା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜନା ସାହୁ, ଡଲି ସାହୁ, ଉତ୍ତମା ସାମଲ, ଆରତୀ ସ୍ୱାଇଁ, ଅହଲ୍ୟା ସାହୁ, ସନ୍ଧ୍ୟା ହାତୀ, ମିନତୀ ମଣ୍ଡଳ, ମାମିନା ଓଝା, ରବୀନ୍ଦ୍ର ସ୍ୱାଇଁ, ଶରତ ପରିଡ଼ା, ଧୀରେନ୍ଦ୍ର ଦଳାଇ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରିଟେଲରେ ସତ୍ୟାନନ୍ଦ ରାଉତ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ରମେଶ ଚନ୍ଦ୍ର ବେହେରା, ପ୍ରଭାତ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଟୋପାଏ ମେଘରେ କାଦୁଅ ରାହାମା ବଜାର

କୁଜଙ୍ଗ,୨୩।୬(ସମିସ)



କଟକ-ପାରାଦୀପ ରାସ୍ତାର ବାଣିଜ୍ୟକ ପେଣ୍ଠସ୍ଥଳୀ ରାହାମା ବଜାରରେ ଅସରାଏ ବର୍ଷାରେ ପାଣି ଜମିରହିବାରୁ ଲୋକେ ନାହିଁ ନଥିବାର ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ଗତ ସପ୍ତାହର ବର୍ଷା ଯୋଗୁ ଆଜି ପର୍ଯ୍ୟନ୍ତ ବହୁ ବଡ଼ ବଡ଼ ପ୍ରତିଷ୍ଠାନ ସମ୍ମୁଖରେ କାଦୁଅ ଓ ପାଣି ଜମିବା ସହ ମଶା ମାଛି ବଢୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଲଗାତାର ଦୁଇଦିନ ଧରି ଘଡ଼ଘଡ଼ି ସହ ଭାରି ବର୍ଷା ହେବାରୁ ରାହାମା ବଜାରରେ ଆଣ୍ଠୁଏ ପାଣି ଜମି ରହିଛି। ବଜାରର ଡ୍ରେନେଜ ସମସ୍ୟା ଯୋଗୁ ଅସରାଏ ବର୍ଷା ବଜାର ଅବସ୍ଥାକୁ ବେହାଲ କରୁଛି। ବହୁ ଦିନ ଧରି ଜଳ ନିଷ୍କାସନ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ପ୍ରଶାସନ କୌଣସି କଥା କର୍ଣ୍ଣଗୋଚର କରୁନାହାନ୍ତି। ବର୍ଷାଦିନ ନ ଆସୁଣୁ ଲଘୁଚାପ ବର୍ଷାରେ ଆଣ୍ଠୁଏ ପାଣି ଜମା ହୋଇ ରହୁଛି। ବ୍ୟବସାୟୀ ମାନଙ୍କ ଦୁଃଖ ଦୁର୍ଦ୍ଦଶା ନ କହିଲେ ଭଲ। ବିଭିନ ଦୋକାନ ଆଗରେ ପାଣି ରହିବା ଫଳରେ ଗ୍ରାହକମାନେ ଦୋକାନକୁ ଯିବା ପାଇଁ ଅସନ୍ତୋଷ ମନୁଛନ୍ତି। ସାଧାରଣତଃ ରାହାମା ହାଟ ବଜାର ଉପରେ ପାଖାପାଖି ୨୦ଗୋଟି ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଏହି ଲୋକମାନେ ଦୈନନ୍ଦିନ ରାହାମାକୁ ମାର୍କେଟିଂ କରିବା ସହ ରାହାମା ମେଡିକାଲକୁ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଆସିଥାନ୍ତି। ଅନୁରୂପ ଭାବେ ତାଳପଡା ପଞ୍ଚାୟତ ବାଲିଡ଼ି ଗ୍ରାମ ରାସ୍ତାରେ ବର୍ଷା ପାଣି ଜମି ରହିବା ଦ୍ୱାରା ଯାତାୟାତ ଏକପ୍ରକାର ଠପ ହୋଇପଡିଛି। ଉକ୍ତ ରାସ୍ତାଦେଇ ପାଖାପାଖି ସାତ ଆଠ ଗୋଟି ଗ୍ରାମର ଲୋକେ ରାହାମା ବଜାରକୁ ଦୈନାଦିନ ଯିବା ଆସିବା କରିଥାନ୍ତି। ତେବେ ଏହି ଜଳ ନିଷ୍କାସନ ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ନିମନ୍ତେ ପ୍ରଶାସନର ଦୃଷ୍ଟି ପଡୁନଥିବା ଅଭିଯୋଗ ହେଉଛି। ତୁରନ୍ତ ଏ ଦିଗରେ ଯଥାଶୀଘ୍ର ପଦକ୍ଷପ ନେବାକୁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଢେଙ୍କାନାଳ,୨୩।୬(ସମିସ): ସଦର ରେଞ୍ଜ ବଉଳପୁର ନିକଟ ନଦୀପଠାରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଉଳପୁର ଗ୍ରାମର କ୍ଷୀରୋଦ ଦାଶ (୬୨)। ମଙ୍ଗଳବାର ସକାଳେ କ୍ଷୀରୋଦ ନଦୀପଠାକୁ ଶୌଚ ହେବାପାଇଁ ଯାଇଥିଲେ। ଘରକୁ ଫେରୁଥିବା ସମୟରେ ଏକ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ବନ କର୍ମଚାରୀଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କ୍ଷୀରୋଦଙ୍କ ମୃତ୍ୟୁ ଘଟିଛି। ବନ ବିଭାଗ ପକ୍ଷରୁ କ୍ଷୀରୋଦଙ୍କ ପରିବାରକୁ ଏକ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଅବଶିଷ୍ଟ ୯ ଲକ୍ଷ ଟଙ୍କା ଖୁବଶୀଘ୍ର ପ୍ରଦାନ କରାଯିବ ବୋଲି କୁହାଯାଇଛି।

## ସିମିଳିଆ ପୂର୍ତ୍ତ ବିଭାଗ ରାସ୍ତାରେ ବିରାଟ ଖାଲ

ଢେଙ୍କାନାଳ,୨୩।୬(ସମିସ): ସ୍ଥାନୀୟ ବାଜିଚୌକ ରେଲୱେ ଓଭର ବ୍ରିଜଠାରୁ ସିମିଳିଆ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ବିଭିନ୍ନ ଜାଗାରେ ଖାଲଖମା ଯୋଗୁଁ ପ୍ରତ୍ୟହ ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିବାରୁ ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖାଲ ଯୋଗୁଁ ପଥଚାରୀମାନେ ଦୁର୍ଘଟଣାର



ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ଖାଲରେ ପାଣି ଜମିବା ଯୋଗୁଁ ଲୋକେ ଜାଣି ନ ପାରି ଖାଲରେ ପଡ଼ି ଆହତ ହେଉଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## କାଠ ଜବତ, ଜଣେ ଅଟକ



କାମାକ୍ଷାନଗର,୨୩।୬(ସମିସ): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ କଇଁବିଲି ଗ୍ରାମରେ ପୁଲିସ ଓ ବନ ବିଭାଗ ମିଳିତ ଚଢ଼ଉ କରି ଚୋରା କାଠ ଜବତ କରିବା ସହ ଜଣକୁ ଅଟକ ରଖି ତଦନ୍ତ ଚଳାଇଛି। କଇଁବିଲି ଗ୍ରାମର ଅଖିଳ କୁମାର ସାହୁଙ୍କ ଘରେ ପୁଲିସ ସର୍ଚ୍ଚ ୱାରେଣ୍ଟ ସହ ଚଢ଼ଉ କରିଥିଲା। ଘରେ ଚୋରା ଶାଳ, ଶାଗୁଆନ ଓ ମଇ କାଠ ଥିବା ଦେଖି ପୁଲିସ ବନବିଭାଗକୁ ସୂଚନା ଦେଇଥିଲା। ବନବିଭାଗ କର୍ମଚାରୀ ପହଞ୍ଚି କାଠ ଜବତ କରିଛନ୍ତି। ମୋଟ ୨୦ ସିଏଫ୍‌ଟି କାଠ ଓ ଗଣ୍ଡି ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୪୬ ବର୍ଷର ହୋମିଓପାଥି ଡାକ୍ତରଖାନାରେ ନାହିଁ ବିଜୁଳି ସଂଯୋଗ

# ଅନ୍ଧାର ଘରେ ରୋଗୀ ଦେଖୁଛନ୍ତି ଡାକ୍ତର

ଭୁବନ,୨୩।୬(ସମିସ)

ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଭୁବନ ସହରଠାରୁ ମାତ୍ର ୬ କିଲୋମିଟର ଦୂରରେ ଥିବା କିଙ୍ଗଳ ଅସୁରବନ୍ଧ ହୋମିଓପାଥି ଡିସପେନ୍ସରୀ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ଦୀର୍ଘ ୪୬ ବର୍ଷ ଧରି କାର୍ଯ୍ୟ କରୁଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇନଥିବା ଘଟଣା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଢେଙ୍କାନାଳ ଆୟୁଷ ମଣ୍ଡଳ ଅଧୀନରେ ୩୮ଟି ଡିସପେନ୍ସରୀ ଥିବାବେଳେ ଜିଲ୍ଲାରେ ୧୯ଟି କାର୍ଯ୍ୟରତ ରହିଛି। ଭୁବନ ବ୍ଲକର ଧଳପଡ଼ା ଓ ଭୂଷଳ ପଞ୍ଚାୟତର କିଙ୍ଗଳ ଅସୁରବନ୍ଧରେ ଦୁଇଟି ହୋମିଓପାଥିକ ଡିସପେନ୍ସରୀ ରହିଛି। ଧଳପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଭାବେ ଉନ୍ନତ ହୋଇ ବିଭିନ୍ନ ସୁବିଧା ପାଇଥିବାବେଳେ କିଙ୍ଗଳ ଅସୁରବନ୍ଧ ଡିସପେନ୍ସରୀର ଅବସ୍ଥା ଅତ୍ୟନ୍ତ ଦୟନୀୟ।

୧୯୮୦ ମସିହାରେ ଗ୍ରାମବାସୀଙ୍କ ସହଯୋଗରେ ଏକ ଚାଳ ଘରେ ଆରମ୍ଭ ହୋଇଥିବା ଏହି ଡାକ୍ତରଖାନା ପରେ ଆଜବେଷ୍ଟସ ଛାତ ବିଶିଷ୍ଟ ଘରକୁ ପରିଣତ ହୋଇଥିଲା। ହେଲେ ଏତେ ବର୍ଷ ପରେ ମଧ୍ୟ ଏଠାରେ ପାଚେରୀ, ଶୌଚାଳୟ, ପରିସ୍ରାଗାର, ପାନୀୟ ଜଳ ଓ ବିଦ୍ୟୁତ ଭଳି ମୌଳିକ ସୁବିଧା ଉପଲବ୍ଧ ହୋଇପାରିନାହିଁ। ସ୍ୱାସ୍ଥ୍ୟ କେନ୍ଦ୍ରର ଚତୁର୍ପାର୍ଶ୍ୱ ଅବ୍ୟବସ୍ଥିତ ରହିଥିବାବେଳେ ଏକମାତ୍ର ନଳକୂପଟି ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିରହିଛି। କେତେକ ସ୍ଥାନରେ ଛେଳି ବନ୍ଧାଯାଉଥିବାରୁ ପରିବେଶ ମଧ୍ୟ ଅସ୍ୱାସ୍ଥ୍ୟକର ହୋଇପଡ଼ିଛି। ବର୍ତ୍ତମାନ ଏଠାରେ ଜଣେ ମହିଳା ଡାକ୍ତରଙ୍କ ସମେତ ୪ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ବେଳେ ବିଦ୍ୟୁତ ସଂଯୋଗ ନଥିବାରୁ ପଙ୍ଖାଟିଏ ମଧ୍ୟ ଚାଲୁନାହିଁ। ଫଳରେ ଅନ୍ଧାର କୋଠରିରେ ବସି ଡାକ୍ତରଙ୍କୁ ରୋଗୀ ଚିକିତ୍ସା କରିବାକୁ ପଡୁଛି। ରୋଗୀମାନଙ୍କ ପାଇଁ ବସିବା କିମ୍ବା ବିଶ୍ରାମ କରିବାର ଯଥେଷ୍ଟ ବ୍ୟବସ୍ଥା ମଧ୍ୟ ନାହିଁ। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ମାଗଣା ଔଷଧ ମଧ୍ୟ ଖରା ଓ ବର୍ଷାର ପ୍ରଭାବରେ ନଷ୍ଟ ହେବା ଆଶଙ୍କା ରହିଛି। ପ୍ରଥମ ଡାକ୍ତର ପ୍ରହ୍ଲାଦ ସାହୁଙ୍କଠାରୁ ଆରମ୍ଭ କରି ଡା. ରବୀନ୍ଦ୍ର ନାୟକ, ଡା. ନଳିନୀ ବେହେରା ଓ ଡା. ସୋନିତା ଷଡ଼ଙ୍ଗୀଙ୍କ କାର୍ଯ୍ୟକାଳ ମଧ୍ୟରେ ମଧ୍ୟ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ପାରିପାର୍ଶ୍ୱିକ ଅବସ୍ଥାରେ ବିଶେଷ ଉନ୍ନତି ହୋଇପାରିନାହିଁ। ବର୍ତ୍ତମାନ ୨୦୨୪ ଜାନୁଆରୀ ୫ରୁ ଏଠାରେ କାର୍ଯ୍ୟରତ ଡା. ଅମ୍ରିତା ମିଶ୍ର କହିଛନ୍ତି ଯେ ଡିସପେନ୍ସରୀକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରସ୍ତାବ ରହିଛି। ଏଥିପାଇଁ ସ୍ଥାନ ମଧ୍ୟ ଚିହ୍ନଟ ହୋଇଥିବା ସେ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତ ରଙ୍ଗାଧର ପଣ୍ଡା ବ୍ଲକ ଅଧ୍ୟକ୍ଷ ଥିବା ସମୟରେ ଏହି ଡାକ୍ତରଖାନା ସ୍ଥାପନରେ ମୁଖ୍ୟ ଭୂମିକା ନେଇଥିଲେ।

ପରବର୍ତ୍ତୀ ସମୟରେ ତାଙ୍କ ଉତ୍ତରାଧିକାରୀ ମାୟାଧର ପଣ୍ଡା ସରପଞ୍ଚ ଓ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭଳି ପଦବୀରେ ରହିଥିଲେ ମଧ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହେଉଛି। ଦୀର୍ଘ ୪୬ ବର୍ଷ ଧରି ବିଦ୍ୟୁତ, ପାନୀୟ ଜଳ, ଶୌଚାଳୟ ଓ ଅନ୍ୟ ମୌଳିକ ସୁବିଧାରୁ ବଞ୍ଚିତ ଏହି ହୋମିଓପାଥି ଡିସପେନ୍ସରୀ ପ୍ରତି ସରକାର ଓ ପ୍ରଶାସନ କେବେ ଦୃଷ୍ଟି ଦେବେ, ତାହାକୁ ସ୍ଥାନୀୟ ଲୋକେ ଚାହିଁ ରହିଛନ୍ତି।

## ଗ୍ରାମୀଣ ଡାକ ସେବକଙ୍କ ବିକ୍ଷୋଭ




ଢେଙ୍କାନାଳ,୨୩।୬(ସମିସ): ଗ୍ରାମୀଣ ଡାକ ସେବକମାନଙ୍କ ଦୀର୍ଘଦିନର ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ଅଲ୍ ଇଣ୍ଡିଆ ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ଢେଙ୍କାନାଳ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ଡିଭିଜନାଲ ସଚିବ ହରେଶ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସଭାପତି ସତ୍ୟବାଦୀ ରାଉତ, ଉପସଭାପତି ପ୍ରଭାକର ନାୟକ ଓ କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାହୁଙ୍କ ସମେତ ବହୁ ଡାକ ସେବକ ଯୋଗଦେଇଥିଲେ। ଗ୍ରାମୀଣ ଡାକ ସେବକଙ୍କୁ ଅଷ୍ଟମ ବେତନ କମିଶନର ଅନ୍ତର୍ଭୁକ୍ତ କରିବା, ପେନସନ ଓ ସ୍ୱାସ୍ଥ୍ୟସେବା ସୁବିଧା ପ୍ରଦାନ, ସେବାର ସମ୍ପୂର୍ଣ୍ଣ ନିୟମିତକରଣ, ଅବାସ୍ତବ ବ୍ୟବସାୟିକ ଲକ୍ଷ୍ୟ ନାମରେ ହେଉଥିବା ହଇରାଣ ବନ୍ଦ, ୨୦୨୦ର ଜିଡିଏସ୍ ନିୟମାବଳୀ ପ୍ରତ୍ୟାହାର, ସଂଘ ନେତାଙ୍କ ପୁନଃନିଯୁକ୍ତି, ଆର୍ଥିକ ଉନ୍ନତିକରଣ ଓ ଭତା ବୃଦ୍ଧି ସହ ସୁବିଧା ଯୋଗାଇବା ପ୍ରଭୃତି ଦାବୀ ଉପସ୍ଥାପିତ ହୋଇଛି। ଏହି ଦାବିଗୁଡ଼ିକୁ ସରକାର ଓ ଡାକ ବିଭାଗ ଗୁରୁତ୍ୱର ସହ ବିଚାର ନ କଲେ ଆନ୍ଦୋଳନକୁ ତୀବ୍ର କରାଯିବ କରାଯିବ ବୋଲି ସଂଘ ସୂଚନା ଦିଆଯାଇଛି।

## କପିଳାସ ପୀଠ ବାରବାଙ୍କ ରାସ୍ତାରେ ଫସିଲା ଟ୍ୟାଙ୍କର୍

ଢେଙ୍କାନାଳ,୨୩।୬(ସମିସ): ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସର ବାରବାଙ୍କ ରାସ୍ତାର ୬ନଂ ଘାଟିରେ ଗୋଟିଏ ତେଲ ଟ୍ୟାଙ୍କର ଗାଡ଼ି ଫସିରହିଥିବାରୁ ଭକ୍ତଙ୍କ ଯାତାୟତରେ ଘୋର ଅସୁବିଧା ଦେଖାଦେଇଛି। ଟ୍ୟାଙ୍କରଟି ପଛକୁ ଆସି ନ ପାରି ବାରବାଙ୍କ ରାସ୍ତାରେ ଫସି ରହିଛି। ଫଳରେ ବାରବାଙ୍କ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି। କପିଳାସ ପୀଠରେ ସିକ୍ୟୁରିଟୀ ଗାର୍ଡ ଅଛନ୍ତି। ଦେବୋତର ବିଭାଗ ତରଫରୁ ପ୍ରାୟ ୭ରୁ ୮ ଜଣ, ପର୍ଯ୍ୟଟନ ବିଭାଗ ତରଫରୁ ୮ ଜଣ ରହିଛନ୍ତି। ଏଠାରେ ୨୪ ଘଣ୍ଟିଆ ପ୍ରହରାରେ ସିକ୍ୟୁରିଟ



କାର୍ଯ୍ୟ କରୁଛନ୍ତି। ଏଠାରେ ଗୋଟିଏ ଟ୍ୟାଙ୍କରଟି ୬ ନଂ ଘାଟି ରାସ୍ତା ପର୍ଯ୍ୟନ୍ତ କିପରି ଗଲା ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ ବାଟ ବଣା ହେଉ କି ଗୁଗଲ ମ୍ୟାପ୍ ଯୋଗୁ ହେଉ। ପାହାଡ ତଳେ ସିକ୍ୟୁରିଟି ଗାର୍ଡ କାହିଁକି ନଥିଲେ। ସନ୍ଧ୍ୟା ୬ ବାଜିଲେ ସାଧାରଣ ଲୋକଙ୍କୁ କପିଳାସ ପାହାଡକୁ ଯିବା ମନା ହେଉଛି। ରାତିରେ କପିଳାସ ପୀଠରେ ଯାତ୍ରୀ ରହିବାକୁ ମଧ୍ୟ ବାରଣ କରାଯାଉଛି। ପୁଲିସ କର୍ମଚାରୀ ମାନଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଟ୍ୟାଙ୍କରଟି ଆଜି ବାରବାଙ୍କ ରାସ୍ତାରେ ପସିରହିଛି। ଗାଡିଟି ବଡ ହୋଇଥିବାରୁ ତାହା ସ୍ୱାଭାବିକ ଅବସ୍ଥାକୁ ଆସିବା କଷ୍ଟକର ହୋଇପଡିଛି। କପିଳାସ ପୀଠ ଉପରେ ହେଉଥିବା ଅବ୍ୟବସ୍ଥାକୁ ଜିଲ୍ଲା ପ୍ରଶାସନ ଅଣଦେଖା କରିଆସୁଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଦେବୋତର ବିଭାଗ ଦୃଷ୍ଟି ଦେବାକୁ ପୂର୍ବତନ ବିଧାୟକ ନବୀନ ନନ୍ଦ ଦାବୀ କରିଛନ୍ତି।

## ବିପଦସଙ୍କୁଳ ଗଛ: ବିପଦରେ ଜନସାଧାରଣ



ଖଜୁରିଆକଟା,୨୩।୬(ସମିସ): ହିନ୍ଦୋଳ ଏନ୍‌ଏସିର ବସଷ୍ଟାଣ୍ଡ ଛକରୁ ଜେଲ ସମ୍ମୁଖ ଦେଇ ନରସିଂହପୁର ଦିଗକୁ ଯାଇଥିବା ମୁଖ୍ୟ ରାସ୍ତାର ଜେଲ୍ ପାଚେରୀକୁ ଲାଗି ଏକ ଶୁଖିଲା ଆମ୍ବଗଛରୁ ସୋମବାର ଭୋର୍ ସମୟରେ ଏକ ବଡ଼ ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲ। ଏହି ସମୟରେ ନିକଟସ୍ଥ ହରିହାଟ ସାହିର ୨ ଜଣ ବ୍ୟକ୍ତି ସେହି ରାସ୍ତା ଦେଇ ଯାଉଥିଲେ। ତେବେ ସେମାନେ ଏକ ବଡ଼ ବିପଦରୁ ରକ୍ଷା ପାଇଯାଇଛନ୍ତି। ଏହି ବିପଦ ସଙ୍କୁଳ ଶୁଖିଲା ଗଛ ନେଇ ନିକଟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେବେ ସ୍ଥାନୀୟ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ କିମ୍ବା ଜେଲ୍ କର୍ତ୍ତୃପକ୍ଷ ଏଥିପ୍ରତି ନ ଦେବାରୁ କ୍ଷୋଭ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ପାର୍ଶ୍ୱରୁ ଏହି ଶୁଖିଲା ଗଛ କାଟିବାକୁ ଦାବି ହେଉଛି।

## 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ



ଭୁବନ,୨୩।୬(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ବାରୁଆଁ ବି ପଞ୍ଚାୟତ ପକ୍ଷରୁ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବିଣାପାଣୀ ସାହୁ ଉପସ୍ଥିତ ରହି ରାଜ୍ୟ ସରକାରଙ୍କର ୨ବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ବିଭିର୍ଣ୍ଣ ଜନକଲ୍ୟାଣ ମୂଳକ ଯୋଜନା, ସେବା ଓ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ୩୦ ରୁ ଉର୍ଦ୍ଧ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ଓ ୩ଜଣ ଭୂମିହିନ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। ତେବେ ବହୁ ସମସ୍ୟା ଦେଇ ଦିନ କାଟୁଥିବା ହିତାଧିକାରୀ ଅନ୍ନପୂର୍ଣ୍ଣା କାର୍ଡ ଓ ଜମିପଟ୍ଟା ପାଇ ଖୁସିବ୍ୟକ୍ତ କରିବା ସହିତ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବାରୁଆଁ ବି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉର୍ମିଳା ବେହେରା, ଏଡିଇଓ ନରେଶ ମହାରଣା ଉପସ୍ଥିତ ରହି ହିତାଧିକାରୀ ମାନଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ଓ ଜମିପଟ୍ଟା ଦେବାରେ ସହଯୋଗ କରିଥିଲେ।

## ଏନସିସି ବାଟାଲିୟନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ପରଜଙ୍ଗ,୨୩।୬(ସମିସ): ୧୨ ଓଡ଼ିଶା ଏନସିସି ବାଟାଲିୟନ ପକ୍ଷରୁ ଆଇଜିଆଇଟି ସରାଙ୍ଗଠାରେ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମ କମାଣ୍ଡିଂ ଅଫିସର ୧୨ ଓଡ଼ିଶା ଏନସିସି ବାଟାଲିୟନ କର୍ଣ୍ଣେଲ ସିସି ନାଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏହି ସମାରୋହରେ କଟକ, ଢେଙ୍କାନାଳ, ଅନୁଗୁଳ ଏବଂ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୨,୧୮୩ ଜଣ ଅଂଶଗ୍ରହଣକାରୀ, ଯେଉଁମାନଙ୍କ ମଧ୍ୟରେ ଏନସିସି କ୍ୟାଡେଟ, ଛାତ୍ରଛାତ୍ରୀ, ଆସୋସିଏଟ ଏନସିସି ଅଫିସର କେୟାର ଟେକିଂ ଅଫିସର, ପର୍ମାନେଣ୍ଟ ଇନଷ୍ଟ୍ରକ୍ଟର ଷ୍ଟାଫ, ଅଧ୍ୟକ୍ଷ, ପ୍ରଧାନ ଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଯୋଗର ଚିରନ୍ତନ ଉପକାରିତାକୁ ପ୍ରଚାର କରିବା ସହିତ ସୁସ୍ଥ ଜୀବନଶୈଳୀ, ଶାରୀରିକ ସୁସ୍ଥତା, ମାନସିକ ସନ୍ତୁଳନ ଏବଂ ସୁସ୍ଥ ବାର୍ଦ୍ଧକ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଏହି ଅବସରରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଅଭିନବ ସୋଙ୍କରଙ୍କୁ ବିଶେଷ କୃତଜ୍ଞତା ଜଣାଯାଇଛି। ଏହି କାର୍ଯ୍ୟକ୍ରମ କଟକ ଏନସିସି ଗ୍ରୁପ ମୁଖ୍ୟାଳୟର ତତ୍ତ୍ୱାବଧାନରେ ଏବଂ ଗ୍ରୁପ କମାଣ୍ଡର କର୍ଣ୍ଣେଲ ଏସଜିଏସ ଶେଖର, ସେନା ମେଡାଲଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଉପସ୍ଥିତ ଅତିଥି ଓ ଏନସିସି ଅଧିକାରୀମାନେ ତାଙ୍କ ଉଦ୍‌ବୋଧନ ଦେଇ ଯୋଗ କେବଳ ଏକ ଶାରୀରିକ ବ୍ୟାୟାମ ନୁହେଁ, ବରଂ ଏହା ଶରୀର, ମନ ଓ ଆତ୍ମାର ସମନ୍ୱୟ ସ୍ଥାପନ କରୁଥିବା ଏକ ଜୀବନ ପଦ୍ଧତି ବୋଲି କହିଥିଲେ।

## ମନ୍ଦିର ରତ୍ନମୁଦ ଉପଲକ୍ଷେ କଳସଯାତ୍ରା

ଢେଙ୍କାନାଳ,୨୩।୬(ସମିସ): ସ୍ଥାନୀୟ ମୀନାବଜାର ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀଙ୍କ ନୂତନ ମନ୍ଦିର ରତ୍ନମୁଦ ଉତ୍ସବ ଉପଲକ୍ଷେ କଳସଯାତ୍ରା ଅନୁଷ୍ଠିତ ହୋଇଛି। ଭାଗୀରଥି ସାଗର କୂଳରୁ ଘଣ୍ଟ, ବାଦ୍ୟ ଓ ସଂକୀର୍ତ୍ତନ ଦ୍ୱାରା ସହର ପରିକ୍ରମା କରି କଳସଯାତ୍ରା



ହୋଇଥିଲା। ପରେ ମା'ଙ୍କ ଅଧିବାସ ପୂଜା ଅନୁଷ୍ଠିତ ହୋଇଥିଲା। ବୁଧବାର ମା'ଙ୍କ ରତ୍ନମୁଦ କାର୍ଯ୍ୟ ପୂର୍ବରୁ ଯଜ୍ଞ କରାଯାଇ ରତ୍ନ ଓ ଶୁଳ୍କଧାନକୁ ଗର୍ଭରେ ପୂରଣ କରାଯିବ। ପୂଜକ ସୁରେଶ ଭୂଷଣ ନନ୍ଦ, ମନୋରଞ୍ଜନ ତ୍ରିପାଠୀ, ସୂର୍ଯ୍ୟନାରାୟଣ ଶତପଥୀ ଏବଂ ମନ୍ଦିର ପୂଜକ ରବିନାରାୟଣ ଦାଶ, କର୍ତ୍ତା ନରେନ୍ଦ୍ର ସାହୁ, ମମତାରାଣୀ ସାହୁଙ୍କ ଉପସ୍ଥିତିରେ ସମସ୍ତ ପୂଜା ଅନୁଷ୍ଠିତ ହେଉଛି। ଟ୍ରଷ୍ଟ ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ, ବଜାର ପୂଜା କମିଟି ସଭାପତି ରବି ମହାନ୍ତି, ସମ୍ପାଦକ ପୀତବାସ ସାହୁ, ଟ୍ରଷ୍ଟ ଉପାଧ୍ୟକ୍ଷ ବିରଞ୍ଚିନାରାୟଣ ସାହୁ, କାର୍ଯ୍ୟକାରୀ ସଭାପତି ନିରୋଦ ସାହୁ, ଟ୍ରଷ୍ଟର ବରିଷ୍ଠ ସଭ୍ୟ କୃଷ୍ଣ ଦେବତା, ଟ୍ରଷ୍ଟ କୋଷାଧ୍ୟକ୍ଷ ଲୋକନାଥ ମହାପାତ୍ର, ସମ୍ପାଦକ ପ୍ରଫୁଲ୍ଲ ବେହେରା, ପୂଜା କମିଟିର କୋଷାଧ୍ୟକ୍ଷ ଦୟାନିଧି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ରାଜେନ୍ଦ୍ର ହିନ୍ଦୋଚା, ଜିତେଶ କୋଟକ୍, ରଜନ ପାତ୍ର, ପ୍ରଭାତ ଦଲେଇ, ଗିରିଜା ଶଙ୍କର ସାହୁ, ହେମନ୍ତ ଗଡନାୟକ, ସୁଧାଂଶୁ ସାହୁ, ବୀରବର ସାହୁ, ଆୟୁଷ ବେହେରା, ରଣଦୀପ ସାହୁ, ଯଶୋବନ୍ତ ପଟ୍ଟନାୟକ, ଉଦୟନାଥ ବେହେରା, ରଞ୍ଜିତ ସାହୁ, ଅଜିତ୍ ସାହୁ, ସୁଧାଂଶୁ କୁମାର ସାହୁ, ସୁବ୍ରତ କୁମାର ସାହୁ, ଶଶଧର ପାତ୍ର, ଶ୍ରୀକାନ୍ତ ମହାପାତ୍ର, ବିରଞ୍ଚି ରଣା, ତାପସ ପାତ୍ରଙ୍କ ସମେତ ସଭ୍ୟମାନେ ସହଯୋଗ କରୁଛନ୍ତି।

## ଖମାର ମଝିସାହି ରାସ୍ତା ଶୋଚନୀୟ

ଢେଙ୍କାନାଳ,୨୩।୬(ସମିସ): ସଦର ବ୍ଲକ ଅନ୍ତର୍ଗତ ଚାଉଳିଆ ପଞ୍ଚାୟତର ଖମାର ଛକ ଠାରୁ ଖମାର ମଝିସାହି ଶନି ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ଏବେ ବର୍ଷା ଋତୁ ଆରମ୍ଭରୁ ଏପରି ପରିସ୍ଥିତି ହେଉଥିବା ବେଳେ ଆଗାମୀ ଦିନରେ ବର୍ଷା ବୃଦ୍ଧି ପାଇଲେ



ସେହି ରାସ୍ତାରେ ଚଳପ୍ରଚଳ କରିବା କଷ୍ଟକର ହୋଇପଡୁଛି। ଏହାକୁ ନେଇ ସାହିବାସିନ୍ଦା ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସାହି ବାସିନ୍ଦାଙ୍କ କହିବା ଅନୁସାରେ ଏହି ରାସ୍ତା ଦେଇ ସ୍ଥାନୀୟ ଲୋକମାନେ ଆଜକୁ ୫୦ରୁ ୬୦ ବର୍ଷ ଧରି ଚଳପ୍ରଚଳ କରୁଛନ୍ତି। ମାତ୍ର ଏହି ରାସ୍ତାର ମରାମତି କରାଯାଉନଥିବା ଯୋଗୁଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି କେବେ ବର୍ଷା ହେଉଛି ରାସ୍ତାରେ ମାସ ମାସ ଧରି ପାଣି ଜମିରହୁଛି। ଯାହା ଫଳରେ ସେହି ରାସ୍ତା ଭାରିଯାନ ଚଳାଚଳ କରିବା ଯୋଗୁଁ ରାସ୍ତା ପାଣି କାଦୁଅ ହୋଇ ରହୁଛି। ପାଣି କାଦୁଅ ରାସ୍ତାରେ ଦୈନିକ ଶହ ଶହ ଛାତ୍ରଛାତ୍ରୀ ବହୁ କଷ୍ଟରେ ଯାତାୟାତ କରୁଛନ୍ତି। ରାସ୍ତାର ଏହି ଅବସ୍ଥାକୁ ନେଇ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବ୍ଲକ ପ୍ରଶାସନଙ୍କୁ ଜଣାଇଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ତେବେ ଜିଲାପାଳ ଏହି ରାସ୍ତାକୁ ପରିଦର୍ଶନ କରିବା ସହିତ ରାସ୍ତାର ଅବସ୍ଥାକୁ ଅନୁଧ୍ୟାନ କରି ମରାମତି କରିବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

## ହନୁମାନ ବାଟିକାରେ ବୃକ୍ଷ ପୂଜନ ଉତ୍ସବ



ଢେଙ୍କାନାଳ,୨୩।୬(ସମିସ): ସ୍ଥାନୀୟ ହନୁମାନ ବାଟିକା ନିକଟରେ ଚାରା ରୋପଣର ୧୫ ବର୍ଷ ପୂର୍ତ୍ତି ପାଳିତ ହୋଇଛି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର, ସାଂସଦଙ୍କ ପ୍ରତିନିଧି ରୁଦ୍ରନାରାୟଣ ତ୍ରିପାଠୀ, ମନ୍ତ୍ରୀଙ୍କ ପ୍ରତିନିଧି ସନ୍ତୋଷ କୁମାର ରାଉତ, କାଉନସିଲର ନିରୋଦ କୁମାର ସାହୁ, ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି, ସ୍ନିଗ୍ଧା ନନ୍ଦ, କମଳ ନନ୍ଦ, ସୁଦାମ ଚରଣ ବେହେରା, ଶରତ କୁମାର ବେହେରା, ଶେଷଦେବ ରାଉତ, ମନୋଜ କୁମାର ଦାସ, ବିନୋଦ କୁମାର ମହାନ୍ତି, ବିମଳା ଦାସ ପ୍ରମୁଖ ଯୋଗଦେଇ ବୃକ୍ଷ ପୂଜନ କାର୍ଯ୍ୟରେ ସାମିଲ ହୋଇଥିଲେ। ପ୍ରାରମ୍ଭରେ ହନୁମାନଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଏଥିରେ ଅବନୀ କୁମାର ମିଶ୍ର ଯୋଗଦେଇ ସହରର ରାସ୍ତା କଡରେ ଗଛ ଲଗାଇ ବନିକରଣ ପରି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିରଜା ମିଶ୍ର, ଶୁଭେନ୍ଦୁ ଶତପଥୀ ଓ ହନୁମାନ ବାଟିକାର କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଅବନୀ କୁମାର ମିଶ୍ର ପରିଚାଳନା କରିଥିଲେ।

### ଟାଟା ଷ୍ଟିଲ୍ କାରଖାନା ସମ୍ପ୍ରସାରଣ ନିମନ୍ତେ ଜନଶୁଣାଣି

# ପରିବେଶ ଅନୁକୂଳ ପ୍ରଯୁକ୍ତି ଏବଂ ସିଏସ୍ଆର୍ ଉପରେ ଗୁରୁତ୍ୱ

ଢେଙ୍କାନାଳ,୨୩।୬(ସମିସ)

ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତତ୍ତ୍ୱାବଧାନରେ କୁଶୁପଙ୍ଗା ପଞ୍ଚାୟତ ଇଟାପ ଗ୍ରାମଠାରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ପ୍ରସ୍ତାବିତ କାରଖାନା ସମ୍ପ୍ରସାରଣ ପ୍ରକଳ୍ପର ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଏଡିଏମ୍ ରମେଶ ଚନ୍ଦ୍ର ସେଠୀ ଅଧ୍ୟକ୍ଷତା କରିଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଅନୁଗୋଳର ଆଞ୍ଚଳିକ ଅଧିକାରୀ ଡ. ରମେଶ କୁମାର ଏକ୍କାଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ସ୍ଥାନୀୟ ବାସିନ୍ଦା, ଜନପ୍ରତିନିଧି ଏବଂ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ ମେରାମଣ୍ଡଳୀର ପ୍ରକଳ୍ପ ଓ ନିର୍ମାଣ ବିଭାଗ ମୁଖ୍ୟ ବିଭାସ ପଟ୍ଟନାୟକ ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପର ବିବରଣୀ ଉପସ୍ଥାପନ କରିଥିଲେ। କମ୍ପାନୀର ଦୀର୍ଘସ୍ଥାୟୀ ଉପକ୍ରମ, ପରିବେଶ ପରିଚାଳନା ବ୍ୟବସ୍ଥା ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। କମ୍ପାନୀର କର୍ପୋରେଟ ସେବା ବିଭାଗ ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡା ଲୋକଙ୍କ ମତାମତ ଉପରେ କମ୍ପାନୀର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ।




ବର୍ତ୍ତମାନ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ବାର୍ଷିକ ୫.୬ ମିଲିୟନ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଇସ୍ପାତ କାରଖାନା ପରିଚାଳନା କରୁଛି। ପ୍ରସ୍ତାବିତ ସମ୍ପ୍ରସାରଣ ଦ୍ୱାରା ଏହାର ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ବାର୍ଷିକ ୭.୧ ମିଲିୟନ ଟନକୁ ବୃଦ୍ଧି ପାଇବ ଏବଂ ପ୍ରସ୍ତୁତ ଇସ୍ପାତ ଉତ୍ପାଦନ କ୍ଷମତା ବାର୍ଷିକ ୮.୩ ମିଲିୟନ ଟନକୁ ବୃଦ୍ଧି ପାଇବ। ଏହି ସମ୍ପ୍ରସାରଣ ଏକ ପ୍ରମୁଖ ଇସ୍ପାତ ଉତ୍ପାଦନ କେନ୍ଦ୍ର ଭାବରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ କରିବ। ଦୀର୍ଘସ୍ଥାୟିତ୍ୱ ଏବଂ ଦକ୍ଷ ସମ୍ବଳ ପରିଚାଳନାକୁ ସମ୍ପ୍ରସାରଣର ଡିଜାଇନ୍‌ରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରକଳ୍ପରେ ଶୂନ୍ୟ ବର୍ଜ୍ୟଜଳ ନିଷ୍କାସନ ଆଭିମୁଖ୍ୟ ଜାରି ରହିବ, ଯଦ୍ୱାରା କାରଖାନାରୁ ନିର୍ଗତ ସମସ୍ତ ବର୍ଜ୍ୟଜଳକୁ ରିସାଇକ୍ଲିଂ ବା ପୁନଃପ୍ରକ୍ରିୟାକରଣ କରି ପ୍ଲାଣ୍ଟ ମଧ୍ୟରେ ହିଁ ପୁନଃ ବ୍ୟବହାର କରାଯିବ। ଏହାସହ ପରିବେଶ ପ୍ରଦୂଷଣ ରୋକିବା ଓ ଦକ୍ଷ ଶକ୍ତି ପରିଚାଳନା ପାଇଁ କମ୍ପାନୀ ଉନ୍ନତ ପ୍ରଯୁକ୍ତିବିଦ୍ୟା ଆପଣାଇବ।

ପ୍ରଦୂଷଣ ମାତ୍ରା ଅନୁମୋଦିତ ସୀମା ମଧ୍ୟରେ ରଖିବା ସୁନିଶ୍ଚିତ କରାଯିବ। ପ୍ଲାଣ୍ଟର ପରିବେଶ ପ୍ରଦର୍ଶନକୁ ମନିଟର କରିବା ପାଇଁ କଣ୍ଟିନିଅସ୍ ଏମିସନ ମନିଟରିଂ ସିଷ୍ଟମ ଏବଂ କଣ୍ଟିନିଅସ୍ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ସିଷ୍ଟମ ଭଳି ଅତ୍ୟାଧୁନିକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ଏହି ପ୍ରସ୍ତାବିତ ସମ୍ପ୍ରସାରଣରେ ସର୍କୁଲାର ଇକୋନୋମିର ଅବଧାରଣାକୁ କାର୍ଯ୍ୟକାରୀ କରାଯିବ, ଯେପରିକି ଉତ୍ପାଦନ ପ୍ରକ୍ରିୟାରୁ ବାହାରୁଥିବା ଗ୍ୟାସର ଅଧିକ ଦକ୍ଷ ଉପଯୋଗ, ସ୍ଲାଗ୍ ପ୍ରୋସେସିଂ ପ୍ଲାଣ୍ଟ, ମେଟାଲ୍ ରିକଭରୀ, ୱେଷ୍ଟ ହିଟ୍ ରିକଭରୀ ପ୍ଲାଣ୍ଟ ଏବଂ ଶିଳ୍ପଭିତିକ ଉପଜାତ ଦ୍ରବ୍ୟର ପୁନଃଚକ୍ରଣ ବୃଦ୍ଧି। ଏହି ସମ୍ପ୍ରସାରଣ ଫଳରେ କମ୍ପାନୀର ଶକ୍ତି ଦକ୍ଷତା ବୃଦ୍ଧି ହେବା ସହ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇ କାର୍ବନମୁକ୍ତ ଲକ୍ଷ୍ୟ ହାସଲ କରିବାରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପ ମୁଖ୍ୟତଃ ଏବେକାର ପ୍ଲାଣ୍ଟ ପରିସର ମଧ୍ୟରେ ହିଁ କାର୍ଯ୍ୟକାରୀ କରାଯିବ। ପ୍ଲାଣ୍ଟର ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ କରାଯାଇଥିବା ପରିବେଶ ପ୍ରଭାବ ଆକଳନର ଫଳାଫଳରୁ ଜଣାପଡିଛି ଯେ ବାୟୁ, ଜଳ, ଶବ୍ଦ ଏବଂ ମୃତ୍ତିକାର ଗୁଣବତ୍ତା ନିୟାମକ ସୀମା ମଧ୍ୟରେ ରହିଛି। ନିର୍ମାଣ ଏବଂ ପରିଚାଳନା ସମୟରେ ପରିବେଶ ଉପରେ ପଡୁଥିବା ଯେକୌଣସି ପ୍ରଭାବକୁ ହ୍ରାସ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୬୮ ● ପାଉଣ୍ଡ ୧୨୫.୪୦
- ୟୁରୋ ୧୦୮.୨୦ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୨,୫୫୦ (ଭୁବନେଶ୍ୱର)
- ରୁପା : ୨,୫୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୨୦୦.୦୦
- ନିଫ୍ଟି ୨୩,୮୨୪.୧୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦

### ଭାରତରେ କମୁଛି ଆଖୁ ଚାଷ

# ବିଶ୍ୱରେ ବଢ଼ିପାରେ ଚିନି ଦର

ନୂଆଦିଲ୍ଲୀ,୨୩।୬(ଏଜେନ୍ସି)

ବିଶ୍ୱ ତୈଳ ସଙ୍କଟର ଆଶଙ୍କା ମଧ୍ୟରେ ଏବେ ଚିନି ବଜାରରେ ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତାର ସଙ୍କେତ ମିଳିଛି। ଦୁର୍ବଳ ମୌସୁମୀ ଏବଂ ଇଥାନଲର ଚାହିଦା ବୃଦ୍ଧି ପାଉଥିବାରୁ ଦେଶର ଆଖୁ ଫସଲ ଏବେ ବିପଦରେ। ଏକ ରିପୋର୍ଟ ଅନୁଯାୟୀ, ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ପ୍ରତିକୂଳ ପାଣିପାଗର ଆଖୁ ଉତ୍ପାଦନ ଉପରେ ପ୍ରଭାବ ଚିନି ଉତ୍ପାଦନରେ ହ୍ରାସ ଘଟାଇପାରେ, ଯାହା ଫଳରେ

- **ଘରୋଇ ବଜାରରେ ଚାହିଦା ପୂରଣ ଏବେ ବଡ଼ ଆହ୍ୱାନ**
- **ଆଖୁଚାଷରୁ ମୁହଁ ଫେରାଉଛନ୍ତି ଚାଷୀ**
- **ଚିନି ରପ୍ତାନି ଉପରେ ଲାଗିପାରେ ଲମ୍ବା ବ୍ରେକ୍**



ଆଗକୁ ବିଶ୍ୱ ସ୍ତରରେ ଚିନି ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିପାରେ। ରିପୋର୍ଟ ଅନୁଯାୟୀ, ଏଲ୍-ନିନୋର ପ୍ରଭାବ ଯୋଗୁଁ ଚଳିତ ବର୍ଷ ମୌସୁମୀ ପ୍ରବାହ ଦୁର୍ବଳ ହେବାର ସମ୍ଭାବନା ରହିଛି, ଯାହା ସିଧାସଳଖ ଆଖୁ ଚାଷକୁ ପ୍ରଭାବିତ କରିପାରେ। ଅନ୍ୟପକ୍ଷରେ, ପେଟ୍ରୋଲ ସହିତ ମିଶ୍ରଣ ପାଇଁ ଇଥାନଲର ଚାହିଦା ବୃଦ୍ଧି ପାଉଥିବାରୁ ଆଖୁ ବ୍ୟବହାର ମଧ୍ୟ ନିରନ୍ତର ବୃଦ୍ଧି ପାଉଛି। ଏହି ଦୁଇଟି କାରଣ ଚିନି ଉତ୍ପାଦନ ଉପରେ ଚାପ ବୃଦ୍ଧି କରିଛି। ଏମିତିକି ଘରୋଇ ବଜାରରେ ମଧ୍ୟ ଚିନି ଚାହିଦା ପୂରଣ ଚଳିତଥର ବଡ଼ ଆହ୍ୱାନ ପାଲଟିପାରେ।

ଭାରତ ବିଶ୍ୱର ପ୍ରମୁଖ ଚିନି ଉତ୍ପାଦକ ଏବଂ ରପ୍ତାନିକାରୀଙ୍କ ମଧ୍ୟରୁ ଅନ୍ୟତମ। ତେଣୁ, ଘରୋଇ ଆବଶ୍ୟକତାକୁ ବିଚାରକୁ ନେଇ ସରକାର ଆଗାମୀ ତିନି ବର୍ଷ ପାଇଁ ଚିନି ରପ୍ତାନି ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିପାରନ୍ତି। ଯଦି ଏହା ହୁଏ, ତେବେ ଏସିଆ, ଆଫ୍ରିକା ଏବଂ ମଧ୍ୟପ୍ରାଚ୍ୟର ଅନେକ ଦେଶରେ ଚିନି ଉପଲବ୍ଧତା ପ୍ରଭାବିତ ହୋଇପାରେ। ଏଥିଯୋଗୁ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ମୂଲ୍ୟ ବୃଦ୍ଧି ପାଇପାରେ। ଶିଳ୍ପ ଆକଳନ ଅନୁଯାୟୀ, ଚଳିତ ଋତୁରେ ଭାରତର ଚିନି ଉତ୍ପାଦନ ପ୍ରାୟ ୩୦.୯୫ ନିୟୁତ ଟନ୍ ହେବ ବୋଲି ଆକଳନ କରାଯାଇଥିଲା, କିନ୍ତୁ ଏହା ଏବେ ପ୍ରାୟ ୨୭.୯ ନିୟୁତ ଟନ୍‌କୁ ହ୍ରାସ ପାଇପାରେ। ଦେଶର ବାର୍ଷିକ ବ୍ୟବହାର ପ୍ରାୟ ୨୮.୫ ନିୟୁତ ଟନ୍। ଫଳସ୍ୱରୂପ, ପରବର୍ତ୍ତୀ ଋତୁ ଆରମ୍ଭ ସୁଦ୍ଧା ଦେଶରେ ଚିନି ଷ୍ଟକ୍ ମାତ୍ର ୩.୫ ନିୟୁତ ଟନ୍‌କୁ ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି, ଯାହା ଗତ ତିନି ଦଶନ୍ଧି ମଧ୍ୟରେ ସର୍ବନିମ୍ନ ସ୍ତର ବୋଲି ବିଶ୍ୱାସ କରାଯାଏ। ବିଶେଷଜ୍ଞମାନେ କହିଛନ୍ତି ଯେ ୨୦୧୫ ରେ ଏଲ୍-ନିନୋ ଯୋଗୁଁ ଆଖୁ ଫସଲ ପ୍ରଭାବିତ ହୋଇଥିଲା, ଯାହା ଫଳରେ ଭାରତ ୨୦୧୬-୧୭ରେ ଚିନି ଆମଦାନୀ କରିବାକୁ ବାଧ୍ୟ କରାଯାଇଥିଲା। ଯଦି ପାଗ ପରିସ୍ଥିତିରେ ଉନ୍ନତି ନ ହୁଏ ଏବଂ ଇଥାନଲ୍ ଚାହିଦା ବୃଦ୍ଧି ପାଇଥାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଚିନି ବଜାର ଉପରେ ଚାପ ଆହୁରି ବଢ଼ିପାରେ। ଆଖୁ ଚାଷୀ, ଚିନି ମିଲ୍ ଏବଂ ଶିଳ୍ପ ଏବେ ମୌସୁମୀର ଅଗ୍ରଗତି ଏବଂ ସରକାରଙ୍କ ରପ୍ତାନି ନୀତି ଉପରେ ନଜର ରଖିଛନ୍ତି, କାରଣ ଏହି ଦୁଇଟି କାରଣ ଭବିଷ୍ୟତରେ ଚିନିର ଉପଲବ୍ଧତା ଏବଂ ମୂଲ୍ୟ ନିର୍ଣ୍ଣୟ କରିବ। ଉଲ୍ଲେଖ କରାଯିବା ଉଚିତ ଯେ ଭାରତ ପୂର୍ବରୁ ବିଶ୍ୱର ଦ୍ୱିତୀୟ ବୃହତ ଚିନି ରପ୍ତାନିକାରୀ ଦେଶ ଥିଲା, କିନ୍ତୁ ପରିସ୍ଥିତି ଦ୍ରୁତ ଗତିରେ ବଦଳୁଛି। ଯଦି ଆଖୁ ଉତ୍ପାଦନ ଆହୁରି ହ୍ରାସ ପାଏ, ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତକୁ ଚିନି ଆମଦାନି କରିବାକୁ ପଡ଼ିପାରେ। ଏଲ୍ ନିନୋ ହେଉଛି ଏକ ପ୍ରାକୃତିକ ଏବଂ ଜଟିଳ ଜଳବାୟୁ ଘଟଣା ଯାହା ବିଷୁବୀୟ ପ୍ରଶାନ୍ତ ମହାସାଗରରେ ଅସ୍ୱାଭାବିକ ଉଷ୍ମ ସମୁଦ୍ର ପୃଷ୍ଠ ତାପମାତ୍ରା ଯୋଗୁଁ ସୃଷ୍ଟି ହୁଏ। ଏହା ସାରା ବିଶ୍ୱରେ ପାଗ, ବର୍ଷା ଏବଂ ତାପମାତ୍ରା ଢାଞ୍ଚାକୁ ଗୁରୁତର ଭାବରେ ପ୍ରଭାବିତ କରେ।

ପାଣିପାଗ ବିଶେଷଜ୍ଞଙ୍କ ମତରେ, ଏଲ୍-ନିନୋର ପ୍ରଭାବ ଯୋଗୁଁ ଭାରତରେ ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ଅପେକ୍ଷା ଦୁର୍ବଳ ହୋଇପାରେ। ଜୁନ୍ ମାସରେ ଦେଶର ଅନେକ ଅଞ୍ଚଳରେ ହାରାହାରି ତୁଳନାରେ ଯଥେଷ୍ଟ କମ୍ ବର୍ଷା ରେକର୍ଡ କରାଯାଇଛି, ଯାହା ଚାଷୀଙ୍କ ଚିନ୍ତା ବଢାଇଦେଇଛି। କମ ବର୍ଷା ଯୋଗୁଁ ଅନେକ ଚାଷୀ ଆଖୁ ଚାଷକୁ ସ୍ଥଗିତ ରଖିଛନ୍ତି ଏବଂ ଏହା ବଦଳରେ ସୋୟାବିନ୍, ହରଡ଼ ଏବଂ ଅନ୍ୟ କମ୍ ଜଳ ଲାଗୁଥିବା ଫସଲ ଆଡକୁ ମୁହାଁଇଛନ୍ତି। ଏହା ଆଗାମୀ ବର୍ଷଗୁଡ଼ିକରେ ଆଖୁ ଚାଷ ଏବଂ ଉତ୍ପାଦନ ଉଭୟକୁ ପ୍ରଭାବିତ କରିପାରେ। ଏହା ଦେଶରେ ଉତ୍ପାଦନ ଏବଂ ବ୍ୟବହାର ମଧ୍ୟରେ ବ୍ୟବଧାନ କ୍ରମାଗତ ଭାବେ କୁ ବୃଦ୍ଧି ପାଇବାରେ ଲାଗିଛି। ଫଳସ୍ୱରୂପ, ଚିନି ମିଲ୍‌ଗୁଡ଼ିକ ପାଖରେ ରଖିଥିବା ଷ୍ଟକ୍ ମଧ୍ୟ ଗତ ତିନି ଦଶନ୍ଧି ମଧ୍ୟରେ ସର୍ବନିମ୍ନ ସ୍ତରକୁ ହ୍ରାସ ପାଇପାରେ।

## ଏନ୍‌ଏସ୍‌ଇ, ବିଏସ୍‌ଇରେ ବେଦାନ୍ତ ଆଲୁମିନିୟମ୍ ତାଲିକାଭୁକ୍ତ ସ୍ୱାଧୀନ ସଂସ୍ଥା



ଭୁବନେଶ୍ୱର, ୨୩।୬(ସମିସ): ବେଦାନ୍ତ ଆଲୁମିନିୟମ ମେଟାଲ୍ ଲିମିଟେଡ୍ ୧୫ ଜୁନ୍ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ରେ ଏକ ସ୍ୱାଧୀନ ତାଲିକାଭୁକ୍ତ ସଂସ୍ଥା ଭାବରେ ଆନୁଷ୍ଠାନିକ ଭାବରେ ବାଣିଜ୍ୟ ଆରମ୍ଭ କରିଛି। ବେଦାନ୍ତ ଗ୍ରୁପର ଐତିହାସିକ ଡିମର୍ଜରର ସଫଳ ସମାପ୍ତି ପରେ, ଗତ ମେ ' ପହିଲାରେ କାର୍ଯ୍ୟକାରୀ ହୋଇଥିଲା। ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଏବଂ ବିଶ୍ୱର ପ୍ରମୁଖ ସମନ୍ୱିତ ଆଲୁମିନିୟମ କମ୍ପାନୀ ମଧ୍ୟରୁ ଗୋଟିଏ ଭାବରେ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। କମ୍ପାନୀ ଆମେରିକା, ୟୁରୋପ, ମଧ୍ୟପ୍ରାଚ୍ୟ, ଅଷ୍ଟ୍ରେଲିଆ ଏବଂ ଆଫ୍ରିକାରେ ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଭାବରେ ଉଭା ହେବାକୁ ପ୍ରସ୍ତୁତ। ବିଦ୍ୟମାନ ଉତ୍ପାଦନ କ୍ଷମତାକୁ ବାର୍ଷିକ ୬୦ ଲକ୍ଷ ଟନକୁ ଦ୍ୱିଗୁଣିତ କରିବା, ଏବଂ ସଂରଚନାତ୍ମକ ମୂଲ୍ୟ ସୁବିଧା ସହିତ, ଏହା ବିଶ୍ୱ ସ୍ତରରେ ଉତ୍ପାଦନର ସର୍ବନିମ୍ନ ଖର୍ଚ୍ଚ ମଧ୍ୟରୁ ଗୋଟିଏ ହାସଲ କରିବାକୁ ସ୍ଥିର ହୋଇଛି, ଗୁଣବତାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି, ପ୍ରମୁଖ ବିଶ୍ୱ ବଜାରରେ ଚାହିଦା ପୂରଣ କରି ଏବଂ ଭିତିଭୂମି, ଅଟୋମୋଟିଭ୍, ବିଦ୍ୟୁତୀକରଣ, ମହାକାଶ ଏବଂ ଉନ୍ନତ ଉତ୍ପାଦନରେ ଦୀର୍ଘକାଳୀନ ଟେଲୱାଇଣ୍ଡରୁ ଲାଭ ପାଇଛି। ଡିମର୍ଜରର ଗୁରୁତ୍ୱ ଉପରେ ମତ ଦେଇ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ, ଭବିଷ୍ୟତର ଧାତୁ, ଆଲୁମିନିୟମର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ଉତ୍ସର୍ଗୀକୃତ ଏକ ଅଗ୍ରଣୀ ଧାତୁ କମ୍ପାନୀ ଗଠନ କରିବାର ଆମର ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରୁଛି। ଆମର ଧ୍ୟାନ ଏକ ଦ୍ରୁତ ପରିବର୍ତ୍ତିତ ବିଶ୍ୱର ଆବଶ୍ୟକତା ସହିତ ସମନ୍ୱିତ ଏକ ସ୍ଥିର, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ମୂଲ୍ୟ-ଦକ୍ଷ ବ୍ୟବସାୟ ସୃଷ୍ଟି କରିବା ଉପରେ। ବିଶ୍ୱ ଶକ୍ତି ପରିବର୍ତ୍ତନ ଏବଂ ଅତ୍ୟାଧୁନିକ ନବସୃଜନର ମୂଳରେ ଆଲୁମିନିୟମ ସହିତ, ଆମେ ଏକ ଉତ୍ପାଦନ ଶକ୍ତିହାଉସ୍ ଭାବରେ ଭାରତର ଉଦୟକୁ ଯୋଗଦାନ ଦେବା ସହିତ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରିବା ପାଇଁ ଅସାଧାରଣ ଭାବରେ ଭଲ ସ୍ଥିତିରେ ଅଛୁ।

## ଇମ୍ଫା 'ସଖୀ ସୀଡ୍' କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର, ୨୩।୬(ସମିସ): ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ନିଜର ସାମାଜିକ ଦାୟିତ୍ୱବୋଧ ଶାଖା 'ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନ୍' (ବିଆଇପିଏଫ୍) ମାଧ୍ୟମରେ 'ସଖୀ ସୀଡ୍' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ନେଇ ଘୋଷଣା କରିଛି। ଏହା ଏକ ଅଭିନବ କାର୍ଯ୍ୟକ୍ରମ ଯାହା ଗ୍ରାମାଞ୍ଚଳର ଏବଂ କ୍ଷୁଦ୍ର ମହିଳା ଉଦ୍ୟୋଗୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ମହିଳାମାନଙ୍କ ପାଖରେ ଉତ୍ତମ ବ୍ୟବସାୟିକ ଚିନ୍ତାଧାରା ଏବଂ ଦୃଢ଼ ଉଦ୍ୟୋଗୀ ହେବାର ସାମର୍ଥ୍ୟ ଥିଲେ ମଧ୍ୟ ସେମାନେ ପ୍ରାୟତଃ ପାରମ୍ପରିକ ଆର୍ଥିକ ସ୍ରୋତ ବା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବଞ୍ଚିତ ହୋଇଥାନ୍ତି। ଏହି ଯୋଜନା ଅଧୀନରେ ୧୦ ଜଣ ମହିଳା ଉଦ୍ୟୋଗୀଙ୍କୁ ପ୍ରତ୍ୟେକଙ୍କୁ ୫ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବ। ଏହା ସହିତ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର ପକ୍ଷରୁ ସେମାନଙ୍କୁ ସୁସଂଗଠିତ ବ୍ୟବସାୟିକ ପରାମର୍ଶ ଦିଆଯିବ, ଯାହାଦ୍ୱାରା ସେମାନେ ନିଜର ସ୍ଥାୟୀ ବ୍ୟବସାୟକୁ ମଜବୁତ ଓ ସଂପ୍ରସାରିତ କରିପାରିବେ। ଏହି କାର୍ଯ୍ୟକ୍ରମଟି 'କାଟାଲିଟିକ୍ କ୍ୟାପିଟାଲ୍' (ଉତପ୍ରେରକ ପୁଞ୍ଜି) ନୀତି ଉପରେ ଆଧାରିତ, ଯାହା ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଯାତ୍ରାର ପ୍ରାରମ୍ଭିକ ତଥା ସବୁଠାରୁ ଦୁର୍ବଳ ସମୟରେ ଧୈର୍ଯ୍ୟବାନ ଏବଂ ବିପଦ-ସହନଶୀଳ ପାଣ୍ଠି ଯୋଗାଇ ଦେଇ ସଶକ୍ତ କରିଥାଏ। ଏହି ଅବସରରେ ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସିଇଓ ଶୈଫାଳିକା ପଣ୍ଡା କହିଛନ୍ତି,ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଏକ ପ୍ରମାଣ ସୃଷ୍ଟି କରିବା ଯେ, ଯେଉଁ ମହିଳାମାନେ ବର୍ତ୍ତମାନର ଆନୁଷ୍ଠାନିକ ଋଣ ପାଇଁ ଯୋଗ୍ୟ ନୁହନ୍ତି, ସେମାନଙ୍କୁ ଯଦି ସଠିକ୍ ପୁଞ୍ଜି, ପରାମର୍ଶ ଏବଂ ଆନୁଷଙ୍ଗିକ ସହାୟତା ମିଳେ, ତେବେ ସେମାନେ ମଧ୍ୟ ଏକ ସ୍ଥାୟୀ ଓ ପ୍ରଗତିଶୀଳ ବ୍ୟବସାୟ ପ୍ରତିଷ୍ଠା କରିପାରିବେ।



ଏହି କାର୍ଯ୍ୟକ୍ରମ ଏକ ଦକ୍ଷ ପରାମର୍ଶଦାତା ବୋର୍ଡ ଦ୍ୱାରା ପରିଚାଳିତ। ଏଥରେ ଫ୍ରଣ୍ଟିୟର ମାର୍କେଟର ପ୍ରତିଷ୍ଠାତା ଓ ସିଇଓ ଏବଂ ଫ୍ରଣ୍ଟିୟର ଇନୋଭେସନ୍ସ ଫାଉଣ୍ଡେସନର ସଭାପତି ଅଜାଇତା ଶାହ; ମାନ୍ ଦେଶୀ ଫାଉଣ୍ଡେସନର ପ୍ରତିଷ୍ଠାତା ଚେତନା ଗାଲା ସିହ୍ନା;ବିଆଇପିଏଫ୍‌ର ପ୍ରତିଷ୍ଠାତା ଓ ସିଇଓ ଶୈଫାଳିକା ପଣ୍ଡା; ଇଣ୍ଡିଆ ପି୨ ପିର ସହ-ପ୍ରତିଷ୍ଠାତା ଓ ସିଇଓ ନେହା ଜୁନେଜା ଏବଂ ସିଏନ୍‌ବିସି ଟିଭି୧୮ର ମ୍ୟାନେଜିଂ ଏଡିଟର ଶିରିନ୍ ଭାନ୍ ସାମିଲ ଅଛନ୍ତି। ଏହି ପ୍ରଥମ ବ୍ୟାଚ୍ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବାବେଳେ ଏହା ଜୁଲାଇ ୨୦ ପର୍ଯ୍ୟନ୍ତ ଚାଲିବ।

## ୧୫୭ଟି ଔଷଧ ନମୁନା ପରୀକ୍ଷାରେ ବିଫଳ

ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ସେଣ୍ଟ୍ରାଲ୍ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ ଦ୍ୱାରା ସାରା ଦେଶରେ ନିର୍ମିତ ୧୫୭ଟି ଔଷଧର ନମୁନା ବିଫଳ ହୋଇଛି। ଏଥିରେ କଫ୍ ସିରପ୍, ମୁଣ୍ଡବିନ୍ଧା ଔଷଧ, ଥଣ୍ଡା ଔଷଧ ଏବଂ ହୃଦରୋଗ, ଏବଂ କିଛି ଲୋସନ୍, ସାବୁନ, ସାନିଟାଇଜର ଏବଂ ଅନ୍ୟାନ୍ୟ ବିଫଳତା ନମୁନା ଅନ୍ତର୍ଭୁକ୍ତ। ଲୁହା ଏବଂ ଭିଟାମିନ୍ ଟାବଲେଟ୍, ଜେଲ୍ ଏବଂ ଫୋଲିକ୍ ଏସିଡ୍ ମଧ୍ୟ ଅନ୍ତର୍ଭୁକ୍ତ। ବିଫଳ ଔଷଧ ମଧ୍ୟରେ ହିମାଚଳ ପ୍ରଦେଶରେ ସର୍ବାଧିକ ସଂଖ୍ୟକ ଔଷଧ ଅନ୍ତର୍ଭୁକ୍ତ ହୋଇଛି। ୧୧ଟି ବିଭିନ୍ନ ଶିଳ୍ପରେ ନିର୍ମିତ ୨୦ଟି ଇଞ୍ଜେକ୍ସନ୍ ଏବଂ କାଶ ସିରପର ନମୁନା ମଧ୍ୟ ଔଷଧ ସତର୍କତାରେ ବିଫଳ ହୋଇଛି। ଏଥିରେ ହିମାଚଳର ୪୩ଟି, ଉତ୍ତରାଖଣ୍ଡର ୨୭ଟି, ଗୁଜରାଟର ୨୫ଟି, ମଧ୍ୟ ପ୍ରଦେଶର ୧୦ଟି, ରାଜସ୍ଥାନର ସାତଟି, ହରିୟାଣାର ଛଅଟି, ଉତ୍ତର ପ୍ରଦେଶ, ସିକିମ ଏବଂ ତାମିଲନାଡୁର ପାଞ୍ଚଟି, କର୍ଣ୍ଣାଟକ ଏବଂ ଆନ୍ଧ୍ର ପ୍ରଦେଶର ଚାରିଟି, ମହାରାଷ୍ଟ୍ର ଏବଂ କେରଳର ତିନୋଟି, ପୁଡୁଚେରୀ, ଦିଲ୍ଲୀ, ତେଲେଙ୍ଗାନା ଏବଂ ପଞ୍ଜାବର ଦୁଇଟି ଔଷଧ ଅନ୍ତର୍ଭୁକ୍ତ।

**ସୂଚୀରେ କଫ୍ ସିରପ୍, ମୁଣ୍ଡବିନ୍ଧା ଔଷଧ**

● ୟୁଆଇଡିଏଆଇର ବଡ଼ ଘୋଷଣା

## ଇ-ମେଲ୍ ଅପ୍‌ଡେଟ୍‌ରେ ଲାଗିବନି ଫି'

ନୂଆଦିଲ୍ଲୀ,୨୩।୬(ଏଜେନ୍ସି): ଆଧାର କାର୍ଡରେ ଅପଡେଟ୍ ହୋଇଥିବା ଇ-ମେଲ୍ ଆଇଡି ନାହିଁ କିମ୍ବା ପୁରୁଣା ଇ-ମେଲ୍ ଆଇଡି ଏଣିକି ବିନା ଶୁଳ୍କରେ ପରିବର୍ତ୍ତନ କରିହେବ। ଭାରତୀୟ ଅନନ୍ୟ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ଇ-ମେଲ୍ ଆଇଡି ଅପଡେଟ୍ କରିବା ପାଇଁ ୭୫ ଟଙ୍କା ଫି'କୁ ଅସ୍ଥାୟୀ ଭାବରେ ଛାଡ଼ କରିବାକୁ ନିଷ୍ପତ୍ତି ନେଇଛି। ୟୁଆଇଡିଏଆଇ ଦ୍ୱାରା ଜାରି ଏକ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଆଧାର ମୋବାଇଲ୍ ଆପ୍ ମାଧ୍ୟମରେ ଇ-ମେଲ୍ ଆଇଡି ଅପଡେଟ୍ କରିବା ପାଇଁ ୭୫ ଟଙ୍କା ଫି' ଆସନ୍ତା ଜୁଲାଇ ପହିଲାରୁ ଚଳିତବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଛାଡ଼ କରାଯାଉଛି। ଏହି ସମୟ ମଧ୍ୟରେ, ବ୍ୟବହାରକାରୀମାନେ କୌଣସି ଶୁଳ୍କ ବିନା ସେମାନଙ୍କର ଆଧାର ଇ-ମେଲ୍ ଆଇଡି ଅପଡେଟ୍ କରିପାରିବେ। ୟୁଆଇଡିଏଆଇର ଏହି ନିଷ୍ପତ୍ତି ଲକ୍ଷ ଲକ୍ଷ ଆଧାର ଉପଭୋକ୍ତାଙ୍କୁ ସେମାନଙ୍କର ଆଧାରରେ ସେମାନଙ୍କର ଇ-ମେଲ୍ ଆଇଡି ଯୋଡିବା କିମ୍ବା ଅପଡେଟ୍ କରିବାକୁ ଅନୁମତି ଦେବ।ଆଧାର କାର୍ଡରେ ଇ-ମେଲ୍ ଆଇଡି ଅପଡେଟ୍ ଏବଂ ପରିବର୍ତ୍ତନ କରିବା ସମ୍ପର୍କରେ ସୂଚନା ସିଧାସଳଖ ବ୍ୟବହାରକାରୀଙ୍କ ଇ-ମେଲ ଆକାଉଣ୍ଟକୁ ପଠାଯାଇଥାଏ।

AADHAAR UIDAI

**ଡିସେମ୍ବର ୩୧ ଯାଏ ସୁବିଧା ଉପଲବ୍ଧ**

## ମୌସୁମୀ ଋତୁରେ ଉପଭୋକ୍ତାଙ୍କ ବିଦ୍ୟୁତ୍ ସୁରକ୍ଷାକୁ ଟିପିସିଓଡିଏଲ୍‌ର ପ୍ରାଥମିକତା

ଭୁବନେଶ୍ୱର,୨୩।୬(ଏଜେନ୍ସି): ମୌସୁମୀ ଋତୁରେ ପ୍ରବଳ ବର୍ଷା, ବଜ୍ରପାତ ଏବଂ ଜୋରରେ ପବନ ହେଉଥିବାରୁ, ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ମିଳିତ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ), ସମସ୍ତ ଉପଭୋକ୍ତାମାନଙ୍କୁ ବିଦ୍ୟୁତ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଏବଂ ବିଦ୍ୟୁତ ସରଞ୍ଜାମ ଗୁଡ଼ିକ ଆଖପାଖରେ ସତର୍କ ଏବଂ ସଜାଗ ରହିବାକୁ ପରାମର୍ଶ ଦେଇଛି। ଉପଭୋକ୍ତାମାନଙ୍କୁ ବିଦ୍ୟୁତ ଖୁଣ୍ଟ , ଟ୍ରାନ୍ସଫର୍ମର, ଫିଡର ପିଲାର ଏବଂ ଅନ୍ୟାନ୍ୟ ବିଦ୍ୟୁତ ଉପକରଣ ନିକଟରେ ଥିବା ଜଳବନ୍ଦୀ ସ୍ଥାନଗୁଡିକରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ଯଦି କେଉଁଠି ବିଦ୍ୟୁତ ତାର ଛିଣ୍ଡି ପଡ଼ିଥାଏ, କଣ୍ଡକ୍ଟର ଭାଙ୍ଗିଯାଇଥାଏ କିମ୍ବା ବିଦ୍ୟୁତ ଭିତ୍ତିଭୂମି ନଷ୍ଟ ହୋଇଯାଇଥାଏ, ତେବେ ସେଠାରୁ ନିରାପଦ ଦୂରତା ବଜାୟ ରଖିବା ସହିତ ତୁରନ୍ତ ଏ ବିଷୟରେ ଟିପିସିଓଡିଏଲ୍‌କୁ ଖବର ଦିଅନ୍ତୁ। କୌଣସି ପରିସ୍ଥିତିରେ ବି କୌଣସି ବୈଦ୍ୟୁତିକ ଉପକରଣ ବା କେବୁଲ୍‌କୁ ଛୁଇଁବାକୁ କିମ୍ବା ଘୁଞ୍ଚାଇବାକୁ ଆଦୌ ଚେଷ୍ଟା କରନ୍ତୁ ନାହିଁ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସମସ୍ତ ପରିବାର ନିଜ ଘରର ଆର୍ଥିଂ ଠିକ୍ ଅଛି କି ନାହିଁ ତାହା ନିଶ୍ଚିତ କରିବା ଉଚିତ, ଘର ଭିତରର ୱାୟରିଂକୁ ସୁରକ୍ଷିତ ରଖିବା ଉଚିତ ଏବଂ ବଜ୍ରପାତ କିମ୍ବା ପ୍ରବଳ ବର୍ଷା ସମୟରେ ଅନାବଶ୍ୟକ ବୈଦ୍ୟୁତିକ ଉପକରଣଗୁଡ଼ିକର ପ୍ଲଗ୍ ବାହାର କରିଦେବା ଉଚିତ। ଉପଭୋକ୍ତାମାନେ ବିଦ୍ୟୁତ ସମ୍ବନ୍ଧୀୟ ଯେକୌଣସି ଜରୁରୀକାଳୀନ ପରିସ୍ଥିତି ବିଷୟରେ ଟିପିସିଓଡିଏଲ୍‌ର ୨୪ ଘଣ୍ଟିଆ ଟୋଲ୍-ଫ୍ରି ହେଲ୍ପଲାଇନ ନମ୍ବର ୧୯୧୨ ମାଧ୍ୟମରେ ତୁରନ୍ତ ଜଣାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଗଜାନନ ଏସ୍. କାଲେ କହିଛନ୍ତି ଯେ ଆମର ଟିମ୍‌ଗୁଡ଼ିକ ଉପଭୋକ୍ତା ମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ଏବଂ ଯେକୌଣସି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି।

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

## ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ରିଲାଏନ୍ସ ଫାଉଣ୍ଡେସନ ଆଥଲେଟ୍

ଭୁବନେଶ୍ୱର,୨୩।୬(ସମିସ): ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ସମର୍ଥିତ ମୋଟ ୫୦ ରୁ ଅଧିକ ଆଥଲେଟ ଚଳିତ ବର୍ଷ ଶେଷ ଭାଗରେ ଜାପାନରେ ହେବାକୁ ଥିବା ଏସୀୟ କ୍ରୀଡାରେ ସ୍ଥାନ ପକ୍କା କରିବାକୁ ଚେଷ୍ଟା କରିବେ, ଯେତେବେଳେ ସେମାନେ ୨୪ ରୁ ୨୮ ଜୁନ୍ ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ସ୍ଥିତ ଅତ୍ୟାଧୁନିକ କଳିଙ୍ଗ ଷ୍ଟାଡିୟମରେ ୬୫ ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପରେ ଅଂଶଗ୍ରହଣ କରିବେ। ଅଂଶଗ୍ରହଣ କରୁଥିବା ଏହି ଆଥଲେଟମାନଙ୍କ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେସନର ଆଥଲେଟିକ୍ସ ନିର୍ଦ୍ଦେଶକ ଜେମ୍ସ ହିଲିଅର କହିଛନ୍ତି, ଆନ୍ତଃରାଜ୍ୟ ଚାମ୍ପିଅନସିପ୍ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ମାନଦଣ୍ଡ ଭାବରେ ପରିଗଣିତ ହୁଏ ଏବଂ ଆମର ଅନେକ ଖେଳାଳି ପୂର୍ବରୁ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ମାନଦଣ୍ଡ ଅତିକ୍ରମ କରିସାରିଛନ୍ତି। ସେହି ଖେଳାଳିମାନେ ଶ୍ରେଷ୍ଠ ଦୁଇ ସ୍ଥାନରେ ରହିବା ଏବଂ ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ଦଳରେ ସ୍ଥାନ ପକ୍କା କରିବା ଉପରେ ଧ୍ୟାନ ଦେବେ। ଆମେ କିଛି ବ୍ୟକ୍ତିଗତ ଶ୍ରେଷ୍ଠ ଏବଂ ଏହି କ୍ରୀଡା ସିଜିନର ଶ୍ରେଷ୍ଠ ପ୍ରଦର୍ଶନ ଆଶା କରୁଛୁ କାରଣ ଆମେ ଏପରି ଭାବରେ ତାଲିମ ନେଇଛୁ ଯାହା ଆମର ଅଧିକାଂଶ ଖେଳାଳିଙ୍କୁ ଏହି ପ୍ରତିଯୋଗିତାରେ ଶୀର୍ଷରେ ପହଞ୍ଚିବାକୁ ସକ୍ଷମ କରିବ। ଆମର ଅଭୟ ସିଂହ, ହରିତା ଭଦ୍ରା ଏବଂ ଉନ୍ନାଥୀ ଆୟାପାଙ୍କ ଭଳି କିଛି ଅତ୍ୟନ୍ତ ଉତ୍ସାହଜନକ ଯୁବ ସ୍ପ୍ରିଣ୍ଟର ଅଛନ୍ତି, ଯେଉଁମାନଙ୍କ ପାଖରେ ଏସୀୟ କ୍ରୀଡ଼ା ପାଇଁ ଆଗକୁ ବଢ଼ିବାର ସାମାନ୍ୟ ସମ୍ଭାବନା ଅଛି।



**ଆମେରିକା ହଟାଇଲା ନିଷେଧାଦେଶ**

## ତେଲ ବିକିବାକୁ ଚାହୁଁଛି ଇରାନ୍, କିଣିବ କି ଭାରତ ?

ନୂଆଦିଲ୍ଲୀ,୨୩।୬(ଏଜେନ୍ସି):

ଚୁକ୍ତି ଅନୁଯାୟୀ, ଆମେରିକା ପକ୍ଷରୁ ୬୦ ଦିନର ପ୍ରତିବନ୍ଧକ କୋହଳ କରାଯିବା ପରେ ଇରାନ ଏବେ ତେଲ ବିକିବାକୁ ତରବର ହେଉଛି। ଇରାନ୍‌ର ନଜରରେ ବର୍ତ୍ତମାନ ଏସିଆର ଗ୍ରାହକମାନଙ୍କ ଉପରେ। ଭାରତ ମଧ୍ୟ ଇରାନ୍ ତେଲକୁ ଚାହିଁବସିଛି। ଚୀନ୍ ବ୍ୟତୀତ ଅନ୍ୟ ଦେଶଗୁଡ଼ିକୁ ନିଜର ଅଶୋଧିତ ତୈଳ ରପ୍ତାନୀ କରିବା ପାଇଁ ତେହେରାନ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଆମେରିକାର ଏହି ଘୋଷଣା ପୂର୍ବରୁ ହିଁ ଇରାନର ବିକ୍ରେତା, ମଧ୍ୟସ୍ଥି ଏବଂ 'ନ୍ୟାସନାଲ ଇରାନୀ ଅଏଲ କମ୍ପାନୀ'ର ପ୍ରତିନିଧିମାନେ ଭାରତ, ଜାପାନ, ଦକ୍ଷିଣ କୋରିଆ ଭଳି ଏସୀୟ ଦେଶର ରିଫାଇନାରୀଗୁଡ଼ିକ ସହ ଯୋଗାଯୋଗ ଆରମ୍ଭ କରିଦେଇଥିଲେ। ଏସିଆର ବଡ଼ ବଡ଼ ତୈଳ ଗ୍ରାହକଙ୍କ ସହ ପୁଣିଥରେ ଯୋଗାଯୋଗ ସ୍ଥାପନ କରିବାକୁ ଚେଷ୍ଟା ଚଳାଇଛି। ଏହି ଦୌଡ଼ରେ ଭାରତ ମଧ୍ୟ ସାମିଲ ଅଛି। ଚୀନ୍ ବ୍ୟତୀତ ଅନ୍ୟ ଦେଶଗୁଡ଼ିକୁ ନିଜର ଅଶୋଧିତ ତୈଳ ରପ୍ତାନୀ କରିବା ପାଇଁ ତେହେରାନ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ହେଲେ ଇରାନ୍ ତେଲ ବିକିବାକୁ ଚାହୁଁଥିବାବେଳେ ଇରାନ୍ ତେଲ ଭାରତ କିଣିବ କି ନାହିଁ ତାହା ଏବେ ବଡ଼ ଚର୍ଚ୍ଚାର ବିଷୟ। କାରଣ ଖାଲି ଭାରତ କାହିଁକି ଏସୀୟ ଦେଶଗୁଡିକୁ ଆମେରିକା ଆଡୁ ଇରାନ୍ ଉପରେ ପୁନର୍ବାର କଠୋର ପ୍ରତିବନ୍ଧକ ଭୟ ଘାରିବାରେ ଲାଗିଛି।

**ଟ୍ରମ୍ପଙ୍କୁ କରିପାରୁନାହାନ୍ତି ଭରସା**



ଇରାନର ଏହି ବ୍ୟାକୁଳତା ପଛର ମୁଖ୍ୟ କାରଣ ହେଉଛି, ସମୁଦ୍ରରେ ଭାସୁଥିବା ତା'ର ବିପୁଳ ପରିମାଣର ଅଶୋଧିତ ତୈଳ। ଆନାଲିଟିକ୍ସ ସଂସ୍ଥା ଭୋର୍ଟେକ୍ସାର ସୂଚନା ଅନୁଯାୟୀ, ଜୁନ୍ ୨୨ ସୁଦ୍ଧା ସମୁଦ୍ରରେ ଥିବା ଟ୍ୟାଙ୍କରଗୁଡ଼ିକରେ ପ୍ରାୟ ୬.୮ କୋଟି ବ୍ୟାରେଲ୍ ଇରାନୀ ତେଲ ମହଜୁଦ ରହିଛି। ଏହି ମୋଟ ତେଲର ପ୍ରାୟ ୮୦%ରୁ ଅଧିକ ଅଂଶର କୌଣସି ନିର୍ଦ୍ଦିଷ୍ଟ ଗନ୍ତବ୍ୟ ସ୍ଥଳ ସ୍ଥିର ହୋଇନାହିଁ। ଏହି ତୈଳ ଗ୍ରାହକମାନଙ୍କ ପାଇଁ ତୁରନ୍ତ ଉପଲବ୍ଧ ହୋଇପାରିବ। ଅନେକ ତୈଳବାହୀ ଜାହାଜ ଏସିଆ ଆଞ୍ଚଳିକ ଜଳସୀମାରେ ଥିବାରୁ, ଭାରତ ଚାହିଁଲେ ଖୁବ୍ କମ୍ ସମୟ ମଧ୍ୟରେ ଏହି ତେଲ ଆମଦାନୀ କରିପାରିବ। ବର୍ଷ ବର୍ଷ ଧରି ଭାରତ, ଇରାନର ସବୁଠାରୁ ବଡ଼ ତୈଳ କ୍ରେତାମାନଙ୍କ ମଧ୍ୟରୁ ଏକ ପ୍ରମୁଖ ଦେଶ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ଆମେରିକାର କଠୋର ପ୍ରତିବନ୍ଧକ ଯୋଗୁଁ ଭାରତୀୟ ରିଫାଇନରୀଗୁଡ଼ିକ ଇରାନ ଠାରୁ ତେଲ କିଣିବା ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ। ଯଦିଓ ବର୍ତ୍ତମାନ ଆମେରିକା ତରଫରୁ ସାମୟିକ କୋହଳ ମିଳିଛି, ତଥାପି ଭାରତୀୟ ତୈଳ କମ୍ପାନୀଗୁଡ଼ିକ ଏଥିପାଇଁ ବିଶେଷ ଆଗ୍ରହ ଦେଖାଉ ନାହାନ୍ତି। ହର୍ମୁଜ ପ୍ରଣାଳୀ ରେ ଗତ କିଛି ମାସ ଧରି ଲାଗି ରହିଥିବା ଅନିଶ୍ଚିତତା ଯୋଗୁଁ ଅଧିକାଂଶ ଏସୀୟ ଦେଶ ବିକଳ୍ପ ବ୍ୟବସ୍ଥା କରିସାରିଛନ୍ତି। ଭାରତୀୟ ରିଫାଇନରୀଗୁଡ଼ିକ ମଧ୍ୟ ଆସନ୍ତା ଅଗଷ୍ଟ ମାସ ପର୍ଯ୍ୟନ୍ତ ନିଜର ଆବଶ୍ୟକୀୟ ତୈଳ ଚାହିଦା ଅନ୍ୟ ବିକଳ୍ପ ମାଧ୍ୟମରେ ପୂରଣ କରିସାରିଛନ୍ତି। ତେଣୁ ବର୍ତ୍ତମାନ ସେମାନଙ୍କର ତୁରନ୍ତ ଇରାନ ତେଲର କୌଣସି ଆବଶ୍ୟକତା ନାହିଁ।

ଅନ୍ୟପଟେ ଏସିଆର ଦେଶଗୁଡ଼ିକ ଇରାନ ଠାରୁ ତେଲ କିଣିବା ପୂର୍ବରୁ ଅନେକ ଦିଗ ପ୍ରତି ସତର୍କତା ଅବଲମ୍ବନ କରୁଛନ୍ତି । ଆମେରିକାର ଇରାନ ପ୍ରତି ଥିବା ବୈଦେଶିକ ନୀତି ବାରମ୍ବାର ବଦଳୁଛି। ଏହି ୬୦ ଦିନର ରିହାତି ପରେ ପୁଣି କଠୋର ପ୍ରତିବନ୍ଧକ ଲାଗିବାର ଭୟ ରହିଛି। ତେଣୁ କୌଣସି ଦେଶ ଦୀର୍ଘକାଳୀନ ଚୁକ୍ତି କରିବାକୁ ଚାହୁଁନାହାନ୍ତି। ଆମେରିକା ପ୍ରତିବନ୍ଧକ କୋହଳ କରିଥିଲେ ମଧ୍ୟ ବ୍ରିଟେନ ଏବଂ ୟୁରୋପୀୟ ୟୁନିଅନର ପ୍ରତିବନ୍ଧକ ଏବେ ବି ବଳବତ୍ତର ରହିଛି। ଏହାଦ୍ୱାରା ତୈଳ ପରିବହନ ପାଇଁ ଆବଶ୍ୟକ ହେଉଥିବା ବୀମା ଏବଂ ବ୍ୟାଙ୍କିଙ୍ଗ୍ କାରବାର କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି ହେଉଛି। ପ୍ରତିବନ୍ଧକ ସମୟରେ ଇରାନୀ ତେଲ ପରିବହନ କରୁଥିବା ଗୁପ୍ତ ଜାହାଜଗୁଡ଼ିକୁ ନିଜ ବନ୍ଦରରେ ପ୍ରବେଶ ଅନୁମତି ଦେବା ପାଇଁ ଅନେକ ଅନ୍ତର୍ଜାତୀୟ ବନ୍ଦର ଅନିଚ୍ଛା ପ୍ରକାଶ କରୁଛନ୍ତି। ଇରାନକୁ ନେଇ ଆମେରିକା ବାରମ୍ବାର ନିଜ ନୀତିରେ ପରିବର୍ତ୍ତନ କରୁଥିବାରୁ ଭାରତ ଭଳି ଦେଶ ଏବେ ଇରାନ ତେଲ କିଣିବାକୁ ଇଚ୍ଛା ପ୍ରକାଶ କରୁନଥିବା ରିପୋର୍ଟରୁ ଜଣାପଡ଼ିଛି ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝମଣା ରହିବ।

## ଆଜିର ଇତିହାସ

- ୧୭୯୩- ଫ୍ରାନ୍ସ ପ୍ରଥମ ଥର ପାଇଁ ରିପବ୍ଲିକାନ୍ ସମ୍ବିଧାନକୁ ଆପଣାଇଲା।
- ୧୯୧୮ - କାନାଡ଼ାର ମଣ୍ଟ୍ରିଲ୍ ଓ ଟରଣ୍ଟୋ ମଧ୍ୟରେ ଏୟାରମେଲ୍ ସେବା ଆରମ୍ଭ ହେଲା।
- ୧୯୮୨- ସୋଭିଏତ୍ ସଂଘ ସୋୟୁଜ୍ ଟି-୬ ଲଞ୍ଚ କଲା।
- ୧୯୬୬- ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆ ବିମାନ ସ୍ୱିଜରଲ୍ୟାଣ୍ଡରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ପ୍ରାଣହାନି।


## ଚା’-ବିସ୍କୁଟ୍‌ରୁ ହୋଇପାରେ ମଧୁମେହ



ଅନେକ ଲୋକଙ୍କର ସକାଳେ ଉଠିବା ମାତ୍ରେ ଚା’-ବିସ୍କୁଟ୍ ଖାଇବା ଅଭ୍ୟାସ ଥାଏ। ସେହିପରି ଯେଉଁମାନେ କେବଳ ଚା’ ପିଅନ୍ତି ଏସିଡିଟି ନ ହେବା ଆଶାରେ ଏହାସହ ବିସ୍କୁଟ୍ ଖାଇଥାନ୍ତି। ହେଲେ ଏଭଳି ଅଭ୍ୟାସ ମଧୁମେହର କାରଣ ହୋଇପାରେ। ଦିଲ୍ଲୀ ଏମ୍ସର ଏଣ୍ଡୋକ୍ରାଇନୋଲଜି ବିଭାଗର ପ୍ରଫେସର ଡା. ରାଜେଶ ଖଡ଼ଗାବତ ସକାଳୁ ଚା’-ବିସ୍କୁଟ୍ ଖାଇବା ଅଭ୍ୟାସକୁ ନେଇ ଲୋକଙ୍କୁ ସତର୍କ କରାଇଛନ୍ତି। ସେ କହିଛନ୍ତି, ‘ବିସ୍କୁଟ୍‌ରେ ଲାକ୍‌ଟୋଜ ଏବଂ ଗ୍ଲୁକୋଜ୍ ଥାଏ। କିଛି ବିସ୍କୁଟ୍‌ରେ ଫ୍ଲେଭର୍ ବି ମିଶାଯାଇଥାଏ। ଏଥିରେ ଚିନି ଲୁଚିକରି ଥାଏ। ସେହିପରି କିଛି ବିସ୍କୁଟ୍‌ରେ କୃତ୍ରିମ ଶର୍କରା ବି ମିଶାଯାଏ। ଏହାକୁ ଖାଇବା ଦ୍ୱାରା କ୍ୟାଲୋରି ଏବଂ ଶରୀରରେ ଚର୍ବି ବୃଦ୍ଧି ପାଏ। ଏଭଳି ସ୍ଥିତିରେ ଚା’ ମିଠା ଥିଲେ ଏହା ଅଧିକ କ୍ଷତି ପହଞ୍ଚାଏ। ଖାଲି ପେଟରେ ଚା- ବିସ୍କୁଟ୍ ଖାଇବା ମଧୁମେହକୁ ନିମନ୍ତ୍ରଣ ଦେବା ସଦୃଶ। ଏହାକୁ ଖାଇବା ଦ୍ୱାରା ଶର୍କରା ସ୍ତର ବଢ଼ିଯାଏ। ଏଭଳି ସ୍ଥିତିରେ ସବୁଠୁ ଜରୁରି ହେଉଛି, ବିସ୍କୁଟ୍ ଖାଇବା ବେଳେ ଏହାର ଲେବଲ ପଢ଼ିବା ଏବଂ ତା’ ସହ ଏଥିରେ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ ଜାଣିବା। ଯଦି ଏଥିରେ ଉଚ୍ଚ ଶର୍କରା, ପାମ୍ ତେଲ ଲେଖାଥାଏ, ତେବେ ଏହାକୁ ଖାଇବାଠୁ ଦୂରେଇ ରହିବା ଉଚିତ। ଏଭଳି ବିସ୍କୁଟ୍ ସ୍ୱାସ୍ଥ୍ୟ ଲାଗି ହାନିକାରକ।’ ତେଣୁ ସକାଳ ଜଳଖିଆରେ ବିସ୍କୁଟ୍ ନ ଖାଇବା ଭଲ। ଏହାକୁ ଖାଇଲେ ବି କିଛି ଲାଭ ନାହିଁ। ବିସ୍କୁଟ୍‌ରୁ ପ୍ରୋଟିନ କିମ୍ବା ପୋଷଣ କିଛି ନ ଥାଏ। ଏହା ବଦଳରେ ଚଣା, ମଖାନା ଖାଇବା ଶରୀର ପାଇଁ ଉତ୍ତମ। ଏଥିରେ ଶରୀରକୁ ପ୍ରୋଟିନ ମିଳେ ଏବଂ ଏସବୁ ସ୍ୱାସ୍ଥ୍ୟ ପାଇଁ ହିତକର।

## ଆଜିର ବ୍ୟକ୍ତିତ୍ୱ

## ଜନସେବକ ନବକୃଷ୍ଣ ଚୌଧୁରୀ



ଓଡ଼ିଶା ଇତିହାସରେ ନବକୃଷ୍ଣ ଚୌଧୁରୀ ଜଣେ ନିଆରା ବ୍ୟକ୍ତିତ୍ୱ। ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ନିଜର ସରଳ ଜୀବନଯାପନ, ସ୍ପଷ୍ଟବାଦିତା ଏବଂ ତ୍ୟାଗପୂତ ରାଜନୀତି ପାଇଁ ସେ ଜନମାନସରେ ‘ନବବାବୁ’ ଭାବେ ବେଶ୍ ପରିଚିତ। ସେ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ । ନବକୃଷ୍ଣ ପ୍ୟାରୀମୋହନ ଏକାଡେମୀରେ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ। ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ । ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ । ସ୍ୱାଧୀନତା ସଂଗ୍ରାମ ସମୟରେ ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ସେ ଅନେକ ଥର କାରାବରଣ କରିଥିଲେ। ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ। ସେଠାରେ ତାଙ୍କର ମାଳତୀ ସେନ୍‌ଙ୍କ ସହ ପରିଚୟ ହୋଇଥିଲା । ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିବାହ ପରେ ଦୁହେଁ ଆସି ଜଗତସିଂହପୁର ଅନ୍ତର୍ଗତ ତରିକୁଦ ଗ୍ରାମରେ ବାସ କରିଥିଲେ । ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳାଉଥିଲେ । କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ ‘ସାରଥି’ ଏବଂ ତା ପରେ ‘କୃଷକ’ ନାମକ ପତ୍ରିକା ବାହାର କରିଥିଲେ। ଜମିଦାର ଘରେ ଜନ୍ମ ନେଇଥିବା ନବକୃଷ୍ଣ ତାଙ୍କର ସମସ୍ତ ଜମି ଭୂଦାନ ଆନ୍ଦୋଳନବେଳେ ଦାନ କରିଦେଇଥିଲେ। ୧୯୩୭ରେ ନୂତନ ଓଡ଼ିଶା ବିଧାନସଭା ନିର୍ବାଚନରେ ତିର୍ତ୍ତୋଲ ଏରସମା ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହେଲେ ମଧ୍ୟ ଦଳର ଆଦର୍ଶ ଅନୁଯାୟୀ, କୌଣସି ପଦବୀରେ ଅଧିଷ୍ଠିତ ହୋଇନଥିଲେ । ୧୯୪୬ରେ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇ ସେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ହେଲେ । ୧୯୫୦ ମେ’ ମାସରୁ ୧୯୫୬ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ଛଅ ବର୍ଷ କାଳ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ । ଏହି ସମୟ ଭିତରେ ଆଧୁନିକ ଓଡ଼ିଶାର ନିର୍ମାଣ ଭିତ୍ତି ସ୍ଥାପନ ହୋଇଥିଲା । ଭାଗଚାଷୀ ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ସେ ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ । ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଜଣେ ସାଧାରଣ ଚାଷୀ ଭଳି ଜୀବନ ବିତାଇ ଗରିବ ଓ ନିଷ୍ପେଷିତ ଲୋକଙ୍କ ସେବା କରିଥିଲେ । ୧୯୮୪ ମସିହା ଆଜିର ଦିନରେ ଏହି ମହାନ ଜନନାୟକଙ୍କର ପରଲୋକ ଘଟିଥିଲା।

## ‘କକ୍‌ଟେଲ୍’ ପାଇଁ ମନା କରିଥିଲେ ରଣବୀର



ରଣବୀର କପୁର ଏବଂ ଦୀପିକା ପାଦୁ୍ୟକୋନ୍ ଏଯାବତ୍ ତିନୋଟି ଫିଲ୍ମରେ ଏକାଠି କାମ କରିଛନ୍ତି। ଏହି ଯୋଡ଼ିଙ୍କର ଆଉ ଏକ ଫିଲ୍ମ ମଧ୍ୟ ଆସିବାର ଥିଲା, କିନ୍ତୁ ନିଜେ ରଣବୀର ଏହାକୁ କରିବାକୁ ମନା କରିଦେଇଥିଲେ। ଏହି ଫିଲ୍ମଟି ଥିଲା ‘କକ୍‌ଟେଲ୍’। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ୨୦୧୨ରେ ମୁକ୍ତିଲାଭ କରିଥିବା ‘କକ୍‌ଟେଲ୍’ ଚଳଚ୍ଚିତ୍ରରେ ଦୀପିକା, ଡାଏନା ପେଣ୍ଟି ଏବଂ ସୈଫ୍ ଅଲ୍ଲୀ ଖାନ୍‌ଙ୍କ ସହ ଲିଡ୍ ରୋଲରେ ନଜର ଆସିଥିଲେ। ସୈଫ୍ ଏହି ଚଳଚ୍ଚିତ୍ରରେ ‘ଗୌତମ’ ଚରିତ୍ରରେ ଅଭିନୟ କରିଥିଲେ। ହେଲେ ଗୌତମ ଚରିତ୍ର ପାଇଁ ସୈଫ୍ ପ୍ରଥମ ପସନ୍ଦ ନ ଥିଲେ। ଫିଲ୍ମ ପ୍ରଯୋଜକ ଏହି ଚରିତ୍ର ପାଇଁ ରଣବୀର କିମ୍ବା ଇମ୍ରାନ୍ ଖାନ୍‌ଙ୍କୁ ନେବାକୁ ଚାହୁଁଥିଲେ। ଉଭୟ କିନ୍ତୁ ଏହି ଫିଲ୍ମ କରିବାକୁ ମନା କରି ଦେଇଥିଲେ। ନିକଟରେ ଏକ ସାକ୍ଷାତକାର ସମୟରେ ସୈଫ୍ କହିଛନ୍ତି ଯେ, “ଏହି ଚଳଚ୍ଚିତ୍ର ପାଇଁ ଦୀପିକା ଏବଂ ଡାଏନାଙ୍କୁ ଚୟନ କରାଯାଇ ସାରିଥିଲା, କିନ୍ତୁ ନିର୍ମାତାମାନଙ୍କୁ ଚଳଚ୍ଚିତ୍ରର ମୁଖ୍ୟ ନାୟକ ଖୋଜିବାରେ ଅସୁବିଧା ହେଉଥିଲା, କାରଣ ‘ଭେରୋନିକା’(ଦୀପିକା)ଙ୍କ ଚରିତ୍ର ବହୁତ ଜବରଦସ୍ତ ଥିଲା। ମୋତେ ଲାଗୁଛି ଯେ, ସେମାନେ ଇମ୍ରାନ୍ ଏବଂ ରଣବୀରଙ୍କୁ ଏଥିପାଇଁ ଯୋଗାଯୋଗ କରିଥିଲେ। ଏଥିରେ ହିରୋଙ୍କର କିଛି ବିଶେଷ ଭୂମିକା ନାହିଁ ବୋଲି ଅନୁଭବ କରି ରଣବୀର ଓ ଇମ୍ରାନ୍ ଏହାକୁ ଛାଡ଼ି ଦେଇଥିଲେ। ମୋତେ ଏହି ଚରିତ୍ର ପାଇଁ ଯୋଗାଯୋଗ କରିବା ପରେ ମୁଁ କାମ କରିବା ପାଇଁ ରାଜିଥିଲି। ମୋତେ ଲାଗୁଛି ଯେ, ସେମାନେ ସମସ୍ତେ ମୋ ପାଖରେ ଏଥିପାଇଁ କୃତଜ୍ଞ ରହିବା ଉଚିତ ଯେ, ମୁଁ ଏହି ଚରିତ୍ରଟି କଲି।” ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ରଣବୀର ‘କକ୍‌ଟେଲ୍’କୁ ପ୍ରତ୍ୟାଖ୍ୟାନ କରିବା ସହିତ ଦୀପିକାଙ୍କୁ ମଧ୍ୟ ଏହି ଚଳଚ୍ଚିତ୍ରରେ କାମ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ, ଦୀପିକା ତାଙ୍କ କଥା ନ ଶୁଣି ଏଥିରେ କାମ କରିବା ପାଇଁ ରାଜି ହୋଇ ଯାଇଥିଲେ। ଏହି ଚଳଚ୍ଚିତ୍ର ରିଲିଜ୍ ହେବା ପରେ ରଣବୀର ତାଙ୍କର ନିଷ୍ପତ୍ତି ଭୁଲ୍ ଥିଲା ବୋଲି ପରେ ସ୍ୱୀକାର କରିଥିଲେ।

## ସମ୍ଭାବନା



## ସାର୍ଟିଫିକେଟ୍ କିଭଳି ସାଇତି ରଖିବେ



**ସ୍କୁଲ ତଥା କଲେଜ ଦସ୍ତାବିଜଙ୍କୁ ସାଇତି ରଖିବା ଛାତ୍ର ଏବଂ ଅଭିଭାବକଙ୍କ ପାଇଁ ଏକପ୍ରକାର କଷ୍ଟକର କାମ ହୋଇଥାଏ। ତେବେ କିଛି ସହଜ ଉପାୟ ଆପଣାଇ ଏହି କାମକୁ ବ୍ୟବସ୍ଥିତ କରିପାରିବେ ଏବଂ ସବୁ କିଛି ଠିକ୍ ସ୍ଥାନରେ ରହିପାରିବ।**

ଆଜିର ସମୟରେ ପ୍ରତ୍ୟେକ କାମ ଟେକ୍ନୋଲୋଜି ମାଧ୍ୟମରେ ହେଉଛି। ଡିଜିଟାଲ ଉପାୟରେ ଫାଇଲକୁ ସେଭ୍ କରିବା ଉପଯୋଗୀ ହୋଇପାରେ। ଜରୁରି ଦସ୍ତାବିଜକୁ ସ୍କାନ କରି କମ୍ପ୍ୟୁଟର ତଥା କ୍ଲାଉଡ ଷ୍ଟୋରେଜରେ ଅଲଗା ଅଲଗା ଫୋଲଡର କରି ରଖନ୍ତୁ। ଏହା ଦ୍ୱାରା କାଗଜପତ୍ର ଖୋଜିବାକୁ ପଡ଼ିବ ନାହିଁ।

ରଙ୍ଗରେ କୋଡ୍ କରି ସ୍କୁଲ, କଲେଜ ଦସ୍ତାବିଜକୁ ବ୍ୟବସ୍ଥିତ ରଖିବାର ଏକ ସହଜ ଓ ପ୍ରଭାବୀ ଉପାୟ ବୋଲି କୁହାଯାଉଛି। ଅଲଗା ଅଲଗା ଜିନିଷ ଲାଗି ଭିନ୍ନ ଭିନ୍ନ ରଙ୍ଗ ବାଛିପାରିବେ। ଆସାଇନମେଣ୍ଟ, ସିଡ୍ୟୁଲ ଲାଗି ଅଲଗା, ଜରୁରି ସୂଚନା ଲାଗି ଭିନ୍ନ ରଙ୍ଗକୁ ବାଛିପାରିବେ। ଏହା ଦ୍ୱାରା ଏକଥା ବୁଝିବାରେ ସହଜ ହେବ, କେଉଁ ଦସ୍ତାବିଜ୍ ଆବଶ୍ୟକ।

ସ୍କୁଲ ଦସ୍ତାବିଜ ସିଷ୍ଟମକୁ ବ୍ୟବସ୍ଥିତ ରଖିବା ଲାଗି ଏକ ନିର୍ଦ୍ଧାରିତ ଦିନଚର୍ଯ୍ୟା ପ୍ରସ୍ତୁତ କରିବା ଉଚିତ। ଏ ଲାଗି ସପ୍ତାହରେ କିଛି ସମୟ ବାହାର କରି ନୂଆ କାଗଜପତ୍ରକୁ ଦେଖି ପୁରୁଣା ଦସ୍ତାବିଜକୁ ଅପଡେଟ୍ କରନ୍ତୁ। ଯାହାର ଆବଶ୍ୟକତା ନାହିଁ, ତାହାକୁ ହଟାଇ ଦିଅନ୍ତୁ।

ଦସ୍ତାବିଜକୁ ଭଲଭାବରେ ସମ୍ଭାଳିବା ପାଇଁ ଅନେକ ମୋବାଇଲ ଆପ୍ ଉପଲବ୍ଧ। ଏହି ଆପ୍ ସ୍ମାର୍ଟଫୋନ୍ , ଟାବଲେଟରୁ ସିଧା ଫାଇଲକୁ ସ୍କାନ କରିବା ସହିତ ସାଇତି ରଖେ। ଏପରିକି ସେୟାର କରିବା ସୁବିଧା ପ୍ରଦାନ କରେ।

## ପାଠପଢ଼ାରେ ଧ୍ୟାନ ବୃଦ୍ଧି ପାଇଁ...



ସାଧାରଣତଃ ପାଠ ପଢ଼ାରେ ପିଲାଙ୍କ ଧ୍ୟାନ ଭଗ୍ନ ଶୀଘ୍ର ହୋଇଯାଏ। ବର୍ତ୍ତମାନ ସମୟରେ ମୋବାଇଲ, ଟିଭି, ଭିଡିଓ ଗେମ୍, ସୋସିଆଲ ମିଡିଆ ସେମାନଙ୍କ ଧ୍ୟାନ ଉପରେ ପ୍ରଭାବ ପକାଉଛି। ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ବ୍ରେନ ଏକ୍ସରସାଇଜ୍ କଲେ ଦୁଇ ମିନିଟ୍‌ରେ ପଢ଼ାରେ ମନ ଲାଗିବ।

**୫-୪-୩-୨-୧ ନିୟମ:** ପିଲାଙ୍କୁ ପାଞ୍ଚଟି ଜିନିଷ ଦେଖାନ୍ତୁ। ୪ଟିକୁ ସ୍ପର୍ଶ କରିବାକୁ କୁହନ୍ତୁ। ତିନିଟିର ଶବ୍ଦ ଶୁଣାନ୍ତୁ। ୨ଟି ସୁଗନ୍ଧ ଅନୁଭବ କରିବାକୁ କୁହନ୍ତୁ। ଗୋଟିଏର ସ୍ୱାଦ ବାରିବାକୁ କୁହନ୍ତୁ। ଏହି ଏକ୍ସରସାଇଜ୍ ମସ୍ତିଷ୍କକୁ ଶାନ୍ତ କରେ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ମେମୋରି ଟ୍ରେ ଚ୍ୟାଲେଞ୍ଜ:** ଗୋଟିଏ ଟ୍ରେରେ ୮ ରୁ ୧୦ଟି ଛୋଟ ଜିନିଷ ରଖନ୍ତୁ। ପିଲାଙ୍କୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ତାହାକୁ ଦେଖିବାକୁ ଦିଅନ୍ତୁ। ତା’ପରେ ଟ୍ରେକୁ ଘୋଡ଼ାଇ ଦିଅନ୍ତୁ। ଏବେ ପିଲାଙ୍କୁ ବସ୍ତୁର ନାଁ ପଚାରନ୍ତୁ। ଏହି ଏକ୍ସରସାଇଜ ମେମୋରି ଏବଂ ଧ୍ୟାନକୁ ମଜଭୁତ କରେ।

**ଖେଳରେ ଧ୍ୟାନ:** ପିଲାଙ୍କୁ ଛିଡ଼ା କରି ଡାହାଣ ହାତକୁ ବାମ ଗୋଡ଼ ଏବଂ ବାମ ହାତରେ ଡାହାଣ ଗୋଡ଼କୁ ଛୁଇଁବାକୁ କୁହନ୍ତୁ। ଏହାକୁ ୨-୨ ମିନିଟ୍ କରନ୍ତୁ। ଏହି ଏକ୍ସରସାଇଜ୍ ମସ୍ତିଷ୍କର ଦୁଇ ଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରେ । ଶିଖିବା କ୍ଷମତାକୁ ବିକଶିତ କରାଏ। ପିଲାଙ୍କୁ ଗୀତରେ ନାଚିବାକୁ କୁହନ୍ତୁ। ଗୀତ ବନ୍ଦ ହେବା ପରେ ସ୍ଥିର ହୋଇ ଛିଡ଼ା ହେବାକୁ କୁହନ୍ତୁ। ଏହି ଖେଳ ଆତ୍ମନିୟନ୍ତ୍ରଣ- ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ସ୍କ୍ରିନ୍ ଟାଇମ୍ ସୀମିତ କରନ୍ତୁ:** ପିଲାଙ୍କୁ ପର୍ଯ୍ୟାପ୍ତ ଶୋଇବାକୁ କୁହନ୍ତୁ। ପଢ଼ା ପାଇଁ ଶାନ୍ତ ବାତାବରଣ ସୃଷ୍ଟି କରନ୍ତୁ। ୨୦-୩୦ ମିନିଟ୍ ପଢ଼ା ପରେ ଛୋଟ ବ୍ରେକ୍ ନିଅନ୍ତୁ। ପୁଷ୍ଟିକର ଖାଦ୍ୟ ଏବଂ ଶାରୀରିକ କାଯ୍ୟକଳାପକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ ଟାଇମ୍ ସୀମିତ କରନ୍ତୁ।

## କ୍ୟାରିୟର ପାଇଁ କମ୍ପ୍ୟୁଟର କୋର୍ସ



**ବର୍ତ୍ତମାନ ଯୁଗ ସମ୍ପୂର୍ଣ୍ଣ ଡିଜିଟାଲ। ଚାକିରି ହେଉ ଅବା ବ୍ୟବସାୟ ପ୍ରାୟ ପ୍ରତ୍ୟେକ ସ୍ଥାନରେ କମ୍ପ୍ୟୁଟର ଜ୍ଞାନ ଏବେ ଲୋଡ଼ା ପଡୁଛି। ଏଭଳି ସ୍ଥିତିରେ କମ୍ ସମୟରେ କମ୍ପ୍ୟୁଟର ଜ୍ଞାନ କୌଶଳ ଶିଖିବା ଜରୁରି। କାରଣ ଏହା କ୍ୟାରିୟରକୁ ନୂଆ ଦିଶା ପ୍ରଦାନ କରିବ। କିଛି କମ୍ପ୍ୟୁଟର କୋର୍ସ ଏଭଳି ଅଛି, ଯାହାକୁ ୬ ମାସରୁ ଆରମ୍ଭ କରି ବର୍ଷେ ଭିତରେ ପୂରା କରାଯାଇପାରିବ। ଏହା ମାଧ୍ୟମରେ ଭଲ ଚାକିରି ମଧ୍ୟ ମିଳିଥାଏ।**

**ଡିସିଏ:** ଡିପ୍ଲୋମା ଇନ୍ କମ୍ପ୍ୟୁଟର ଆପ୍ଲିକେସନ (ଡିସିଏ) ଏକ ଉତ୍ତମ କୋର୍ସ। ଏହି କୋର୍ସର ଅବଧି ମୁଖ୍ୟତଃ ୬ ମାସରୁ ବର୍ଷେ। ଏଥିରେ ଏମ୍‌ଏସ୍ ୱାର୍ଡ, ଏକ୍‌ସେଲ, ପାୱାର ପଏଣ୍ଟ, ଇଣ୍ଟରନେଟ୍ ଏବଂ କମ୍ପ୍ୟୁଟର ସମ୍ପର୍କରେ ଶିଖାଯାଏ। ଏହି କୋର୍ସର ଫି’ ଇନଷ୍ଟିଚ୍ୟୁଟ୍ ଅନୁସାରେ, ନିର୍ଦ୍ଧାରିତ ହୁଏ। କୋର୍ସ ପୂରା କରିବା ପରେ ଡାଟା ଏଣ୍ଟ୍ରି ଅପରେଟର, ଅଫିସ୍ ଆସିଷ୍ଟାଣ୍ଟ, କମ୍ପ୍ୟୁଟର ଟ୍ରେନର ଭାବେ କ୍ୟାରିୟର କରିପାରିବେ।

**ଟାଲି:** କମର୍ସ ଏବଂ ଆକାଉଣ୍ଟିଂରେ ଆଗ୍ରହ ରଖିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଟାଲି କୋର୍ସ ଖୁବ୍ ଉତ୍ତମ। ଦଶମ ଏବଂ ଦ୍ୱାଦଶ ପରେ ଏହି କୋର୍ସ କରାଯାଇପାରିବ। ଏଥିରେ ବୁକ୍‌କିପିଂ, ଜିଏସ୍‌ଟି, ବିଲିଂ, ଇନଭେଣ୍ଟ୍ରି ମ୍ୟାନେଜମେଣ୍ଟ ଏବଂ ଆକାଉଣ୍ଟ ସହ ଜଡ଼ିତ ବିଷୟ ଉପରେ ଟ୍ରେନିଂ ପ୍ରଦାନ କରାଯାଏ। ଏହି କୋର୍ସ ପୂରା ହେବା ପରେ କମ୍ପାନି ଆକାଉଣ୍ଟ ବିଭାଗରେ ଚାକିରି ପାଇବା ଅବସର ବଢ଼ିଯାଏ।

**ସି++:** ପୋଗ୍ରାମିଂ ପ୍ରତି ଆଗ୍ରହ ଥିଲେ ସି++ ଏବଂ ସଫ୍ଟୱେର ଇଞ୍ଜିନିୟରିଂ କୋର୍ସ ଭଲ ବିକଳ୍ପ। ଏହି କୋର୍ସରେ ପୋଗ୍ରାମିଂ ଲାଙ୍ଗୁଏଜ, ସଫ୍ଟୱେର ଡେଭଲପମେଣ୍ଟ, ଆପ୍ଲିକେସନ ଡିଜାଇନିଂ ସମ୍ପର୍କିତ ଜ୍ଞାନ ପ୍ରଦାନ କରାଯାଏ। ଆଜିର ସମୟରେ ସଫ୍ଟୱେର ଡେଭଲପର ଏବଂ ଆପ୍ ଡେଭଲପରର ଚାହିଦା ଦ୍ରୁତ ଗତିରେ ବଢୁଛି। ଏହା ପରେ ଟେକ୍ନୋଲୋଜି ସେକ୍ଟରରେ କ୍ୟାରିୟରର ଅନେକ ରାସ୍ତା ଖୋଲିଯାଏ।

**ଇ-ବିଜନେସ୍:** ଡିଜିଟାଲ ଇଣ୍ଡିଆ ଏବଂ ଅନଲାଇନ ବିଜନେସର ଚାହିଦା ବଢୁଥିବାରୁ ସାଇବର ସିକ୍ୟୁରିଟି ଏବଂ ଇ-ବିଜନେସ ଏକ୍ସପର୍ଟଙ୍କ ଚାହିଦା ଦ୍ରୁତ ଗତିରେ ବଢୁଛି। ଏହି କୋର୍ସରେ ୱେବ୍‌ସାଇଟ ମ୍ୟାନେଜମେଣ୍ଟ, ଅନଲାଇନ ପେମେଣ୍ଟ ସିଷ୍ଟମ, ଡିଜିଟାଲ ବିଜନେସ ଅପରେସନ ଏବଂ ଇଣ୍ଟରନେଟ୍ ସୁରକ୍ଷା ସହିତ ଜଡ଼ିତ ବିଷୟ ଶିଖାଯାଉଛି। କୋର୍ସ ପୂରା ହେବା ପରେ ଡିଜିଟାଲ ମାର୍କେଟିଂ ଏଜେନ୍ସି, ଇ-କମର୍ସ କମ୍ପାନି ବା ସାଇବର କନସଲଟାଣ୍ଟ ଭାବେ ନିଜ କ୍ୟାରିୟର ଆରମ୍ଭ କରିପାରିବେ।

## ଜୁମ୍‌ର ନୂଆ ଟୁଲ୍

ଜୁମ୍ ତା’ର ନୂଆ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟୁଲ୍ ‘ଜୁମ୍‌ମେଟ୍’କୁ ପରିଚିତ କରାଇଛି। ଏହି ଟୁଲ୍ ମିଟିଂକୁ ଧ୍ୟାନରେ ଶୁଣେ ଏବଂ ଏହାପରେ ଫଲୋ-ଅପ୍ କାମକୁ ସଙ୍ଗେ ସଙ୍ଗେ ନିଜେ କରିଦିଏ। ମିଟିଂରେ କୌଣସି ନିଷ୍ପତ୍ତି ନିଆଗଲେ ଏହି ଟୁଲ୍ ସଙ୍ଗେ ସଙ୍ଗେ ତାହା ଉପରେ କାମ କରିବା ଆରମ୍ଭ କରେ। ଏଇ ଯେମିତି ଟିକଟ୍ ତିଆରି କରିବା, ସେଲଫୋର୍ସକୁ ଅପଡେଟ କରିବା, ପ୍ରସ୍ତାବ ପ୍ରସ୍ତୁତ କରିବା ତଥା ଟିମ୍‌କୁ ଜରୁରି ତଥ୍ୟ ଦେବା।

ଏହା ଜୁମ୍‌ମେଟ୍ ସ୍ଲେକ୍, ଗୁଗଲ ୱାର୍କସ୍ପେସ୍, ମାଇକ୍ରୋସଫ୍ଟ ୩୬୫ ଏବଂ ଅନ୍ୟ ପରିଚିତ ଆପ ସହିତ ସହଜରେ ଯୋଡ଼ି ହୋଇଯାଏ। ଏହା କେବଳ ମିଟିଂର ସାରାଂଶ ପ୍ରଦାନ କରି ନ ଥାଏ , ବରଂ ଲାଇଭ୍ ମିଟିଂ ସମୟରେ ପ୍ରକୃତ କାମ କରିଥାଏ। ଏହା ଦରକାର ପଡ଼ିଲେ ଜରୁରି ଡାଟାକୁ ସାମ୍ନାକୁ ଆଣେ। ନଚେତ କଲ୍ କଟି ଯିବା ମାତ୍ରେ ହିଁ ଫଲୋ-ଅପ୍ ମେସେଜ ପଠାଇ ଦିଏ। ଏହି ଟୁଲ୍ ଜୁମ୍‌ର ପେଡ୍ ପ୍ଲାନ୍ ସହିତ ଆଡ୍‌ଅନ୍ ଭାବେ ମିଳିଥାଏ। ଏହା ଦ୍ୱାରା ବ୍ୟସ୍ତ ଟିମ୍‌କୁ କାମ କରିବା ଖୁବ୍ ସହଜ ହେବା କୁହାଯାଉଛି।








# ୧୬ତମ ଗୋଲ୍ ଦେବାରେ ଏମ୍‌ବାପେ ଦ୍ରୁତତମ

**ଫିଲାଡେଲଫିଆ,୨୩।୬(ଏଜେନ୍ସି):** ଏଠାରେ ସୋମବାର ଖେଳାଯାଇଥିବା ଇରାକ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଫ୍ରାନ୍ସର ୨୭ ବର୍ଷୀୟ ତାରକା ଖେଳାଳି କିଲିଆନ୍ ଏମ୍‌ବାପେ ୨ଟି ଗୋଲ ସ୍କୋର କରିଛନ୍ତି। ଏହି ଡବଲ ଗୋଲ ବଳରେ ବିଶ୍ୱକପ୍‌ରେ ତାଙ୍କ ଗୋଲ ସଂଖ୍ୟା ୧୬ରେ ପହଞ୍ଚିଛି। ସେ ବିଶ୍ୱକପ୍‌ରେ ୧୬ତମ ମ୍ୟାଚ୍ ଖେଳି ୧୬ଟି ଗୋଲ ଦେବା ସହ ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କ୍ଲୋଜ୍ ୨୪ଟି ଓ ସର୍ବକାଳୀନ ଟପ୍ ସ୍କୋରର ଆର୍ଜେଣ୍ଟିନାର ଲିଓନେଲ ମେସି ୨୭ତମ ମୁକାବିଲାରେ ୧୬ତମ ଗୋଲ ସ୍କୋର କରିଥିଲେ। କ୍ଲୋଜ୍ ୪ଟି ଓ ମେସି ୬ଟି ବିଶ୍ୱକପ୍ ସଂସ୍କରଣରେ ଖେଳିଛନ୍ତି। କିନ୍ତୁ ୨୦୧୮, ୨୦୨୨ ଓ ୨୦୨୬ରେ ଏମ୍‌ବାପେ ତୃତୀୟ ବିଶ୍ୱକପ୍ ଖେଳୁଛନ୍ତି। ସେ ଯେପରି ଖେଳୁଛନ୍ତି ଚଳିତ ବିଶ୍ୱକପ୍‌ରେ ମେସିଙ୍କୁ ଅତିକ୍ରମ କରି ଫିଫା ବିଶ୍ୱକପ୍‌ରେ ସର୍ବକାଳୀନ ଟପ୍ ଗୋଲ ସ୍କୋରର ହେବାର ରେକର୍ଡ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଫ୍ରାନ୍ସ ପକ୍ଷରୁ ସେ ମଧ୍ୟ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି ଓ ଏବେ ଦଳର ଅଧିନାୟକ ରହିଛନ୍ତି। ମେସି ୧୮, ଏମ୍‌ବାପେ ଓ କ୍ଲୋଜ୍ ୧୬ଟି ଲେଖାଏଁ, ବ୍ରାଜିଲ୍‌ର ରୋନାଲ୍ଡୋ ୧୫ଟି, ପଶ୍ଚିମ ଜର୍ମାନୀର ଗର୍ଡ ମୁଲର ୧୪ଟି ଗୋଲ ସ୍କୋର କରି ସର୍ବକାଳୀନ ସର୍ବାଧିକ ଗୋଲ ତାଲିକାରେ ଯଥାକ୍ରମେ ପ୍ରଥମରୁ ପଞ୍ଚମ ସ୍ଥାନରେ ରହିଛନ୍ତି।

# କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଡବଲ

**ହଷ୍ଟନ, ୨୨।୬ (ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍‌ରେ ତାରକା ଖେଳାଳି ଚମକିଛନ୍ତି। ଲିଓନେଲ ମେସି, କିଲିଆନ୍ ଏମ୍‌ବାପେ ଓ ଏର୍ଲିଙ୍ଗ ହଲାଣ୍ଡ ସୋମବାର ରାତିରେ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ମଙ୍ଗଳବାର ରାତିରେ ଏଠାରେ ଖେଳାଯାଇଥିବା ଉଜ୍‌ବେକିସ୍ତାନ ବିପକ୍ଷ ଗ୍ରୁପ୍-କେ’ର ମୁକାବିଲାରେ ପର୍ତ୍ତୁଗାଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଡବଲ ଗୋଲ ଦେଇ ଚମକିଛନ୍ତି। ତାଙ୍କ ଡବଲ ଓ ନୁନୋ ମେଣ୍ଡିସ୍‌ଙ୍କ ଗୋଟିଏ ଗୋଲ ବଳରେ ପ୍ରଥମାର୍ଦ୍ଧ ଖେଳ ଶେଷସୁଦ୍ଧା ପର୍ତ୍ତୁଗାଲ ୩-୦ ଗୋଲରେ ଆଗୁଆ ରହିଛି। ପର୍ତ୍ତୁଗାଲ ପ୍ରଥମ ମ୍ୟାଚ୍ ଡ୍ର ରଖିଥିଲାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ବିଜୟ ସୁନିଶ୍ଚିତ କରିଛି। ଉଜ୍‌ବେକିସ୍ତାନ ପ୍ରଥମ ମ୍ୟାଚ୍ ହାରିଥିଲାବେଳେ ଏହି ମ୍ୟାଚ୍ ହାରିଲେ ପ୍ରତିଯୋଗିତାରୁ ବିଦା ହେବ।

## ୧୦୦ତମ ମ୍ୟାଚ୍‌ରେ କିଲିଆନ୍ ଏମ୍‌ବାପେଙ୍କ ଡବଲ ଗୋଲ୍

# ଇରାକ୍‌କୁ ହରାଇ ନକ୍‌ଆଉଟ୍‌ରେ ଫ୍ରାନ୍ସ

ଫିଲାଡେଲଫିଆ,୨୩।୬(ଏଜେନ୍ସି)



ସୁପରଷ୍ଟାର କିଲିଆନ୍ ଏମ୍‌ବାପେଙ୍କ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଡବଲ ଗୋଲ୍ ସ୍କୋର କରିବା ଫଳରେ ଏଠାରେ ସୋମବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଆଇ’ର ଏକ ଲିଗ୍ ମ୍ୟାଚ୍‌ରେ ଫ୍ରାନ୍ସ ୩-୦ ଗୋଲରେ ଇରାକ୍‌କୁ ପରାସ୍ତ କରିଛି। ସେହିପରି ଅନ୍ୟତମ ସୁପରଷ୍ଟାର ଏର୍ଲିଙ୍ଗ ହଲାଣ୍ଡଙ୍କ ଡବଲ ଗୋଲ ବଳରେ ନ୍ୟୁୟର୍କର ନ୍ୟୁ ଜର୍ସୀଠାରେ ଖେଳାଯାଇଥିବା ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ନରୱେ ୩-୨ ଗୋଲରେ ସେନେଗାଲ୍‌କୁ ହରାଇ ଦେଇଛି। ଏହା ଫଳରେ ଗ୍ରୁପ୍‌ରେ କ୍ରମାଗତ ବିଜୟ ସହ ୨ଥରର ଚାମ୍ପିଅନ୍ ଫ୍ରାନ୍ସ ଏବଂ ନରୱେ ଗ୍ରୁପ୍-ଆଇ’ରୁ ନକ୍‌ଆଉଟ ବା ରାଉଣ୍ଡ ଅଫ ୩୨ରେ ପ୍ରବେଶ କରିଛନ୍ତି। ଏହି ଦୁଇ ଦଳ ମଧ୍ୟରେ ହେବାକୁ ଥିବା ମୁକାବିଲା ପରେ ଗ୍ରୁପ୍‌ରେ କିଏ ପ୍ରଥମ ଓ କିଏ ଦ୍ୱିତୀୟ ସ୍ଥାନ ଅଧିକାର କରିବ ତାହା ସ୍ଥିର ହେବ। ଏହି ମ୍ୟାଚ୍‌ରେ ଡବଲ ଗୋଲ ଦେଇ ଫରାସୀ ତାରକା ଏମ୍‌ବାପେ ଫିଫା ବିଶ୍ୱକପ୍ ଇତିହାସରେ ୧୬ତମ ଗୋଲ ସ୍କୋର କରି ଦୀର୍ଘଦିନର ରେକର୍ଡଧାରୀ ମିରୋସ୍ଲାଭ୍ କ୍ଲୋଜ୍‌ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରିଆ ବିପକ୍ଷରେ ଡବଲ ଗୋଲ ସ୍କୋର କରିଥିବା ଆର୍ଜେଣ୍ଟିନାର ଲିଓନେଲ ମେସୀ ବିଶ୍ୱକପ୍ ଇତିହାସରେ ସର୍ବକାଳୀନ ସର୍ବାଧିକ ୧୮ଟି ଗୋଲ ଦେଇ ରେକର୍ଡ କରିଥିଲେ। ଫ୍ରାନ୍ସ ଓ ଇରାକ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ପରେ ବର୍ଷା, ଘଡଘଡ଼ି ଯୋଗୁଁ ଦୀର୍ଘ ସମୟ ଖେଳ ବନ୍ଦ ରହିଥିଲା। ଚଳିତ ଫିଫା ବିଶ୍ୱକପ୍‌ରେ ଖରାପ ପାଗ ଯୋଗୁଁ ଖେଳ ବାଧାପ୍ରାପ୍ତ ହେବାରେ ଏହା ହେଉଛି ପ୍ରଥମ ମ୍ୟାଚ୍।

ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଇରାକ ବିପକ୍ଷ ମ୍ୟାଚ୍‌ରେ ଫ୍ରାନ୍ସ ଖେଳକୁ ନିୟନ୍ତ୍ରଣରେ ରଖି ଖେଳିଥିଲା। ଖେଳର ୧୪ତମ ମିନିଟ୍‌ରେ ଏମ୍‌ବାପେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ୍ ବଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଫ୍ରାନ୍ସ ୧-୦ ଗୋଲରେ ଆଗୁଆ ରହିଥିଲା। ଏହି ସମୟରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହେବାରୁ ଖେଳ ବନ୍ଦ ରହିଥିଲା। ଏପରିକି ଖେଳାଳି ଓ କର୍ମକର୍ତ୍ତାମାନେ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ୧୩୦ ମିନିଟ୍ ଖେଳ ବନ୍ଦ ରହିବା ପରେ ମୁକାବିଲା ଆରମ୍ଭ ହୋଇଥିଲା। ଖେଳର ୫୪ତମ ମିନିଟ୍‌ରେ ଏମ୍‌ବାପେ ଦ୍ୱିତୀୟ ଓ ଚଳିତ ବିଶ୍ୱକପ୍‌ରେ ଚତୁର୍ଥ ଗୋଲ ସ୍କୋର କରିଥିଲେ। ଖେଳର ୬୬ମତ ମିନିଟ୍‌ରେ ଚଳିତବର୍ଷ ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିବା ଓସ୍ମାନେ ଡେମ୍ବେଲେ ବିଶ୍ୱକପ୍‌ରେ ତାଙ୍କ ଖାତା ଖୋଲିଥିଲେ। ଇରାକ୍ ସେପରି କିଛି ଯୋଜନାବଦ୍ଧ ଆକ୍ରମଣ କରିପାରି ନ ଥିଲା। ଯେଉଁ କେତୋଟି ଆକ୍ରମଣ ରଚନା କରିଥିଲା ତାହାକୁ ଫ୍ରାନ୍ସର ଶକ୍ତିଶାଳୀ ରକ୍ଷଣଭାଗ ବିଫଳ କରିଦେଇଥିଲେ। ଯାହା ଫଳରେ ଦଳ ଗୋଲ ଦେବାକୁ ବଞ୍ଚିତ ହୋଇଥିଲା।



| ଫିଫା ବିଶ୍ୱକପ୍ ମୁକାବିଲା |
| --- |
| ଜୁନ୍-୨୪, ବୁଧବାର ରାତି |
| ସ୍ୱିଜରଲାଣ୍ଡ-କାନାଡା |
| ଭାଙ୍କୋଭର, ରାତି ୧୨.୩୦ |
| ବୋସ୍‌ନିଆ-କତାର |
| ସିଆଟଲ, ରାତି ୧୨.୩୦ |
| ମରକ୍କୋ-ହାଇତି |
| ଆଟଲାଣ୍ଟା, ରାତି ୩.୩୦ |
| ବ୍ରାଜିଲ-ସ୍କଟଲାଣ୍ଡ |
| ମିଆମି, ରାତି ୩.୩୦ |
| ଜୁନ୍-୨୫ ଗୁରୁବାର ସକାଳ |
| ଦ.କୋରିଆ-ଦ.ଆଫ୍ରିକା |
| ଗୌଦଲଜାରା, ସକାଳ ୬.୩୦ |
| ମେକ୍ସିକୋ-ଚେକିଆ |
| ମେକ୍ସିକୋ ସିଟି, ସକାଳ ୬.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ହଲାଣ୍ଡଙ୍କ ଡବଲ ଗୋଲ

# ତୃତୀୟଥର ଲାଗି ନକ୍‌ଆଉଟରେ ନରୱେ

**ନ୍ୟୁୟର୍କ, ୨୩।୬ (ଏଜେନ୍ସି):** କ୍ରମାଗତ ଦ୍ୱିତୀୟ ବିଜୟ ସହ ନରୱେ ଚଳିତ ଫିଫା ବିଶ୍ୱକପ୍‌ର ନକ୍‌ଆଉଟ୍ ଅର୍ଥାତ୍ ରାଉଣ୍ଡ-୩୨ରେ ପ୍ରବେଶ କରିଛି। ମଙ୍ଗଳବାର ଭୋର ସମୟରେ ସ୍ଥାନୀୟ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଆଇ’ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନରୱେ ୩-୨ ଗୋଲରେ ସେନେଗାଲ୍‌କୁ ପରାସ୍ତ କରିଥିଲା। ଦଳର ଷ୍ଟାର ଷ୍ଟ୍ରାଇକର ଏର୍ଲିଙ୍ଗ ହଲାଣ୍ଡ ଡବଲ୍ ଗୋଲ୍ ଦେଇ ନରୱେକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ୪-୧ ଗୋଲ୍‌ରେ ଇରାକକୁ ହରାଇଥିବା ନରୱେ ଏଥିସହ ୬ ପଏଣ୍ଟ ପାଇ ଫ୍ରାନ୍ସ ପଛକୁ ଦ୍ୱିତୀୟ ଦଳ ଭାବେ ଏହି ଗ୍ରୁପ୍‌ରୁ ରାଉଣ୍ଡ-୩୨କୁ ଯୋଗ୍ୟତା ଅର୍ଜନ କରିଛି। ନରୱେ ଏହାର ଶେଷ ମ୍ୟାଚରେ ଜୁନ ୨୭ରେ ଟେବୁଲ ଟପ୍ପର ଫ୍ରାନ୍ସକୁ ଭେଟିବ।

ନରୱେ ଓ ସେନେଗାଲ୍ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ତେବେ ପ୍ରଥମାର୍ଦ୍ଧର ଅନ୍ତିମ ମୁହୂର୍ତ୍ତରେ ମାର୍କସ ହୋଲମଗ୍ରୀନଙ୍କ ଗୋଲ୍ ବଳରେ ନରୱେ ଖାତା ଖୋଲିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଆହୁରି ସଂଘର୍ଷପୂର୍ଣ୍ଣ ଖେଳ ଦେଖିବାକୁ ମିଳିଥିଲା। ୪୮ତମ ମିନିଟରେ ହଲାଣ୍ଡଙ୍କ ଗୋଲ୍ ବଳରେ ନରୱେର ଅଗ୍ରଣୀ ୨-୦କୁ ବୃଦ୍ଧି ପାଇଥିଲା। ଏହାର ୫ ମିନିଟ୍ ସେନେଗାଲ୍‌ର ଇସମାଇଲ ସାର୍ ଦଳ ପାଇଁ ପ୍ରଥମ ଗୋଲ୍



ଦେଇଥିଲେ। ଫଳରେ ମ୍ୟାଚ୍ ୨-୧ ସ୍ଥିତିକୁ ଚାଲିଆସିଥିଲା। ତେବେ ପାଞ୍ଚ ମିନିଟ୍ ପରେ ପୁଣିଥରେ ହଲାଣ୍ଡଙ୍କ ଚମକ ଦେଖିବାକୁ ମିଳିଥିଲା। ହଲାଣ୍ଡ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପାଇଁ ତୃତୀୟ ଗୋଲ୍ ଦେଇଥିଲେ। ଏହାପରେ ସେନେଗାଲ୍ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା। ଇଞ୍ଜୁରୀ ଟାଇମ୍‌ରେ ଇସମାଇଲ ଆଉ ଏକ ଗୋଲ୍ କରିଥିଲେ ମଧ୍ୟ ସେନେଗାଲକୁ ୨-୩ ଗୋଲରେ ପରାଜୟରୁ ରକ୍ଷା କରିପାରି ନ ଥିଲେ। ବିଜୟ ସହ ନରୱେ ବିଶ୍ୱକପ୍ ଇତିହାସରେ ତୃତୀୟଥର ଲାଗି ନକ୍‌ଆଉଟ୍‌ରେ ପ୍ରବେଶ କରିଛି। ଦଳ ଏଥିପୂର୍ବରୁ ନରୱେ ୧୯୩୮ ଓ ୧୯୯୮ରେ ନକ୍‌ଆଉଟ୍ ଖେଳିଥିଲା।

# ଜୋର୍ଡାନକୁ ବିଦା କଲା ଆଲଜେରିଆ

**ସାଣ୍ଟା କ୍ଲାରା,୨୩।୬(ଏଜେନ୍ସି):** ନାଧୀର ବେନ୍‌ବୌଆଲୀ ଓ ଅମିନୋ ଗୌଇରୀଙ୍କ ଗୋଲ ବଳରେ ସାନ୍‌ଫ୍ରାନସିସ୍କୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଜେ’ର ଏକ ଲିଗ୍ ମ୍ୟାଚ୍‌ରେ ଆଲଜେରିଆ ୨-୧ ଗୋଲରେ ଜୋର୍ଡାନକୁ ପରାସ୍ତ କରିଛି। ଦ୍ୱିତୀୟ ମୁକାବିଲାରୁ ପ୍ରଥମ ବିଜୟ ଫଳରେ ଆଲଜେରିଆ ନକ୍‌ଆଉଟକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରଖିଛି। ସେହିପରି କ୍ରମାଗତ ମ୍ୟାଚ୍‌ରେ ହାରିଯିବା ପରେ ଡେବ୍ୟୁଟାଣ୍ଟ ଜୋର୍ଡାନ୍ ଚଳିତ ବିଶ୍ୱକପ୍ ଲିଗ୍ ବା ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇଛି। ଏହି ମ୍ୟାଚ୍‌ଟି ଆଲଜେରିଆର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିଲା। ସମସ୍ତ ବିଭାଗରେ ଆଲଜେରିଆର ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। କିନ୍ତୁ ମ୍ୟାଚ୍‌ରେ ପ୍ରଥମ ଗୋଲ ଦେଇଥିଲା ଜୋର୍ଡାନ। ଖେଳର ୩୬ତମ ମିନିଟ୍‌ରେ ମୌସା ଅଲି ତମାରିଙ୍କ ପାସ ଗୋଲ ପୋଷ୍ଟ ସାମ୍ନାରେ ପଡ଼ିଥିଲା। ସେଠାରେ ଥିବା ନିଜାର ଅଲ ରାଶଦାନ କୌଣସି ତ୍ରୁଟି ନ କରି ନିଜ ଦେଶ ପକ୍ଷରୁ ପ୍ରଥମ ବିଶ୍ୱକପ୍ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଜୋର୍ଡାନ ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆଲଜେରିଆ ସବୁଥିରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଖେଳର ୬୯ତମ ମିନିଟ୍‌ରେ ରିୟାଦ୍ ମାହେରାଜ୍‌ଙ୍କଠାରୁ ପାସ୍ ପାଇ ବଦଳ ଖେଳାଳି ନାଧିର ହେଡ୍‌ର ଜରିଆରେ ଗୋଲ ଶୁଝାଇ ଦେଇଥିଲେ। ଖେଳ ସମାନ ସ୍ତରକୁ ଆସିବା ପରେ ଆଲଜେରଆ ଘନ ଘନ ଆକ୍ରମଣ କରିଥିଲା। ଜୋର୍ଡାନ ମଧ୍ୟ ଏହି ସମୟରେ ସଂଘର୍ଷ କରିଥିଲା। ଏଥିରୁ ଫାଇଦା ଉଠାଇ ୮୨ତମ ମିନିଟ୍‌ରେ ଆମିନେ ଗୌଇରୀ ଦ୍ରୁତଗତିରେ ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଶେଷଭାବେ ଏହି ଉତ୍ତର ଆଫ୍ରିକୀୟ ଦଳ ଖେଳକୁ ନିୟନ୍ତ୍ରଣରେ ରଖିବା ସହ ପୂରା ନ ପଏଣ୍ଟ ପାଇ ଦ୍ୱିତୀୟ ରାଉଣ୍ଡକୁ ଯିବାର ଆଶା ଉଜ୍ଜୀବିତ ରଖିଛି।

# ପ୍ରୋ-ଲିଗ୍ ହକି: ଭାରତଠାରୁ ହାରିଲା ପାକିସ୍ତାନ

**ଲଣ୍ଡନ,୨୩।୬(ଏଜେନ୍ସି):** ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ଆଜି ଖେଳାଯାଇଥିବା ଏକ ମୁକାବିଲାରେ ଭାରତ ତାହାର ପଡୋଶୀ ପାକିସ୍ତାନକୁ ୪-୩ ଗୋଲରେ ପରାସ୍ତ କରିଛି। ନିକଟରେ ଜର୍ମାନୀ ଓ ନେଦରଲ୍ୟାଣ୍ଡସ ପରି ବିଶ୍ୱଚାମ୍ପିଅନ ଦଳକୁ ହରାଇଥିବା ଭାରତ ଏହି ମ୍ୟାଚ୍‌ରେ ଆଶାନୁରୂପ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ତଥାପି ଦଳ ପ୍ରଥମେ ଗୋଲ ଖାଇବା ପରେ ଖେଳକୁ ନିଜ ନିୟନ୍ତ୍ରଣକୁ ଆଣି ମ୍ୟାଚ୍ ଜିତିବାରେ ସଫଳ ହୋଇଥିଲା। ଭାରତ ପକ୍ଷରୁ ଅଭିଷେକ, ନିଳକାନ୍ତ ଶର୍ମା, ସୁଖଜିତ ସିଂହ ଓ ରାଜିନ୍ଦର ସିଂହ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପାକିସ୍ତାପ ପକ୍ଷରୁ ନଦୀମ ଅହମ୍ମଦ୍, ଅବୁ ମହମ୍ମଦ୍ ଓ ମୋଇନ୍ ସକିଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

# ରୋହିତ୍, ଅମ୍ରିତରାଜଙ୍କୁ ‘ପଦ୍ମ’ ପୁରସ୍କାର

**ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି):** ଟି-୨୦ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ରୋହିତ୍ ଶର୍ମା ଓ ପୂର୍ବତନ ମହାନ ଟେନିସ୍ ଖେଳାଳି ବିଜୟ ଅମ୍ରିତରାଜଙ୍କୁ ମଙ୍ଗଳବାର ‘ପଦ୍ମ’ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ‘ପଦ୍ମଶ୍ରୀ’ ପୁରସ୍କାର ରୋହିତ୍ ଶର୍ମାଙ୍କୁ ପ୍ରଦାନ କରିଥିଲେ। ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ ଗ୍ରହଣ କରିବାରେ ରୋହିତ ୪୦ତମ କ୍ରିକେଟର୍ ହୋଇଛନ୍ତି। ସେହିଭଳି ୭୨ ବର୍ଷୀୟ ଅମ୍ରିତରାଜଙ୍କୁ ଦେଶର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ‘ପଦ୍ମଭୂଷଣ’ ପ୍ରଦାନ କରାଯାଇଥିଲା। ଅମ୍ରିତରାଜ ୧୯୮୦ରେ ବିଶ୍ୱ ମାନ୍ୟତାର ୧୮ତମ ସ୍ଥାନ ହାସଲ କରିଥିଲେ। ଯାହାକି ଏଟିପି ସିଙ୍ଗଲ୍ସରେ



ତାଙ୍କର କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ଥିଲା। ବିଜୟ ତିନିଥର ଜାତୀୟ ସିଙ୍ଗଲ୍ସ ଚାମ୍ପିଅନ୍ ରହିଥିଲେ। ସେ ଦୁଇ ଦଶନ୍ଧି ଧରି ଭାରତରୁ ପ୍ରତିନିଧିତ୍ୱ କରିଥିବା ବିଜୟଙ୍କ ନେତୃତ୍ୱରେ ଭାରତ ୧୯୭୪ ଏବଂ ୧୯୮୭ରେ ଦୁଇଥର ଡେଭିସ୍ କପ୍ ଫାଇନାଲ ଖେଳିଥିଲା। ସିଓଲରେ ୧୯୮୦ରେ ଅନୁଷ୍ଠିତ ଅଲିମ୍ପିକ୍ସ ପାଇଁ ସେ ଭାରତୀୟ ଦଳର ମଶାଲବାହକ ଭୂମିକା ନିଭାଇଥିଲେ।

# କଳିଙ୍ଗରେ ଆଜିଠାରୁ ଆନ୍ତଃରାଜ୍ୟ ଦୌଡ଼କୁଦ

**ଭୁବନେଶ୍ୱର,୨୩।୬(ସମିସ):** ୬୫ତମ ଜାତୀୟ ଆନ୍ତଃରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ୫ ଦିନ ଧରି ଆୟୋଜିତ ହେବ। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ଲାଗି ଏହି ପ୍ରତିଯୋଗିତା ଅନେକ ଗୁରୁତ୍ୱ ରଖୁଛି। ଏଥିରେ ମୋଟ ୬୩୦ ଜଣ ପ୍ରତିଯୋଗୀ ୪୫ଟି ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ୨୮ଜଣ ଅଂଶଗ୍ରହଣ କରୁଛନ୍ତି। କିଶୋର ଜେନା, ଶ୍ରାବଣୀ ନନ୍ଦ, ଅନିମେଶ କୁଜୁର, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞାପ୍ରଶାନ୍ତି ସାହୁ ଓ ସବିତା ଟପ୍ପୋ ଓଡ଼ିଶା ଲାଗି ପଦକ ଜିତିବାର ସମ୍ଭାବନା ରହିଛି।

## ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍

# ନୀତୀଶ ବାଦ୍; ସୂର୍ୟାଂଶ ସାମିଲ

**ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି):** ଭାରତୀୟ କ୍ରିକେଟ୍ ଦଳ ଖୁବ୍ ଶୀଘ୍ର ୟୁକେ ଗସ୍ତ କରିବାକୁ ଯାଉଛି। ତେବେ ଏହି ଗସ୍ତ ପୂର୍ବରୁ ଭାରତକୁ ବଡ଼ ଝଟକା ଲାଗିଛି। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆଘାତଜନିତ ସମସ୍ୟା ଲାଗି ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରୁ ବାଦ ପଡ଼ିଛନ୍ତି। ଫଳରେ ବିସିସିଆଇ ତାଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ମୁମ୍ବଇ ଅଲ୍‌ରାଉଣ୍ଡର ସୂର୍ୟାଂଶ ଶେଡଗେଙ୍କୁ ଦଳରେ ସାମିଲ କରିଛି। ନିକଟରେ ଶ୍ରୀଲଙ୍କାରେ ତ୍ରି-ରାଷ୍ଟ୍ରୀୟ ସିରିଜ ଚାମ୍ପିଅନ ହୋଇଥିବା ଭାରତ-ଏ ଦଳର ସୂର୍ୟାଂଶ ସଦସ୍ୟ ରହିଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ୫ଟି ମ୍ୟାଚ୍ ଖେଳି ୧୪୭ ରନ କରିବା ସହ ୨ଟି ୱିକେଟ ନେଇଥିଲେ। ୟୁକେ ଗସ୍ତରେ ଭାରତ ପ୍ରଥମେ ଆୟର୍ଲାଣ୍ଡ ବିପକ୍ଷରେ ଜୁନ ୨୬ ଓ ଜୁନ ୨୮ରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହାପରେ ଇଂଲଣ୍ଡ ଗସ୍ତ କରି ସେଠାରେ ଘରୋଇ ଦଳ ବିପକ୍ଷରେ ପାଞ୍ଚଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ୍ ଖେଳିବ।

## ଆଇପିଏଲ୍‌ରେ ହାଇପ୍ରୋଫାଇଲ ଖେଳାଳି ଡିଲ୍

# ୧୫ କୋଟିରେ ଦିଲ୍ଲୀକୁ ଫେରିଲେ ପନ୍ତ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି)

ଆଇପିଏଲ ଇତିହାସର ଅନ୍ୟତମ ହାଇପ୍ରୋଫାଇଲ ଖେଳାଳି ଅଦଳବଦଳ ମଙ୍ଗଳବାର ଦେଖିବାକୁ ମିଳିଛି। ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଛାଡିବା ପରେ ରିଷଭ ପନ୍ତ ତାଙ୍କ ପୁରୁଣା ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିଭଳି ପନ୍ତଙ୍କ ସ୍ଥାନରେ ଦିଲ୍ଲୀର ରିଷ୍ଟ ସ୍ପିନର କୁଲଦୀପ୍ ଯାଦବ ଲକ୍ଷ୍ନୌ ଦଳରେ ସାମିଲ ହୋଇଛନ୍ତି। ୨୦୨୫ ଆଇପିଏଲ୍ ମେଗା ଖେଳାଳି ନିଲାମୀରେ ଲକ୍ଷ୍ନୌ ୨୭ କୋଟି ଟଙ୍କାରେ ପନ୍ତଙ୍କ ସହ ଚୁକ୍ତି କରିଥିଲା। ଫଳରେ ସେ ଆଇପିଏଲ୍ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ହୋଇଥିଲେ। ତେବେ ସଦ୍ୟ ଖେଳାଳି ଅଦଳବଦଳ ଡିଲ୍‌ରେ ପନ୍ତ ୧୫ କୋଟି ଟଙ୍କାର ସଂଶୋଧିତ ଚୁକ୍ତିରେ ଦିଲ୍ଲୀ ଫେରିଛନ୍ତି। ଫଳରେ ପନ୍ତଙ୍କ ୧୨ କୋଟି ଟଙ୍କା କ୍ଷତି ହୋଇଛି।



ସେହିଭଳି କୁଲଦୀପ ୧୩.୫ କୋଟି ଟଙ୍କା ଚୁକ୍ତିରେ ଲକ୍ଷ୍ନୌରେ ଯୋଗ ଦେଇଛନ୍ତି। ଗତ ସିଜନରେ ଦିଲ୍ଲୀ କୁଲଦୀପଙ୍କୁ ୧୩.୨୫ କୋଟି ଟଙ୍କାରେ ଚୁକ୍ତି କରିଥିଲା। ଫଳରେ ଆଜିର ଏହି ଡିଲ୍‌ରେ କୁଲଦୀପଙ୍କ ୨୫ ଲକ୍ଷ ଟଙ୍କା ଫାଇଦା ହୋଇଛି।

ଉଲ୍ଲେଖଯୋଗ୍ୟ ପନ୍ତ ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ୯ସିଜନ ଧରି ଦିଲ୍ଲୀ ଫ୍ରାଞ୍ଚାଇଜ ପକ୍ଷରୁ ୧୧୧ ମ୍ୟାଚ୍ ଖେଳିଥିଲେ। ଯେଉଁଥିରେ ସେ ୨୦୨୧ ରୁ ୨୦୨୪ ପର୍ଯ୍ୟନ୍ତ ୪୩ ମ୍ୟାଚରେ ଦଳର ନେତୃତ୍ୱ ଭାର ସମ୍ଭାଳିଥିଲେ। ପନ୍ତ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ୧୩୯ ମ୍ୟାଚ୍ ଖେଳିଛନ୍ତି। ସେ ୩୩.୬୦ ହାରରେ ୩୮୬୫ ରନ୍ କରିଛନ୍ତି। ଏହା ମଧ୍ୟରେ ସେ ୨ଟି ଶତକ ଏବଂ ୨୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

# ଶୀର୍ଷରେ ଶ୍ରୀ ଚରଣି

**ଦୁବାଇ, ୨୩।୬ (ଏଜେନ୍ସି):** ଯୁବ ଭାରତୀୟ ସ୍ପିନର ଶ୍ରୀ ଚରଣି ବିଶ୍ୱର ଏକ ନମ୍ବର ଟି-୨୦ ବୋଲର ହୋଇଛନ୍ତି। ଆଇସିସି ପକ୍ଷରୁ ମଙ୍ଗଳବାର ସଦ୍ୟ ପ୍ରକାଶିତ ମହିଳା ଟି-୨୦ ର୍‌ୟାଙ୍କିଙ୍ଗ୍‌ର ବୋଲିଂ ତାଲିକାରେ ଶ୍ରୀ ଚରଣି ଗୋଟିଏ ପାହାଚ ଉପରକୁ ଉଠି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଇଂଲଣ୍ଡରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ଚରଣି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି।



ତିନୋଟି ମ୍ୟାଚ୍ ଖେଳିଥିବା ଏହି ବାମହାତୀ ସ୍ପିନର ବିଶ୍ୱକପ୍‌ରେ ମୋଟ୍ ୧୦ଟି ୱିକେଟ୍ ନେଇସାରିଛନ୍ତି। ଯେଉଁଥି ପାଇଁ ତାଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ସେ ଇଂଲଣ୍ଡର ଲିନସୀ ସ୍ମିଥଙ୍କୁ ହଟାଇ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଇଂଲଣ୍ଡ ବୋଲର ଚାର୍ଲି ଡିନ୍ ର୍‌ୟାଙ୍କିଙ୍ଗ୍‌ରେ ଚତୁର୍ଥରୁ ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛନ୍ତି। ସେହିଭଳି ସୋଫି ଇକଲେଷ୍ଟୋନ ୮ମରୁ ୪ର୍ଥ ସ୍ଥାନକୁ ଉଠିଛନ୍ତି। ତେବେ ଭେଟେରାନ ଭାରତୀୟ ସ୍ପିନର ଦୀପ୍ତି ଶର୍ମା ୩ଟି ସ୍ଥାନ ହରାଇଛନ୍ତି। ସଦ୍ୟ ପ୍ରକାଶିତ ମାନ୍ୟତାରେ ସେ ୮ମ ସ୍ଥାନ ଲାଭ କରିଛନ୍ତି। ଇଂଲଣ୍ଡ ଲୌରେନ ବେଲ୍ ମଧ୍ୟ ତୃତୀୟରୁ ୭ମ ସ୍ଥାନକୁ ଖସିଯାଇଛନ୍ତି।

## ମହିଳା ଟି-୨୦ ବିଶ୍ୱକପ୍

# ଦ୍ୱିତୀୟ ବିଜୟ ସହ ନ୍ୟୁଜିଲାଣ୍ଡର ଆଶା ଉଜ୍ଜୀବିତ

**ବ୍ରିଷ୍ଟଲ, ୨୩।୬ (ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଗ୍ରୁପ୍-ବି’ର ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୬ ୱିକେଟ୍‌ରେ ସ୍କଟଲାଣ୍ଡ ମହିଳା ଦଳକୁ ପରାସ୍ତ କରିଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟଲାଣ୍ଡ ୭ ୱିକେଟରେ ୧୩୧ ରନ କରିଥିଲା। ଓପନର୍ ଡାର୍ସି କାର୍ଟର ୫୨ ବଲରେ ୭୨ ରନର ଅପରାଜିତ ପାଳି ଖେଳିଥିଲେ। ପ୍ରତିପକ୍ଷ ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟିକା ଆମେଲିଆ କେର ୩ ଏବଂ ସୋଫି ଡିଭାଇନ ୨ଟି ୱିକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୪ ୱିକେଟ୍ ହରାଇ ୧୦ଟି ବଲ୍ ବଳକା ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଇଜି ଶାର୍ପ ୬୨ ଓ ବ୍ରୁକ୍ ହଲିଡେ ୪୧ ରନର ଉପଯୋଗୀ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ଚଳିତ ବିଶ୍ୱକପର ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୱେଷ୍ଟଇଣ୍ଡିଜ (୭ ୱିକେଟ୍) ଓ ଶ୍ରୀଲଙ୍କା (୫ ୱିକେଟ) ନିକଟରୁ ହାରିଥିଲା।

# ଚାମରିଙ୍କ ଶତକରେ ଜିତିଲା ଶ୍ରୀଲଙ୍କା

**ବ୍ରିଷ୍ଟଲ,୨୩।୬(ଏଜେନ୍ସି):** ଅଧିନାୟିକା ଚାମରି ଆଟାପାଟୁଙ୍କ ଅପରାଜିତ ଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ମହିଳା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ବି’ର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୯ ୱିକେଟରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଫଳରେ ଦଳ ୪ର୍ଥ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ସେମିଫାଇନାଲ ଦୌଡ଼ରେ ରହିଛି। ଏହି ମ୍ୟାଚ୍‌ରେ ଅଧିନାୟିକା ଗାବି ଲୁଇସ୍ ୫୦ବଲ୍‌ର ସାମ୍ନା କରି ୮ ଚୌକା ସହ ୫୯ ରନ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ୫ ୱିକେଟରେ ୧୩୦ ରନ୍ କରିଥିଲା। ଜବାବରେ ଚାମରି ଆଟାପାଟୁ ୬୧ବଲ୍‌ରୁ ୧୭ ଚୌକା ଓ ୨ ଛକା ସହ ଅପରାଜିତ ୧୦୬ ରନ୍ ବଳରେ ଶ୍ରୀଲଙ୍କା ୧୫.୩ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଚାମରିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS